



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-38 ◆FRIDAY ◆1 AUG 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୮ ◆ଶୁକ୍ରବାର ◆୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏମ୍ସ ନର୍ସଙ୍କ ଘରେ ପଶି ଦୁଇ ପିଲାଙ୍କୁ ଜାଳିଦେଲେ

**ପାଟନା, ୩୧।୭ (ଏଜେନ୍ସି):** ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ବିହାରରେ ଅପରାଧୀଙ୍କ ଉତ୍ପାତ ବଢ଼ି ଚାଲିଛି। ପାଟନାରେ ଅପରାଧୀମାନେ ଯୋଜନାବଦ୍ଧ ଭାବେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟାଉଛନ୍ତି। ପାଟନାର ଜାନିପୁର ଥାନାର ନଗୱାଁ ଗାଁରେ ଦୁର୍ବୃତ୍ତମାନେ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଜଣେ ନର୍ସଙ୍କ ଘରେ ପଶି ଦୁଇ ନୀରିହ ପିଲାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ନର୍ସ ଜଣକ ହେଉଛନ୍ତି ଜାନିପୁରରେ

**ବିହାରରେ ପୁଣି ଆତଙ୍କ**



ରହୁଥିବା ଶୋଭା ଦେବୀ ଓ ତାଙ୍କ ଦୁଇ ପିଲା ହେଲେ ସନ୍ତାନ ୧୪ ବର୍ଷୀୟା ଅଞ୍ଜଳି କୁମାରୀ ଓ ୧୨ ବର୍ଷୀୟ ଅଂଶ। ଦୁଇ ପିଲା ସ୍କୁଲରୁ ଘରକୁ ଫେରିବା ପରେ ଏହି ଘଟଣା ଘଟିଥିଲା। ବିଛଣା ଉପରେ ଦୁଇଜଣଙ୍କ ମୃତଦେହ ମିଳିଥିଲା। ଦିନ ଦ୍ୱିପହରେ କେହି ପିଲାଙ୍କୁ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ନର୍ସଙ୍କ ସ୍ୱାମୀ ଲଲନ ଗୁପ୍ତା ନିର୍ବାଚନ କମିଶନ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରନ୍ତି। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଉପରିସ୍ଥ ଅଧିକାରୀଙ୍କୁ ପରିସ୍ରା ପିଆଇଲେ ପିଅନ

**ମୋହନା, ୩୧।୭ (ସମିସ):** ଯନ୍ତ୍ରୀଙ୍କୁ ପରିସ୍ରା ପିଆଇଲେ ପିଅନ। ଗଜପତି ଜିଲ୍ଲା ଆର୍.ଉଦୟଗିରି ଆର୍‌ଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟର ଯନ୍ତ୍ରୀ ସଚ୍ଚିନ ଗୌଡ଼ଙ୍କ ସହ ଏପରି ଅମାନବୀୟ ଘଟଣା ଘଟିଛି। ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ସେ କରିଥିବା ଅଭିଯୋଗ ଅନୁସାରେ, ଗତ ୨୨ ତାରିଖ ଦିନ ଆର୍.ଉଦୟଗିରି ଆରଡବ୍ଲୁଏସ୍‌ଏସ୍ ଅଫିସ୍‌ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ୨୩ ତାରିଖ ରାତିରେ ଅଫିସ୍‌ର ପିଅନ ଶିବ ନାରାୟଣ ନାୟକ ତାଙ୍କୁ ତାଙ୍କ ବାସଭବନରେ ଖାଇବାକୁ ଦେଇଥିଲେ। ଖାଇସାରିବା ପରେ ସେ ଆଣିଥିବା ଷ୍ଟିଲ୍ ବୋତଲରେ ଥିବା



ପାଣି ପିଇଥିଲେ ଯନ୍ତ୍ରୀ। ତେବେ ପିଇବା ପରେ ସେ ତାହା ପରିସ୍ରା ବୋଲି ଜାଣିବାକୁ ପାଇଥିଲେ। ସେ ନିଜେ ଏହାର ଲ୍ୟାବ୍ ଟେଷ୍ଟ ପାଇଁ ପଠାଇଥିଲେ। ପରୀକ୍ଷା ପରେ ଉକ୍ତ ପାଣିରେ ଆମୋନିଆ ଏବଂ ୟୁରିଆର ପରିମାଣ ଅଧିକ ଥିବା ଜଣାପଡ଼ିଥିଲା। ଏନେଇ ତଦନ୍ତ ପାଇଁ ଯନ୍ତ୍ରୀଜଣଙ୍କ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନ ନିଆଯିବାରୁ ଏ ସଂପର୍କରେ ସେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପିଅନ ଶିବନାରାୟଣ ନାୟକ ତାଙ୍କ ଉପରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

**ଟ୍ରମ୍ପଙ୍କ କଟାକ୍ଷ**

# ରୁଷ ସହ ବୁଡ଼ିବ ଭାରତ

## ଭାରତ ଏକ ମୃତ ଅର୍ଥନୀତି

### ପ୍ରଭାବିତ ହେବ ଭାରତର ଅର୍ଥନୀତି

### ୯୦ ଟଙ୍କା ପର୍ଯ୍ୟନ୍ତ ଖସିବ ଟଙ୍କାମୂଲ୍ୟ

**ୱାଶିଂଟନ୍/ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଶୁଳ୍କ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ୫ଟି ପର୍ଯ୍ୟାୟ କଥାବାର୍ତ୍ତା ନିଷ୍ଫଳ ହୋଇଛି । ଭାରତ ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୫% ଶୁଳ୍କ ଲଗାଇଛନ୍ତି ଓ ଆସନ୍ତାକାଲିଠାରୁ ଏହା କାର୍ଯ୍ୟକାରୀ ହେବ । ରୁଷ ସହ ଭାରତର ସମ୍ପର୍କ ଓ ରୁଷରୁ ଅଶୋଧିତ ତୈଳ କ୍ରୟ ଯୋଗୁଁ କ୍ରୋଧାନ୍ୱିତ ଟ୍ରମ୍ପ ଭାରତ ଉପରେ ରାଗ ଶୁଝାଇଛନ୍ତି । କେବଳ ସେତିକି ନୁହେଁ, ଭାରତର ପାରମ୍ପରିକ ଶତ୍ରୁ ପାକିସ୍ତାନକୁ ପ୍ରୋତ୍ସାହିତ କରିବା ପରି ପଦକ୍ଷେପ ନେଉଛନ୍ତି । ଯାହା ଫଳେ ର ଭାରତର ଅର୍ଥନୀତି ଗଭୀର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଟ୍ରମ୍ପଙ୍କ ଘୋଷଣା ପରେ ଟଙ୍କା ମୂଲ୍ୟ୦.୨% ହ୍ରାସ ପାଇଛି ଓ ଆଜି ଡ଼ଲାର ସହ ଟଙ୍କାର ବିନିମୟ ମୂଲ୍ୟ ୮୭.୫୮ ଟଙ୍କାରେ ପହଞ୍ଚିଛି। ଟଙ୍କାର ବିନିମୟ



ମୂଲ୍ୟ ୯୦ ଟଙ୍କାରେ ପହଞ୍ଚିପାରେ ବୋଲି ଭାରତୀୟ ଅର୍ଥଶାସ୍ତ୍ରୀମାନେ ଆକଳନ କରୁଛନ୍ତି ।

ବିଡ଼ମ୍ବନା ହେଉଛି ଯେତେବେଳେ ଆମେରିକୀୟ ବ୍ୟବସାୟିକ ପ୍ରତିନିଧିଦଳ ଭାରତ ଗସ୍ତରେ ଦ୍ୱିପାକ୍ଷିକ ବାଣିଜ୍ୟ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି, ଠିକ୍ ସେହି ସମୟରେ ଟ୍ରମ୍ପ ଭାରତ ଉପରେ ଟିକସ ଲଗାଇଛନ୍ତି । ଗତ ମାର୍ଚ୍ଚ ମାସରୁ ଦୁଇ ଦେଶ ପାରସ୍ପରିକ ▶ପୃଷ୍ଠା-୭

### ପ୍ରଭାବିତ ହେବ ଓଡ଼ିଶା

ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଯୋଗୁଁ ଦେଶର ଅର୍ଥନୀତି ସହ ଓଡ଼ିଶାର ଅର୍ଥନୀତି ମଧ୍ୟ ଗଭୀର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଓଡ଼ିଶାରୁ ବିପୁଳ ପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକା ରପ୍ତାନୀ ହୋଇଥାଏ । ଏକ ଆକଳନ ଯୋଗୁଁ ସାରା ଦେଶରୁ ଗତ ଆର୍ଥିକ ବର୍ଷରେ ୪.୮୮ ବିଲିଅନ ଡ଼ଲାରର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଛି ଏବଂ ଏହାର ସିଂହଭାଗ ଆମେରିକା ଓ ଚୀନକୁ ପଠାଯାଇଛି। ମୋଟ ସାମୁଦ୍ରିକ ଖାଦ୍ୟର ୬୬% ଚିଙ୍ଗୁଡ଼ି ଭାରତରୁ ରପ୍ତାନୀ କରାଯାଇଛି । ସାରା ଦେଶରୁ ଆମେରିକାକୁ ରପ୍ତାନୀ ହୋଇଥିବା ଚିଙ୍ଗୁଡ଼ିର ପ୍ରାୟ ୩୦% ଓଡ଼ିଶାରୁ ପଠାଯାଇଛି। ତେଣୁ ଆମେରିକାର ଶୁଳ୍କ ଯୋଗୁଁ ଓଡ଼ିଶାରୁ ଚିଙ୍ଗୁଡ଼ି ରପ୍ତାନୀ ବାଧାପ୍ରାପ୍ତ ହୋଇପାରେ ବୋଲି କୁହାଯାଉଛି ।

### କ୍ଷତି ସହିବେ ରପ୍ତାନୀକାରୀ

ଟ୍ରମ୍ପଙ୍କ ଶୁଳ୍କ ବିଶେଷ ଭାବରେ ଭାରତୀୟ ଆମଦାନୀ ଉପରେ ଲାଗୁହେବ, ଯେଉଁଥିରେ ଇସ୍ପାତ, ଅଟୋ ଯନ୍ତ୍ରାଂଶ, ଔଷଧ ଏବଂ ବୟନ ଶିଳ୍ପ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ। ବଜାର ବିଶେଷଜ୍ଞ ଅଜୟ ବାଗା କହିଛନ୍ତି, ଟ୍ରମ୍ପ ଶୁଳ୍କ ଭାରତୀୟ ବଜାରରେ ଅସ୍ଥିରତା ବୃଦ୍ଧି କରିବ ଓ ନିବେଶକଙ୍କ ବିଶ୍ୱାସକୁ ଦୁର୍ବଳ କରିପାରେ। ଆମେରିକୀୟ ବଜାର ଉପରେ ନିର୍ଭରଶୀଳ ଭାରତୀୟ ଅଟୋ, ଫାର୍ମା ଏବଂ ଇସ୍ପାତ କ୍ଷେତ୍ରର କମ୍ପାନୀ କ୍ଷତିଗ୍ରସ୍ତ ହେବେ।

### ୬ ଭାରତୀୟ କମ୍ପାନୀ ଉପରେ କଟକଣା

**ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି):** ଇରାନ ସହ ପେଟ୍ରୋକେମିକାଲ୍ ଉତ୍ପାଦ ବ୍ୟବସାୟରେ ଜଡିତ ୬ ଭାରତୀୟ କମ୍ପାନୀ ଆଲକେମିକାଲ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିମିଟେଡ, ଜୁପିଟର୍ ଡାଏ କେମ ପ୍ରାଇଭେଟ୍ ଲିମିଟେଡ୍, ରମଣୀକଲାଲ୍ ଏସ୍ ଗୋସାଲିଆ ଆଣ୍ଡ କୋ, ପର୍ସିଷ୍ଟେଣ୍ଟ ପେଟ୍ରୋକେମ ପ୍ରାଇଭେଟ୍ ଲିମିଟେଡ୍ ଏବଂ କାଞ୍ଚନ ପଲିମର୍ସ। ଉପରେ କଟକଣା ଲଗାଇଛି ଆମେରିକା। ଭାରତୀୟ କମ୍ପାନୀଗୁଡ଼ିକ ଇରାନ ପେଟ୍ରୋଲିୟମ୍ ଉତ୍ପାଦ କ୍ରୟ ଏବଂ ବିପଣନ ପାଇଁ ଜାଣିଶୁଣି କାରବାର ବୃଦ୍ଧି କରିଥିବା ଅଭିଯୋଗରେ ଏହି କଟକଣା ଜାରି କରାଯାଇଛି ।

### ଦିନକ ପରେ ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

## ସରକାରଙ୍କ ଆଭିମୁଖ୍ୟକୁ ନେଇ ସଂଶୟ

**ଭୁବନେଶ୍ୱର, ୩୧।୭ (ସମିସ):** ଆସନ୍ତା ଶନିବାର ହେବ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ୪୪ତମ ଶୁଣାଣି। ଏହି ଶୁଣାଣି ସମୟରେ ଓଡ଼ିଶାର ଆଭିମୁଖ୍ୟ କଣ ରହିବ, ତାହା ଜାଣିବା ପାଇଁ ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ପର୍ଯ୍ୟନ୍ତ ସମସ୍ତେ ଉଦ୍‌ବିଗ୍ନ। ଗତ ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବିବାଦର ସମାଧାନ ପାଇଁ ଦୁଇରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ଜାରି ରହିଥିବା ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏଥିପାଇଁ ଶ୍ରୀ ଆଚାର୍ଯ୍ୟ ଅଧିକ ସମୟ ମାଗିଥିଲେ ଓ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାରି ତାରିଖ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ କରିଥିଲେ। ଶୁଣାରି ପାଇଁ ପାଇଁ ରାଜ୍ୟ ସରକାରଙ୍କ ହାତରେ ଦିନଟିଏ ଥିବାବେଳେ

- ଆଇନଗତ ଲଢ଼େଇ ସମ୍ପର୍କରେ ନିରବ
- ବୁଝାମଣା ସ୍ୱରୂପ ସ୍ପଷ୍ଟ କରିବାକୁ ଦାବି

ଉଭୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ କେଉଁ ପ୍ରକାର ଆଲୋଚନା ହୋଇଛି, ସେ ସମ୍ପର୍କରେ ସରକାର ନିରବ। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ କ୍ଷୋଭ ପ୍ରକାଶ କରିବା ସହ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କଣ ହୋଇଛି ଏବଂ ଓଡ଼ିଶା ଆଇନଗତ ଲଢ଼େଇରୁ ଓହରି ଯିବ ନା ଜାରି ରଖିବ ସେନେଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ ହେଁ ସରକାର ଏ ସମ୍ପର୍କରେ ତୁଣ୍ଡ ଖୋଲି ନାହାନ୍ତି। ଏହି ସମୟରେ ▶ପୃଷ୍ଠା-୭

## ଉତ୍କଳକୁ ସଂକଟ 'ସଂଗତୀକରଣ'

### କମିବ ୧୭ ପ୍ରାଧ୍ୟାପକ ଓ ୨୪ ସହଯୋଗୀ ପ୍ରାଧ୍ୟାପକ ପଦ

**ଭୁବନେଶ୍ୱର, ୩୧।୭ (ସମିସ):** ଶ୍ରୀ ହରାଇବ ରାଜ୍ୟର ପ୍ରଥମ ତଥା ସର୍ବପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'। ଶୈକ୍ଷିକ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହେବ। ଏପରିକି, ଗବେଷଣା ମଧ ବାଟବଣା ହେବାର ଆଶଙ୍କା ପାଇଛି। କାରଣ ଅଧାରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ସଂଗତୀକରଣ (ରେସନାଲାଇଜେସନ୍) ନାମରେ ଆହୁରି ପ୍ରଧ୍ୟାପକ ଓ ସହଯୋଗୀ ପ୍ରାଧ୍ୟାପକ ପଦ ହରାଇବାକୁ ଯାଉଛି ଏହି ଐତିହ୍ୟସଂପନ୍ନ



**ଖାଲିପଡ଼ିଛି ଅର୍ଦ୍ଧାଧିକ ଅଧ୍ୟାପକ ପଦ**

**ବାଧାପ୍ରାପ୍ତ ହେବ ଗୁଣାତ୍ମକ ଶିକ୍ଷା**

ବିଶ୍ୱବିଦ୍ୟାଳୟ। ୧୭ଟି ପ୍ରାଧ୍ୟାପକ ସମେତ ୨୪ଟି ସହଯୋଗୀ ପ୍ରାଧ୍ୟାପକ ପଦ କାଟିବାକୁ ଷଡ଼୍‌ଯନ୍ତ୍ର ହେଉଥିବା ଅଭିଯୋଗ ହୋଇଛି।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍କୁଲ ବ୍ୟବସ୍ଥା ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ସବୁ ବିଶ୍ୱବିଦ୍ୟାଳୟରୁ କିଛି ପଦ ଉଚ୍ଛେଦ କରି ଅନ୍ୟ ବିଶ୍ୱବିଦ୍ୟାଳୟରେ ପୂରଣ କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ପରିଷଦ ୪ଜଣ କୁଳପତିଙ୍କୁ ନେଇ ଏକ କମିଟି ▶ପୃଷ୍ଠା-୭

## ଝାଡ଼ାବାନ୍ତିରେ ୪ ମୃତ

### ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍



**କୋରାପୁଟ, ୩୧।୭ (ସମିସ):** ଗତ କିଛି ଦିନ ମଧ୍ୟରେ ବୋରିଗୁମ୍ମା ବ୍ଲକ୍ ମାଲଦା ଗ୍ରାମରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ବୋରିଗୁମ୍ମା ବ୍ଲକ ମାଲଦା ଗ୍ରାମରେ ଏବେ ଝାଡ଼ାବାନ୍ତି ବ୍ୟାପିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଝାଡ଼ାବାନ୍ତି ସୂଚନା ପାଇବା ପରେ ମେଡ଼ିକାଲ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

ଗୁରୁବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବୋରିଗୁମ୍ମା ବ୍ଲକ କର୍ମଚାରୀ ,ଏଏନଏମ ଏବଂ ଅନ୍ୟ କର୍ମଚାରୀ ଗାଁରେ ପହଞ୍ଚି ଘରକୁ ଘର ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରୀ ଦଳ ଗ୍ରାମବାସୀ ବ୍ୟବହାର କରୁଥିବା ନଳକୂପ, ଗଭୀର କୂପ ଏବଂ ପାଇପ୍ ଲାଇନ୍ ପାଣି ସାମ୍ପୁଲ ପରୀକ୍ଷା କରିଥିଲେ। ଲୋକଙ୍କୁ ସଚେତନ କରି ଖାଇବା ପୂର୍ବରୁ ହାତ ସଫା କରିବା, ବାସି ଖାଦ୍ୟ ନ ଖାଇବା, ପାଣିକୁ ଫୁଟାଇ ସେଥିରେ ହାଲୋଜେନ ଟାବଲେଟ୍ ପକାଇ ପିଇବା ପାଇଁ ପରାମର୍ଶ ଦେଇଥିଲେ। ଗାଁରେ ନାଳନର୍ଦ୍ଦମା ସଫା ସୁତୁରା ରଖିବା ପାଇଁ ମଧ କହିଛନ୍ତି। ଗାଁରେ ମେଡ଼ିକାଲ କ୍ୟାମ୍ପ୍ କରି ସପ୍ତାହେ ଯାଏ ୨୪ ଘଣ୍ଟା ସେବା ଯୋଗାଇ ଦେବାକୁ ମେଡ଼ିକାଲ ଅଫିସର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋଟପାଡ଼ ବିଧାୟକ ରୁପୁ ଭତ୍ରା ସ୍ଥିତି ଅନୁଧ୍ୟାନ କରିବା ପାଇଁ ମାଲଦା ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ମେଡ଼ିକାଲ ଟିମ ସହ ଆଲୋଚନା କରିଥିଲେ। ଲୋକେ ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ କିଛି ଦିନ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣି ଯୋଗାଇ ଦେବେ ବୋଲି କହିଛନ୍ତି। ବୋରିଗୁମ୍ମା ବିଡ଼ିଓ ମଧ୍ୟ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ୪ଜଣଙ୍କ ମୃତ୍ୟୁ ଝାଡ଼ାବାନ୍ତି ନା ଅନ୍ୟ କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

## ନାବାଳିକାକୁ ୧୪ ଦିନ ଧରି ଦୁଷ୍କର୍ମ

**ରାଉରକେଲା, ୩୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅଧୀନ ତଳସରା ଥାନା ଅଞ୍ଚଳରେ ଜଣେ ୧୭ବର୍ଷୀୟା ନାବାଳିକାକୁ ତାର ପୁରୁଷ ବନ୍ଧୁ ଏକ ବନ୍ଦ କୋଠରୀରେ ଦୀର୍ଘ ୧୪ ଦିନ ଧରି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ପୀଡ଼ିତାକୁ ଉଦ୍ଧାର କରିବା ସହ ତାର ପୁରୁଷ ବନ୍ଧୁକୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ମୁତାବକ, ଗତ ୧୬ ତାରିଖରେ ସମ୍ପୃକ୍ତ ନାବାଳିକାକୁ ତାର ପୁରୁଷବନ୍ଧୁ ବୁଲିବାକୁ କହି ଡାକି ନେଇଥିଲା। ତଳସରା ସୀମାନ୍ତବର୍ତ୍ତୀ ଏକ ଭଡ଼ା ଘରେ ସେ ନାବାଳିକାକୁ ରଖି ଦୁଷ୍କର୍ମ କରିଥିଲା। ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୧୪ ଦିନ ରଖି ଦୁଷ୍କର୍ମ କରିଚାଲିଥିଲା। ସେପଟେ ନାବାଳିକା ଘରକୁ ନଫେରିବାରୁ



**ସୁନ୍ଦରଗଡ଼ରେ ଲଜ୍ଜା!**

ପରିବାରଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ନାବାଳିକାର ମୋବାଇଲ ଫୋନ ବନ୍ଦ ଥିବାରୁ ପରିବାର ଲୋକ ତା' ବିଷୟରେ କିଛି ଜାଣିପାରି ନଥିଲେ। ପରେ ୨୦ ତାରିଖରେ ପରିବାର ପକ୍ଷରୁ ତଳସରା ଥାନାରେ ଝିଅ ନିଖୋଜ ହୋଇଥିବା ନେଇ ରିପୋର୍ଟ ଦିଆଯିବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା। ବୁଧବାର ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତଳସରା ଥାନା ପୁଲିସ ଖବର ପାଇ ବନ୍ଦ ଘରୁ ନାବାଳିରାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁକୁ ଗିରଫ କରିଥିଲା। ଗୁରୁବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

**ପୁରୀ ରଥଯାତ୍ରା ଦଳାଚକଟା ଘଟଣା**

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ ରିପୋର୍ଟ ଦେଲେ ଉନ୍ନୟନ କମିସନର

**ଭୁବନେଶ୍ୱର, ୩୧।୭ (ସମିସ):** ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି ଉନ୍ନୟନ କମିସନର ଅନୁ ଗର୍ଗ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ଏହି ରିପୋର୍ଟ ଦାଖଲ କରିଛନ୍ତି। ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏହା ଉପରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେବେ ସେନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି।



ସୂଚନାଯୋଗ୍ୟ ଯେ ଗତ ଜୁନ ୨୯ ତାରିଖ ଭୋର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅପ୍ରୀତିକର ଘଟଣାରେ ▶ପୃଷ୍ଠା-୭

**ସରକାର ଉଦାସୀନ, ଚାଷୀ ହନ୍ତସନ୍ତ**

## ଆଖୁ ଚାଷର ଆଖି ବନ୍ଦ

**ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଚିନି, ଗୁଡ଼ ଓ ଆଖୁ ଉତ୍ପାଦର ଆବଶ୍ୟକତା ପ୍ରତିବର୍ଷ ବଢ଼ୁଛି; ମାତ୍ର ଆଖୁ ଚାଷ ପ୍ରତିବର୍ଷ କମି କମି ଚାଲିଛି। ଗୋଟିଏପଟେ ଚିନିର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ଆଖୁ ଚାଷ କମିବା ଯୋଗୁଁ ଅନ୍ୟ ରାଜ୍ୟ ଉପରେ ଓଡ଼ିଶା ଅଧିକ ନିର୍ଭରଶୀଳ ହେଉଛି। ରାଜ୍ୟରେ ଆଖୁ ଚାଷ ହ୍ରାସ ହେବା ସହ ଚିନି କଳ ବନ୍ଦ ହେବାରେ ଲାଗିଛି ଓ ଆଖୁ ଚାଷୀଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ଏ ସମ୍ପର୍କରେ ରାଜ୍ୟସ୍ତରୀୟ କମିଟି, ବିଧାନସଭାରେ କୃଷି ବିଭାଗ ଷ୍ଟାଣ୍ଡିଂ କମିଟି ବିଭିନ୍ନ ସମୟରେ ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ ନାହିଁ କିମ୍ବା ଆଖୁ ଚାଷକୁ ପ୍ରୋତ୍ସାହିତ କରିବା ପରି କାର୍ଯ୍ୟକ୍ରମ ହାତକୁ ନିଆଯାଉ ନାହିଁ। ମାତ୍ର ସରକାର ଆଖୁ ଚାଷ ପ୍ରତି ଆଖି ବୁଜି ଦେଇଛନ୍ତି। ବିଜେପି ସରକାର କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେଉଥିବା ଡିଣ୍ଡିମ ପିଟୁଥିଲେ ବି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କୌଣସି ଚାଷରେ ସଂସ୍କାର ଆସିପାରୁନି।

### କ୍ରମାଗତ ଭାବେ କମୁଛି ଉତ୍ପାଦନ

### ବନ୍ଦ ହେବାରେ ଲାଗିଛି ଚିନି କଳ

ପରିସଂଖ୍ୟାନ ଅନୁସାରେ ଓଡ଼ିଶାରେ ଚିନିର ଆବଶ୍ୟକତା ବାର୍ଷିକ ପ୍ରାୟ ୪ଲକ୍ଷ ଟନ୍। ମାତ୍ର ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦ ହେବାରେ ଲାଗିଛି। ଏହାଦ୍ୱାରା ଆମକୁ ବାହାର ରାଜ୍ୟରେ ଉତ୍ପାଦିତ ଚିନି ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ବର୍ତ୍ତମାନ ସମୟରେ ଆସିକା ଚିନି କଳ ଦୟନୀୟ ସ୍ଥିତିରେ ଚାଲୁଥିବାବେଳେ ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରର ତୋରା ଆଦି ଚିନି କାରଖାନା ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ବେସରକାରୀ ଉଦ୍ୟମରେ ଢେଙ୍କାନାଳ ଚିନି କାରଖାନାଟି କଷ୍ଟେମଷ୍ଟେ ଚାଲିଛି। ଚିନି କାରଖାନା ସବୁ ବନ୍ଦ ହୋଇଯିବା ଯୋଗୁଁ ଆଖୁ ବିକ୍ରି ସମସ୍ୟା ଓ ଆଖୁଚାଷ ପାଇଁ ପ୍ରୋତ୍ସାହନ ମିଳୁନି। ଫଳସ୍ୱରୂପ ଚାଷୀ ଆଖୁ ଚାଷରୁ ମୁହଁ ଫେରାଇ ନେଉଛି। ନବରଙ୍ଗପୁର, କୋରାପୁଟ ଆଦି ଜିଲ୍ଲାରେ ଭଲ ଆଖୁ ଉତ୍ପାଦନ ପାଇଁ ଅନୁକୂଳ ପରିବେଶ ଥିବା ସତ୍ତ୍ୱେ ଚାଷୀମାନେ ଆଖୁଚାଷ କରିବାକୁ ▶ପୃଷ୍ଠା-୭

## ବିରତି ନେବ ମୌସୁମୀ

**ଭୁବନେଶ୍ୱର, ୩୧।୭ (ସମିସ):** ପଛକୁ ପଛ ଲଘୁଚାପ ଯୋଗୁଁ ସକ୍ରିୟ ରହିଥିବା ମୌସୁମୀ କିଛି ସମୟ ପାଇଁ ବିରତି ନେବ। ଏହି ବିରତି ଅଗଷ୍ଟ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ପ୍ରାୟ ୧୨ ତାରିଖ ଯାଏଁ ଜାରି ରହିବ। ଏହି ସମୟରେ ମୌସୁମୀ ବାୟୁ ନିଷ୍କ୍ରିୟ ହେବା ଫଳରେ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ ମୌସୁମୀ ଓଡ଼ିଶା ଛୁଇଁବାର

- **ବଢ଼ିବ ତାପମାତ୍ରା, ବୃଦ୍ଧି ପାଇବ ବଜ୍ରପାତ**
- **ଅଗଷ୍ଟ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା**

ମାସେରୁ ଦେଢ଼ ମାସ ପରେ ଏହି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଦେଢ଼ ସପ୍ତାହ ମୌସୁମୀ ବ୍ରେକ୍ ଲାଗିଥିଲା। ପୁଣି ଏହି ସ୍ଥିତି ସହ ଚଳିତ ବର୍ଷ ଦ୍ୱିତୀୟ ବିରତି ଆରମ୍ଭ ହେବାକୁ ଯାଉଛି। ସାଧାରଣତଃ ମୌସୁମୀ ବିରତି ସମୟରେ ଆକାଶ ନିର୍ମଳ ରହିଥାଏ ଓ ସୂର୍ଯ୍ୟକିରଣ ▶ପୃଷ୍ଠା-୭

## ରୁଷରେ କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ଭୂମିକମ୍ପ

ଭ୍ଲାଡିଭୋଷ୍ଟିକ୍, ୩୧।୭ (ଏଜେନ୍ସି): ରୁଷିଆରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ମଧ୍ୟ ଭୂକମ୍ପ ଆସିଛି। ରୁଷିଆର ପୂର୍ବାଞ୍ଚଳରେ ଥିବା କୁରିଲ ଦୀପରେ ଗୁରୁବାର ସକାଳେ ଆସିଥିବା ଭୂକମ୍ପର ତୀବ୍ରତା ୬.୫ ଥିଲା। ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନ୍‌ସିଏସ୍) ମୁତାବକ ଏହି ଭୂକମ୍ପ ଭାରତୀୟ ସମୟ ଅନୁସାରେ ସକାଳ ୧୦.୫୭ରେ ଆସିଥିଲା ଓ ଏହାର ଗଭୀରତା ୧୦ କିମି ଥିଲା। ପୂର୍ବରୁ ବୁଧବାର କୁରିଲ ଦୀପ ନିକଟସ୍ଥ ସମୁଦ୍ରରେ ୮.୮ ତୀବ୍ରତାର ଭୂକମ୍ପ ଆସିଥିଲା। ଏହା ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ଥିଲା। କିନ୍ତୁ ଏଥିରେ ଏପର୍ଯ୍ୟନ୍ତ ମୃତାହତର କୌଣସି ଖବର ଆସିନାହିଁ। ଏହି ଭୂକମ୍ପ ପରେ ରୁଷ, ଜାପାନ, ଚୀନ୍ ସମେତ ଏପରିକି ଆମେରିକା ପର୍ଯ୍ୟନ୍ତ ସୁନାମୀର ଲହଡି ପହଞ୍ଚିଥିଲା। ରୁଷରେ ଏହି ସୁନାମୀର ଉଚ୍ଚତା ୪ ମିଟର ଥିବା ବେଳେ ଆମେରିକାରେ ଏହାର ଉଚ୍ଚତା ୧ ମିଟର ଥିଲା। କୁରିଲରେ ଗତକାଲି ମଧ୍ୟ ୬.୩ ତୀବ୍ରତା ବିଶିଷ୍ଟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଏହାକୁ ବାଦ୍ ଦେଲେ କାମଚଟକାରେ ମଧ୍ୟ ଭୂକମ୍ପ ପରେ ଆଗ୍ନେୟଗିରିରେ ବିସ୍ଫୋରଣ ହୋଇଥିଲା। ୮.୮ ତୀବ୍ରତା ବିଶିଷ୍ଟ ଭୂକମ୍ପ ଆସିବା ପରେ ଗତ ୧୬ ଘଣ୍ଟା ମଧ୍ୟରେ ରୁଷ ଓ ତା'ର ଆଖପାଖ ଅଞ୍ଚଳରେ ୧୨୫ଟି ଭୂକମ୍ପର ପରବର୍ତ୍ତୀ ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ଆମେରିକାର ଜିଓଲୋଜିକାଲ ସର୍ଭେ ତରଫରୁ ସୂଚନା ଦିଆଯାଇଛି।

## ବିହାରପ୍ରସଙ୍ଗ ।।ରେସଂସଦଅଚଳ

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ଆଜି ସଂସଦ ।।ରେ ପୁଣି ହଟ୍ଟଗୋଳ ହୋଇଛି। ବିରୋଧୀ ଦଳର ସଭ୍ୟମାନେ ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଉଭୟ ରାଜ୍ୟସଭା ଏବଂ ଲୋକସଭାରେ ହଟ୍ଟଗୋଳ କରିଥିଲେ। ରାଜ୍ୟସଭାରେ ବିରୋଧୀମାନେ ହଟ୍ଟଗୋଳ କରୁଥିବା ବେଳେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଆମେରିକାର ୨୫ ପ୍ରତିଶତ ଶୁଳ୍କ ଉପରେ ନିଜ ଆଡୁ ବୟାନ ଦେଇଥିଲେ। ଏହାଉପରେ ବିରୋଧୀମାନେ ତାଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିବାକୁ ଉଦ୍ୟମ କରିବାରୁ ଉପାଧ୍ୟକ୍ଷ ଏଥିପାଇଁ ଅନୁମତି ଦେଇନଥିଲେ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଲୋକସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା। ଜିରୋ ଆୱାରରୁ ହିଁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଫଳରେ ବାଚସ୍ପତି ଗୃହକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ କରିଦେଇଛନ୍ତି। ସଂସଦରେ ତିନି ଦିନ ଧରି ଅପରେସନ ସିନ୍ଦୂର ଉପରେ ଆଲୋଚନା ହୋଇଥିଲା। ତେବେ ଆଜି ବିହାର ଉପରେ ଆଲୋଚନା ପାଇଁ ବିରୋଧୀ ଜିଦ୍ ଧରିଥିଲେ।

## ମୁମ୍ବାଇରେ ୮ କୋଟିର ଡ୍ରଗ୍ସ ଜବତ

ମୁମ୍ବାଇ, ୩୧।୭ (ଏଜେନ୍ସି): ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୮ କୋଟିର ଡ୍ରଗ୍ସ ଜବତ ହୋଇଛି। ବ୍ୟାଙ୍କକରୁ ଆସିଥିବା ଦୁଇଟି ବିମାନରୁ ଗଞ୍ଜେଇ ଜବତ କରାଯାଇଛି। ମୁମ୍ବାଇ କଷ୍ଟମ ଅଧିକାରୀମାନେ ଜୁଲାଇ ୨୯ ଓ ୩୦ ତାରିଖରେ ଏହି ଡ୍ରଗ୍ସ ଜବତ କରିଛନ୍ତି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ବ୍ୟାଙ୍କକ୍ ବିମାନରୁ ଅବତରଣ କରିଥିବା ୩ ଜଣ ଯାତ୍ରୀଙ୍କୁ ଅଟକ ରଖାଯାଇଥିଲା। ଏମାନଙ୍କଠାରୁ ଯାଞ୍ଚ କରାଯିବା ପରେ ୧.୯୯୦ କେଜି ଗଞ୍ଜେଇ ମିଳିଥିଲା। ବଜାରରେ ଏହାର ମୂଲ୍ୟ ପାଖାପାଖି ୨ କୋଟି ଟଙ୍କା ବୋଲି କୁହାଯାଇଛି। ସେହିପରି ବ୍ୟାଙ୍କକରୁ ଆସିଥିବା ୬ଇ ୧୦୬୦ ବିମାନରେ ଜଣେ ଯାତ୍ରୀଙ୍କ ପାଖରୁ ୬.୨୨ କେଜି ଗଞ୍ଜେଇ ଜବତ କରାଯାଇଥିଲା ଓ ଏହାର ମୂଲ୍ୟ ୬ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ଦୁଇଟି ମାମଲାରେ କଷ୍ଟମ ଅଧିକାରୀମାନେ ମୋଟ ଉପରେ ୮ କୋଟି ଟଙ୍କାର ଡ୍ରଗ୍ସ ଜବତ କରିଛନ୍ତି। ଏହି ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ପାଖାପାଖି ୪ ମାସ ତଳେ ଗୁଜରାଟ୍‌ରେ ଇଣ୍ଡିଆନ କୋଷ୍ଟ ଗାର୍ଡ (ଆଇସିଜି) ୩୦୦ କେଜି ଡ୍ରଗ୍ସ ଜବତ କରିଥିଲା ଓ ଏହାର ମୂଲ୍ୟ ପାଖାପାଖି ୧, ୮୦୦ କୋଟି ଟଙ୍କା ବୋଲି କୁହାଯାଇଥିଲା।

## ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବ କାନାଡ଼ା

ଓଟାୱା, ୩୧।୭ (ଏଜେନ୍ସି): ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ପାଇଁ ପାଶ୍ଚାତ୍ୟ ଦେଶଗୁଡିକରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ଫ୍ରାନ୍ସ ଓ ବ୍ରିଟେନ ପରେ କାନାଡା ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ମାନ୍ୟତା ଦେବାକୁ ଅଣ୍ଟା ଭିଡିଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏନେଇ ଘୋଷଣା କରିଛନ୍ତି। ଆଗାମୀ ସେପ୍ଟେମ୍ବରରେ ଜାତିସଂଘରେ ଆୟୋଜନ ହେବାକୁ ଥିବା ସାଧାରଣ ସଭାରେ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜି-୭ର ତୃତୀୟ ରାଷ୍ଟ୍ର ଭାବେ କାନାଡା ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛି। ଗାଜା ପଟିରେ ଗତ ଦୁଇ ବର୍ଷ ହେବ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଚାଲିଛି। ଏଠାରେ ଖାଦ୍ୟ ଓ ଜଳ ସଂକଟ ଦେଖାଦେଇଛି। ଏଥିପାଇଁ ବିଶ୍ୱରେ ଇସ୍ରାଏଲ ଉପରେ ଚାପ ବୃଦ୍ଧି ପାଇବାରେ ଲାଗିଛି। ଅବଶ୍ୟ ପାଲେଷ୍ଟାଇନକୁ ମାନ୍ୟତା ଦେବାରେ କାନାଡ଼ା କେତୋଟି ସର୍ତ୍ତ ରଖିଛି। ଏଥିସହ କାର୍ଣ୍ଣି ପାଲେଷ୍ଟାଇନ୍‌କୁ ୬୩ କୋଟିର ଆର୍ଥିକ ସାହାଯ୍ୟ ଦେବାକୁ ମଧ୍ୟ ଘୋଷଣା କରିଛନ୍ତି।

## ଏଫ୍-୩୫ ବିମାନ ଦୁର୍ଘଟଣା

ଲସ ଏଞ୍ଜେଲ୍ସ, ୩୧।୭ (ଏଜେନ୍ସି): କାଲିଫର୍ଣ୍ଣିଆ ରାଜ୍ୟର କେନ୍ଦ୍ରରେ ଥିବା ଲିମୁର ନାଭାଲ ଏୟାର ଷ୍ଟେସନରେ ଆମେରିକା ନୌସେନାର ଏଫ୍-୩୫ ଲଢୁଆ ବିମାନ ଦୁର୍ଘଟଣା ସମ୍ମୁଖୀନ ହୋଇଛି। କିନ୍ତୁ ପାଇଲଟ ଅଳ୍ପକେ ରକ୍ଷା ପାଇଛନ୍ତି। ବୁଧବାର ସନ୍ଧ୍ୟା ୬ଟା ୩୦ରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା କାରଣ ଜଣାପଡ଼ିନାହିଁ ଓ ଏହା ତଦନ୍ତ ପରିସରଭୁକ୍ତ ରହିଛି। ସେଣ୍ଟ୍ରାଲ କାଲିଫର୍ଣ୍ଣିଆର ଫ୍ରେନ୍ସୋ ସହରର ଦକ୍ଷିଣ ପଶ୍ଚିମକୁ ୬୪ କିମି ଦୂରରେ ଟ୍ରେନିଂ ମିସନରେ ଥିବା ବେଳେ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନର ମୂଲ୍ୟ ୧୦୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ୮୭୫ କୋଟି ୮୭ ଲକ୍ଷ ଟଙ୍କା। ଗତକିଛି ବର୍ଷ ହେବ ଏହି ବିମାନର ମେଣ୍ଟେନାନ୍ସ ଓ ରେଡିନେସ ନେଇ ବିବାଦ ସୃଷ୍ଟି ହୋଇଥିଲା।

## ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ପିଲା ୟୁଟ୍ୟୁବ୍‌ରେ ଆକାଉଣ୍ଟ ଖୋଲିପାରିବେନି




କାନବେରା, ୩୧।୭ (ଏଜେନ୍ସି): ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ବୟସ୍କ ପିଲା ସୋସିଆଲ ମିଡିଆ ୟୁଟ୍ୟୁବ୍‌ରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ଆଗାମୀ ଡିସେମ୍ବର ୧୦ରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ଅଷ୍ଟ୍ରେଲିଆ ଟେଲିକମ୍ୟୁନିକେସନ ମନ୍ତ୍ରୀ ଅନିକା ବେଲ୍ସ କହିଛନ୍ତି। ତେବେ ପିଲାମାନେ ୟୁଟ୍ୟୁବ ବ୍ୟବହାର କରି ଭିଡିଓ ଦେଖିପାରିବେ ବୋଲି କୁହାଯାଇଛି। ଗତବର୍ଷ ନଭେମ୍ବରରେ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରିବାକୁ ସଂସଦରେ ବିଲ ପାସ୍ କରିଥିଲା। ଏଥିରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ସ୍ନାପ୍‌ଚାଟ, ଟିକ୍‌ଟକ୍ ଓ ଏକ୍ସ ଭଳି ପ୍ଲାଟଫର୍ମ ସାମିଲ ରହିଥିଲା। ସେତେବେଳେ ଏଥିରେ ୟୁଟ୍ୟୁବ୍‌କୁ ସାମିଲ କରାଯାଇ ନଥିଲା। ଏଥିସହ ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ସୋସିଆଲ ମିଡିଆକୁ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ବ୍ୟାନ୍ କରି ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛି। ଏହି ଆଇନ୍ ଅନୁସାରେ ପିତାମାତାଙ୍କ ସହମତି ବିନା ପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟକୁ ଅନୁମତି ଦିଆଯାଇନାହିଁ। ଅଗାମୀ ଗୋଟିଏ ବର୍ଷ ମଧ୍ୟରେ ଏହି ଆଇନ କାର୍ଯ୍ୟକାରୀ ହେବ। ତେବେ ଗେମିଂ ଓ ମେସେଜିଂ ଆପ୍ ଉପରେ କୌଣସି କଟକଣା ଜାରି କରାଯାଇନାହିଁ।

## କାର୍ ସହ ଜିଅନ୍ତା ଜଳିଗଲେ ଯୁବକଯୁବତୀ



ଅମୃତସର, ୩୧।୭ (ଏଜେନ୍ସି): ପଞ୍ଜାବର ଅମୃତସରରେ ଗୁରୁବାର ଅପରାହ୍ଣରେ ଏକ କାର୍ ସହ ଯୁବକ ଓ ଯୁବତୀ ଜିଅନ୍ତା ଜଳିଯାଇଛନ୍ତି। ପେଟ୍ରୋଲ ନେଇ ଏକ ଟ୍ୟାଙ୍କର ଯାଉଥିବା ବେଳେ ଟାୟାର ଫାଟି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଟ୍ୟାଙ୍କର ଏକ କାର୍‌କୁ ଧକ୍କା ଦେଇଥିଲା। ଟ୍ୟାଙ୍କର ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର୍‌ରେ ନିଆଁ ଲାଗିଯାଇଥିଲା। ଫଳରେ କାରରେ ବସିଥିବା ଯୁବକ ଓ ଯୁବତୀ ଜିଅନ୍ତା ଜଳି ଯାଇଥିଲେ ଓ ଘଟଣାସ୍ଥଳରେ ହିଁ ଦୁହେଁ ମୃତ୍ୟୁବରଣ କରିଥିଲେ। ଧକ୍କା ଖାଇବା ପରେ କାର ରେଲିଂରେ ବାଡେଇ ହେବା ପରେ ନିଆଁ ଲାଗିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଅଧଘଣ୍ଟା ପରେ ଦମକଳ ଆସିଥିଲା। ସେନାର ଟିମ ଆସି କାରକୁ କାଟି ମୃତଦେହ ବାହାର କରିଥିଲା। ମୃତଦେହକୁ ଚିହ୍ନଟ କରାଯାଇନାହିଁ। କିନ୍ତୁ କାରରେ ଦିଲ୍ଲୀର ନମ୍ବର ପ୍ଲେଟ ରହିଛି। ଟ୍ୟାଙ୍କର ଜଳନ୍ଧରରୁ ପେଟ୍ରୋଲ ନେଇ ଆସୁଥିଲା।

### ମାଲେଗାଁଓ ବିସ୍ଫୋରଣ

## ପ୍ରଜ୍ଞା, ପୁରୋହିତ ଦୋଷମୁକ୍ତ



ମୁମ୍ବାଇ, ୩୧।୭ (ଏଜେନ୍ସି): ମହାରାଷ୍ଟ୍ରର ମାଲେଗାଁଓ ବିସ୍ଫୋରଣ ମାମଲାରେ ସାଧ୍ୱୀ ପ୍ରଜ୍ଞା ଓ କର୍ଣ୍ଣଲ ପୁରୋହିତଙ୍କ ସମେତ ୭ ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏନ୍‌ଆଇଏର ସ୍ୱତନ୍ତ୍ର କୋର୍ଟ ୭ ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ବିଜେପିର ପୂର୍ବତନ ସାଂସଦ ସାଧ୍ୱୀ ପ୍ରଜ୍ଞା ଠାକୁର, କର୍ଣ୍ଣଲ ପ୍ରସାଦ ପୁରୋହିତ, ରମେଶ ଉପାଧ୍ୟାୟ, ଅଜୟ ରହିରକର, ସୁଧାକର ଚତୁର୍ବେଦୀ, ସମୀର କୁଲକର୍ଣ୍ଣୀ ଓ ସୁଧାକର ଧର ଦ୍ୱିବେଦୀ ଏହି ବିସ୍ଫୋରଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିଲେ। ପୀଡିତଙ୍କ ଓକିଲ ସାହିଦ ନବୀନ ଅନସାରୀ ଏନ୍‌ଆଇଏ କୋର୍ଟର ଏହି ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ପ୍ରକାଶ କରିଛନ୍ତି।

ମାଲେଗାଁଓରେ ୨୦୦୮ରେ ସେପ୍ଟେମ୍ବର ୨୯ରେ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୬ଜଣ ଲୋକ ପ୍ରାଣ ହରାଇଥିଲେ ଓ ପାଖାପାଖି ୧୦୦ ଲୋକ ଆହତ ହୋଇଥିଲେ। ପାଖାପାଖି ୧୭ ବର୍ଷ ପରେ ଆସିଥିବା ଏହି ରାୟ।।ରେ ବିଚାରପତି ଏକେ ଲାହୋଟି କହିଛନ୍ତି ଯେ, ଯାଞ୍ଚ ଏଜେନ୍ସି ଏହି ବହୁ ଚର୍ଚ୍ଚିତ ମାମଲାରେ ଅଭିଯୋଗର ପ୍ରମାଣ କରିବାରେ ବିଫଳ ହୋଇଛନ୍ତି। ଏପରି ସ୍ଥଳେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ବୋମା ମୋଟରସାଇକେଲରେ ରଖାଯାଇଥିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ବଚାରପତି ଲାହୋଟି କହିଛନ୍ତି। ପୁଣି ଏହି ମୋଟରସାଇକେଲ ସାଧ୍ୱୀ ପ୍ରଜ୍ଞାଙ୍କ ନାମରେ ରହିଛ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ। ସେହିପରି କର୍ଣ୍ଣଲ ପୁରୋହିତ ଆରଡିଏକ୍ସ ଆଣି ବୋମା ତିଆରି କରିଥିଲେ ବୋଲି ତାହା ମଧ୍ୟ ପ୍ରମାଣିତ ହୋଇନାହିଁ।

ସୂଚନାଯୋଗ୍ୟ ଯେ ଏହି ମାମଲାର ଶୁଣାଣି ୨୦୨୫ ମେ ୮ରେ ଶେଷ ହୋଇଥିଲା ଏବଂ କୋର୍ଟ ତାଙ୍କର ରାୟକୁ ଜୁଲାଇ ୩୧ ପର୍ଯ୍ୟନ୍ତ ସୁରକ୍ଷିତ ରଖିଥିଲେ। ମାଲେଗାଁଓ ବିସ୍ଫୋରଣ ମାମଲା ନେଇ ମହାରାଷ୍ଟ୍ର ଏଟିଏସ୍ ପ୍ରାରମ୍ଭିକ ଯାଞ୍ଚ କରିଥିଲା। ୨୦୧୧ରେ ଏହି ମାମଲାକୁ ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଥିଲା। ୨୦୧୬ରେ ଏନ୍‌ଆଇଏ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାର ବିଚାର ଚାଲିଥିବା ।।ବେ।।ଳେ ତିନି ଯାଞ୍ଚ ଏଜେନ୍ସି ଓ ୪ଜଣ ବିଚାରପତି ବଦଳି ହୋଇଛନ୍ତି। ୨୦୧୭ରେ ଏହି ମାମଲାରେ ପ୍ରଜ୍ଞା ଠାକୁରଙ୍କୁ ଜାମିନ ମିଳିଥିଲା। ୨୦୧୯ରେ ପ୍ରଜ୍ଞା ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଓ ନେତାମାନେ କୋର୍ଟଙ୍କର ଏହି ରାୟ ନେଇ ନିଜ ହିସାବରେ ମତ ଦେଇଛନ୍ତି।

## ଏନ୍‌ଡିଏରୁ ଅଲଗାହେଲେ ପନିର୍‌ସେଲଭମ୍



ଚେନ୍ନାଇ, ୩୧।୭ (ଏଜେନ୍ସି): ତାମିଲନାଡୁରେ ଆସନ୍ତାବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ପନିର୍‌ସେଲଭମ୍ ସମସ୍ତଙ୍କୁ ଚକିତ କରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏଠାରୁ ଅଲଗା ହୋଇଛନ୍ତି। ସେ କ୍ଷମତାସୀନ ଡିଏମ୍‌କେରେ ଯୋଗ ଦେଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ପ୍ରାତଃ ଭ୍ରମଣ ଅବସରରେ ଭେଟିବା ପରେ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ।।ଯେ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କର ଅତି ଘନିଷ୍ଠ ଥିବା ପନିର୍‌ସେଲଭମ୍ ଆନ୍ନାଡିଏମକେର ଲୋକପ୍ରିୟ ନେତା ଥିଲେ। ଦୁଇ ଥର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିବା ପନିର୍‌ସେଲଭମ୍‌ଙ୍କୁ ଏଆଇଏଡିଏମ୍‌କେ ପାର୍ଟିରୁ ବହିଷ୍କାର କରାଯାଇଥିଲା। ପାର୍ଟିର ମୁଖ୍ୟ ପଲାନିସ୍ୱାମୀଙ୍କ ସହ ମତାନ୍ତର ଯୋଗୁଁ ଦଳରୁ ତାଙ୍କୁ ତଡ଼ିଦିଆଯାଇଥିଲା। ସେବେଠାରୁ ସେ ରାଜନୀତିରେ ଏକଘରିକିଆ ହୋଇଯାଇଥିଲେ। ରାଜନୈତିକ ଥଇଥାନ ପାଇଁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ଏଥିପାଇଁ ତାଙ୍କୁ ଅନୁମତି ମିଳିନଥିଲା। ଏହାପରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଦେଇଥିଲେ। ସର୍ବ ଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ)ରେ ପାଣ୍ଠି ବିତରଣରେ ବିଳମ୍ବ ହେବାରୁ ସାମାଜିକ ଗଣମାଧ୍ୟମରେ ସେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସିଧାସଳଖ ସମାଲୋଚନା କରିଥିଲେ। ଏହି କାରଣରୁ ଏନ୍‌ଡିଏ ସହ ତାଙ୍କର ସମ୍ପର୍କ ଆହୁରି ଖରାପ ହୋଇଥିଲା।



## ଜର୍ମାନୀ ଟିକ୍‌ଟକର୍ ବେଙ୍ଗାଲୁରୁରେ ଅଟକ

ବେଙ୍ଗାଲୁରୁ, ୩୧।୭ (ଏଜେନ୍ସି): ଜର୍ମାନୀ ଟିକ୍‌ଟକର୍ ନୋଏଲ ରବିନସନଙ୍କୁ ବେଙ୍ଗାଲୁରୁ ପୁଲିସ ଅଟକ ରଖିଛି। ଷ୍ଟ୍ରିଟ୍ ଡ୍ୟାନ୍ସ ଭିଡିଓ ବନାଇ ପ୍ରସିଦ୍ଧି ଲାଭ କରିଥିବା ନୋଏଲ୍ ରାସ୍ତା ଉପରେ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରି ଏକ ଭିଡିଓ ବନାଉଥିଲେ। ଏହାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ସାର୍ବଜନୀନ ସୁରକ୍ଷା ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ନୋଏଲ୍‌ଙ୍କୁ ପୁଲିସ ଥାନାକୁ ନେଇ ୧୫ ମିନିଟ ଅଟକ ରଖିଥିଲା। ବିନା ଅନୁମତିରେ ରାସ୍ତା ଉପରେ ଭିଡିଓ ବନାଉଥିବାରୁ ତାଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଇଥିଲା। ମୁକ୍ତ ହେବାପରେ ସମ୍ପୂର୍ଣ୍ଣ ଭାବେ ଠିକ ଅଛନ୍ତି ବୋଲି ନୋଏଲ ଇନଷ୍ଟାଗ୍ରାମରେ ପୋଷ୍ଟ କରି ଅବଗତ କରାଇଛନ୍ତି। ପ୍ରଥମଥର ପାଇଁ ମୋତେ ଥାନାକୁ ନିଆଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ମୋତେ ଜେଲ୍‌କୁ ପଠାଇ ଦିଆଯିବ ବୋଲି ଆଶଙ୍କା କରୁଥିଲି। କିନ୍ତୁ ସୌଭାଗ୍ୟବଶତଃ ଏପରି ହୋଇ ନଥିଲା। ମୁଁ ଠିକ୍ ଅଛି ଓ ଭାରତକୁ ବହୁତ ଭଲ ପାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ୟୁନେସ ଜାରୋଉ ନାମକ ଆଉ ଜଣେ ଜର୍ମାନୀ ଟିକଟକର୍‌ଙ୍କୁ ମଧ୍ୟ ବେଙ୍ଗାଲୁରୁ ପୁଲିସ ଚର୍ଚ୍ଚ ଷ୍ଟ୍ରିଟ୍ ଏରିଆରେ ଅଟକ ରଖିଥିଲା। ନୋଏଲ ରବିନସନ ଜଣେ କନଟେଣ୍ଟ କ୍ରିଏଟର ଓ ଡ୍ୟାନ୍ସର ଭାବେ ସୋସିଆଲ ମିଡିଆରେ ବେଶ ସକ୍ରିୟ ଅଛନ୍ତି। ତାଙ୍କର ଜବରଦସ୍ତ ସଂଖ୍ୟାରେ ଫଲୋଅର୍ସ ରହିଛନ୍ତି।

### ୧୦ ବିଆରଏସ୍ ବିଧାୟକଙ୍କ ଦଳବଦଳ ମାମଲା

## ତେଲଙ୍ଗାନା ବାଚସ୍ପତିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ



**ତିନି ମାସ ମଧ୍ୟରେ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ତେଲଙ୍ଗାନାରେ ବିଆର୍‌ଏସ୍‌ର ୧୦ ଜଣ ବିଧାୟକ ଶାସକ କଂଗ୍ରେସରେ ଯୋଗଦେବା ପରେ ସେମାନଙ୍କ ବିରୋଧରେ ଆଗତ ପିଟିସନ ଉପରେ ବାଚସ୍ପତି ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ପିଟିସନ ଉପରେ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଏହି ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ 'ଅସ୍ତ୍ରୋପଚାର ସଫଳ, ରୋଗୀ ମୃତ' ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଦିଆଯିବ ନାହିଁ। ବାଚସ୍ପତି ତାଙ୍କର ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ଦଳବଦଳ କରିଥିବା ବିଧାୟକମାନେ ଫାଇଦା ଉଠାଉଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ଏବଂ ଜଷ୍ଟିସ ମନିଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ଉପରୋକ୍ତ ୧୦ ଜଣ ବିଧାୟକଙ୍କ ବିରୋଧରେ ମାର୍ଚ୍ଚ ୨୦୨୪ରେ ପିଟିସନ ଆଗତ ହୋଇଥିବା ବେଳେ ଏହା ଉପରେ ନୋଟିସ ଜାରି କରିବା ଲାଗି ବାଚସ୍ପତିଙ୍କୁ ୭ ମାସ ଲାଗିଗଲା। ତାହାମଧ୍ୟ ଏହି ଅଦାଲତରେ ମାମଲାର ଶୁଣାଣି ହେବାର ଗୋଟିଏ ଦିନ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରି କରିବାକୁ ବାଚସ୍ପତିଙ୍କୁ ଏତେମାସ କାହିଁକି ଲାଗିଲା ବୋଲି ପ୍ରଶ୍ନ ଉଠାଇ କୋର୍ଟ କହିଲେ ଯେ ସାଂସଦ/ବିଧାୟକମାନଙ୍କ ଦଳବଦଳ ଏକ ଚିନ୍ତାଜନକ ବିଷୟ। ଏହାକୁ ରୋକା ନଗଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ବାଚସ୍ପତିଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାଲାଗି କୁହାଯାଉଛି। ଜଣେ ଅଭିଯୁକ୍ତ ବିଧାୟକ ଲୋକସଭା ନିର୍ବାଚନରେ କଂଗ୍ରେସ ଟିକଟରେ ଲଢ଼ିଥିଲେ। ହାରିଯିବା ପରେ ସେ ବିଧାୟକ ପଦରେ ରହିଲେ।

ବାଚସ୍ପତିଙ୍କ ଏଭଳି ଆଭିମୁଖ୍ୟ ବିରୋଧରେ ବିଆରଏସ୍ ପକ୍ଷରୁ ଆଗତ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ବାଚସ୍ପତିଙ୍କ ପଦକ୍ଷେପ ଉପରେ କୋର୍ଟ ହସ୍ତକ୍ଷେପ କରିପାରିବେ।

## କର୍ଣ୍ଣାଟକରେ ନୂଆ ବ୍ଲଡ୍ ଗ୍ରୁପ୍ 'ସିଆରଆଇବି'





ବେଙ୍ଗାଲୁରୁ, ୩୧।୭ (ଏଜେନ୍ସି): କର୍ଣ୍ଣାଟକର କୋଲାର ଜିଲ୍ଲାରେ ଜଣେ ୩୮ ବର୍ଷୀୟା ମହିଳାଙ୍କଠାରେ ଡାକ୍ତରମାନେ ଏକ ନୂଆ ବ୍ଲଡ୍ ଗ୍ରୁପ୍ ପାଇଛନ୍ତି। ଏଭଳି ବ୍ଲଡ ଗ୍ରୁପ୍ ବିଶ୍ୱରେ ବିରଳ ବୋଲି କୁହାଯାଉଛି। ଏହି ବ୍ଲଡ ଗ୍ରୁପ୍‌କୁ 'ସିଆରଆଇବି'ର ନାମ ଦିଆଯାଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ଏହି ବ୍ଲଡ୍ ଗ୍ରୁପ୍ କେବଳ ୧୦ ଜଣ ଲୋକଙ୍କର ରହିଛି। ମହିଳାଙ୍କର ହାର୍ଟ ସର୍ଜରୀ କରିବାକୁ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଏହା ଜଣାପଡ଼ିଥିଲା। ମହିଳାଙ୍କ ବ୍ଲଡ୍ ଗ୍ରୁପ୍ ଓଆରଏଚ୍+ ଥିଲା ଓ ଏକ ସାଧାରଣ ବ୍ଲଡ୍ ଗ୍ରୁପ୍ ବୋଲି ଧରାଯାଇଥାଏ। କିନ୍ତୁ ଯେତେବେଳେ ଅସ୍ତ୍ରୋପଚାର ପାଇଁ ରକ୍ତ ଯୋଗାଡ କରାଗଲା, ସେତେବେଳେ କୌଣସି ଓ+ ୟୁନିଟ୍ ତାଙ୍କ ସହ ମେଳ ଖାଇ ନଥିଲା। ମାମଲା ଗମ୍ଭୀର ବୋଲି ଡାକ୍ତରମାନେ ହୃଦୟଙ୍ଗମ କରିବା ପରେ ତାଙ୍କ ରକ୍ତ ନମୁନାକୁ ରୋଟାରୀ ବେଙ୍ଗାଲୁରୁ ଟିଟିକ ବ୍ଲଡ୍ ସେଣ୍ଟରର ଆଡଭାନ୍ସ ଲାବ୍‌କୁ ପଠାଯାଇଥିଲା। ମହିଳାଙ୍କ ୨୦ ଜଣ ସମ୍ପର୍କୀୟଙ୍କ ରକ୍ତ ନମୁନାକୁ ଯାଞ୍ଚ କରାଯାଇଥିଲା। କିନ୍ତୁ କାହା ସହ ତାଙ୍କର ମେଳ ଖାଇ ନଥିଲା। ଫଳରେ ରକ୍ତ ନ ନେଇ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଓ ଏହା ସଫଳ ହୋଇଥିଲା। କିନ୍ତୁ ତାଙ୍କ ରକ୍ତ ନମୁନାକୁ ବ୍ରିଟେନର ବ୍ରିଷ୍ଟଲସ୍ଥିତ ଇଣ୍ଟରନ୍ୟାସନାଲ ବ୍ଲଡ୍ ଗ୍ରୁପ୍ ରେଫରେନ୍ସ ଲାବ (ଆଇବିଜିଆରଏଲ୍)କୁ ପଠାଯାଇଥିଲା। ବହୁ ରିସର୍ଚ୍ଚ ଓ ପରୀକ୍ଷା ପରେ ମହିଳାଙ୍କର ଏକ ନୂଆ ବ୍ଲଡ ଗ୍ରୁପ୍ ଆଣ୍ଟିଜେନ ଖୋଜି ପାଇଥିଲେ।

## ପାକିସ୍ତାନକୁ ଝଟ୍‌କା; କଶ୍ମୀରରେ ହେବ ଦେଶର ସର୍ବବୃହତ୍ ହାଇଡ୍ରୋ ପ୍ରକଳ୍ପ

ଶ୍ରୀନଗର, ୩୧।୭ (ଏଜେନ୍ସି): ଜମ୍ମୁ-କଶ୍ମୀରର ଚେନାବ ନଦୀ ଉପରେ ସର୍ବବୃହତ ହାଇଡ୍ରୋ ପ୍ରକଳ୍ପ ନିର୍ମାଣ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି। ପାକିସ୍ତାନ ସହ ସିନ୍ଧୁ ନଦୀ ଚୁକ୍ତିରୁ ଓହରିଯିବା ପରେ ଭାରତ ଏହି ଯୋଜନା ଉପରେ କାର୍ଯ୍ୟ କରିବା ଆରମ୍ଭ କରିଛି। ୧୮୫୬-ମେଗାୱାଟ କ୍ଷମତା ବିଶିଷ୍ଟ ଏହି ହାଇଡ୍ରୋ ପ୍ରୋଜେକ୍ଟ ପାକିସ୍ତାନର ଆପତ୍ତି ସତ୍ତ୍ୱେ ନିର୍ମାଣ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବୁଧବାର ଅପରେସନ ସିନ୍ଦୂର ନେଇ ଚର୍ଚ୍ଚା ଅବସରରେ ଏକ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି। ଏନେଇ ନ୍ୟାସନାଲ ହାଇଡ୍ରୋଇଲେକଟ୍ରିକ୍ ପାୱାର କର୍ପୋରେସନ (ଏନ୍‌ଏଚ୍‌ପିସି) ଏହି ସାୱାଲକୋଟ ହାଇଡ୍ରୋ ପ୍ରୋଜେକ୍ଟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି। ଏନ୍‌ଏଚ୍‌ପିସି ଔପଚାରିକ ଭାବେ ଏକ ଅନ୍ତର୍ଜାତୀୟ କମ୍ପିଟେଟିଭ ବିଡିଂ (ଆଇସିବି) ସ୍ତରରେ ବିଡ୍ ଆହ୍ୱାନ କରିଛି। ସେପ୍ଟେମ୍ବର ୧୦କୁ ବିଡ୍ ଦାଖଲ କରିବାର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି।

ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଏନ୍‌ଟିପିସି ଓ ଜମ୍ମୁ-କାଶ୍ମୀର ପାୱାର ଡେଭଲପମେଣ୍ଟ କର୍ପୋରେସନ ମିଳିତ ଉଦ୍ୟମରେ ନିର୍ମାଣ ହେବ। ୧୯୮୦ରେ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। କିନ୍ତୁ କେତୋଟି ଅନ୍ୟ ପ୍ରକଳ୍ପ ସହ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା। ୨୨, ୭୦୪ କୋଟି ଟଙ୍କା ବିନିମୟରେ ଏହି ମେଗା ପ୍ରକଳ୍ପ ଦୁଇଟି ପର୍ଯ୍ୟାୟରେ ନିର୍ମାଣ ହେବ। ସିନ୍ଧୁ ଚୁକ୍ତିରୁ ଓହରିବା ପରେ ସରକାର ଏହି ପରକଳ୍ପନା ସହ ଅନ୍ୟ ୬ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ଯୋଜନା ଆରମ୍ଭ କରିଛି। ଉଲ୍ଲେଖଥାଉ କି, ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳ ବଣ୍ଟନ ଚୁକ୍ତିରୁ ଭାରତ ଓହରିଯିବାକୁ ଘୋଷଣା କରିଥିଲା। ଭାରତ ସରକାରଙ୍କ ଏହି ଯୋଜନା ପାକିସ୍ତାନ ପାଇଁ ବଡ଼ ଧରଣର ଝଟକା ହୋଇଛି।



# ବିରତି ନେବ ମୌସୁମୀ

ଭୁବନେଶ୍ୱର, ୩୧।୭ (ସମିସ): ପଛକୁ ପଛ ଲଘୁଚାପ ଯୋଗୁଁ ସକ୍ରିୟ ରହିଥିବା ମୌସୁମୀ କିଛି ସମୟ ପାଇଁ ବିରତି ନେବ। ଏହି ବିରତି ଅଗଷ୍ଟ ଦ୍ୱିତୀୟ ସପ୍ତାହ ଅର୍ଥାତ୍ ପ୍ରାୟ ୧୨ ତାରିଖ ଯାଏଁ ଜାରି ରହିବ। ଏହି ସମୟରେ ମୌସୁମୀ ବାୟୁ ନିଷ୍କ୍ରିୟ ହେବା ଫଳରେ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ ମୌସୁମୀ ଓଡ଼ିଶା ଛୁଇଁବାର ମାସେରୁ ଦେଢ଼ ମାସ ପରେ ଏହି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଦେଢ଼ ସପ୍ତାହ ମୌସୁମୀ ବ୍ରେକ୍ ଲାଗିଥିଲା। ପୁଣି ଏହି ସ୍ଥିତି ସହ ଚଳିତ ବର୍ଷ ଦ୍ୱିତୀୟ ବିରତି ଆରମ୍ଭ ହେବାକୁ ଯାଉଛି। ସାଧାରଣତଃ ମୌସୁମୀ ବିରତି ସମୟରେ ଆକାଶ ନିର୍ମଳ ରହିଥାଏ ଓ ସୂର୍ଯ୍ୟକିରଣ ସିଧା ପୃଥିବୀ ଉପରେ ପଡ଼ିଥାଏ। ଏଥିପାଇଁ ତାପମାତ୍ରା ବଢ଼ିବା ସହ ମୌସୁମୀ ସମୟରେ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଏହା ବିଜୁଳି ଘଡ଼ିଘଡ଼ି ପାଇଁ ମଧ୍ୟ ସ୍ଥିତି ଅନୁକୂଳ କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଥାଉ କି ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତର ମୁହାଁ ହୋଇ

**ବଢ଼ିବ ତାପମାତ୍ରା, ବୃଦ୍ଧି ପାଇବ ବଜ୍ରପାତ**

**ଅଗଷ୍ଟ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା**

ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁଲାଇ ୩୦ ତାରିଖ ସୁଦ୍ଧା ରାଜ୍ୟରେ ୬୧୩.୯ ମିମି ବର୍ଷା ହୋଇ ସାରିଛି। ଯାହାକି ସାରା ରାଜ୍ୟରେ ସ୍ୱାଭାବିକ ବର୍ଷା ୫୫୦.୭ ମିମି ତୁଳନାରେ ୧୧ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ମୌସୁମୀ ବିରତି ଯୋଗୁଁ ଦୁଇ ସପ୍ତାହ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସାରା ରାଜ୍ୟରେ ଅଗଷ୍ଟରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଅଗଷ୍ଟ ମାସ ପାଇଁ ମୌସୁମୀ ବର୍ଷାଜନିତ ଆକଳନ କରି ଆଇଏମ୍‌ଡି କହିଛି, ରାଜ୍ୟର କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅବଶିଷ୍ଟ ସଅଞ୍ଚଳରେ ଅଗଷ୍ଟ ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ କମ୍ ରହିବ। ଦୁଇ ତଳେ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକାରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିଲା। ଏହା ପ୍ରଭାବରେ ଗୁରୁବାର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର ମଧ୍ୟ କେବଳ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମାତ୍ର ଶନିବାରଠାରୁ ବର୍ଷାର ପରିମାଣ ମାତ୍ରାଧିକ ହ୍ରାସ ପାଇବା ସହ ସାରା ଓଡ଼ିଶାରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି।

## ୧୨ ଘଣ୍ଟାରେ ହୀରାକୁଦର ୮ ଗେଟ୍ ବନ୍ଦ

**ଜଳସ୍ତର ୬୧୦.୧୦**

ସମ୍ବଲପୁର,୩୧।୭ (ସମିସ): ଉପରମୁଣ୍ଡରେ ବର୍ଷା କମିବା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଗତ ୧୨ ଘଣ୍ଟା ମଧ୍ୟରେ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରିଛି। ଆଜି ସକାଳ ୬ଟା ବେଳେ ୧୨ଟି ଗେଟ୍ ଖୋଲା ଥିବା ବେଳେ ସନ୍ଧ୍ୟା ୬ଟା ବେଳକୁ ମାତ୍ର ୪ ଗେଟ୍ ଖୋଲା ରହିଛି। ସଂଧ୍ୟା ୬ଟା ବେଳକୁ ହୀରାକୁଦର ଜଳସ୍ତର ୬୧୦.୧୦ ଫୁଟ୍‌ରେ ରହିଥିବା ସୂଚନା ମିଳିଛି। ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ସ୍ଲୁଇସ ଗେଟ୍ ଖୋଲା ରହିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୧୧.୬୦ ଫୁଟ୍ ରହିଥିଲା।

## ଯୁବକଙ୍କୁ ପିଟିପିଟି ହତ୍ୟା



ତୁରୁମୁଙ୍ଗା, ୩୧।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଙ୍କୁରା ଗ୍ରାମରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଅଙ୍କୁରା ନାଏକସାହିର ଭକ୍ତବନ୍ଧୁ ନାଏକଙ୍କ ପୁଅ ଗଙ୍ଗାଧର (୨୮)। ଗଙ୍ଗାଧର ବୁଧବାର ସନ୍ଧ୍ୟାରେ ଗାଁ ନିକଟ ଝପାସାହିକୁ ଯାଇଥିବା ବେଳେ

**ଦମ୍ପତି ଅଟକ**

ସେଠାରେ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କ ହସ୍ତାନ୍ତର କରିବା ସହ ମୃତକଙ୍କ ମା' ପାଳଙ୍ଗ ନାଏକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଏହି ଘଟଣାରେ ପୁଲିସ ଝପାସାହିର ଦୀନବନ୍ଧୁ ପାତ୍ର ଏବଂ ତା' ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ ମହାକୁଡ଼, ଏସ୍‌ଆଇ ଲକ୍ଷ୍ମଣ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

■ ଖରିଫ ଚାଷୀଙ୍କୁ ଧାନ ବିକ୍ରି ଚିନ୍ତା

## ଜଟିଳ ପ୍ରକ୍ରିୟା ଯୋଗୁଁ କମୁଛି ପଞ୍ଜୀକରଣ

ଭୁବନେଶ୍ୱର, ୩୧।୭ (ସମିସ): ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଖରିଫ୍ ଚାଷ ପାଇଁ ୩ ଲକ୍ଷ ୩୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସମୟ ମଧ୍ୟରେ ଅଧିକ ୧୦ ହଜାର ଚାଷୀ ପଞ୍ଜିକୃତ ହୋଇଥିଲେ। ଏଥର ସରକାରଙ୍କ ଜଟିଳ ପ୍ରକ୍ରିୟା ଯୋଗୁଁ ପଞ୍ଜୀକରଣରେ ଶିଥିଳତା ଦେଖାଦେଇଥିବା ଅଭିଯୋଗ ହେଉଛି। ବିଶେଷକରି ପଞ୍ଜୀକରଣ ସମୟରେ ଇ-କେୱାଇସି କରିବା, ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କଠାରୁ ଜିମାନାମା (ଅଣ୍ଡରଟେକିଂ) ଆଣିବା ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିସହ ଉପାନ୍ତ ଅଞ୍ଚଳ ପାକ୍‌ସଗୁଡ଼ିକରେ ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ମଧ୍ୟ ପଞ୍ଜୀକରଣ ଧୀମା ହେଉଥିବା ଜଣାପଡ଼ିଛି। ସରକାର ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବାରମ୍ବାର ଚାଷୀମାନେ ଦାବି କରୁଥିଲେ ହେଁ ସରକାର କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସଫେଇ ଦେଇ କହିଛନ୍ତି, ପଞ୍ଜୀକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀଙ୍କ ସଂଖ୍ୟା କମିଛି। ପଞ୍ଜୀକରଣରେ ମାତ୍ର ୧୦ ହଜାର ବ୍ୟବଧାନ ରହିଛି। ଚାଷୀ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେସନ୍ ଫର୍ମରେ ଦସ୍ତଖତ କରିବେ। ବାପା କିମ୍ବା ଭାଇଙ୍କ ନାମରେ ରେକର୍ଡ ଥିଲେ କେବଳ ଲିଖିତ ଆକାରରେ ଦେବେ। ସେଥିପାଇଁ ଫର୍ମ ଇସ୍ୟୁ ହୋଇଯାଇଛି। ଅସୁବିଧା ଥିଲେ ଦିଆଯାଇଥିବା ଫୋନ୍ ନମ୍ବରରେ ଫୋନ୍ କରିବାକୁ ସେ କହିଛନ୍ତି।

■ ଗୁଣିଗାରେଡି ସନ୍ଦେହରେ ହତ୍ୟା ମାମଲା

## ୫ ହତ୍ୟାକାରୀଙ୍କୁ ଆଜୀବନ

ମାଲକାନଗିରି, ୩୧।୭ (ସମିସ): ୨୦୨୦ ମସିହାରେ ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅଞ୍ଚଳରେ ସଂଘଟିତ ଏକ ହତ୍ୟା ମାମଲାର ଶୁଣାଣି କରି ଜିଲ୍ଲା ଦୌରାଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ଆଜି ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ଲବକୁଶ କନ୍ତେରି, ସୋମନାଥ ଜାଲା, ସୁକୁ ଜାଲା, ଶଙ୍କର ମାଝୀ ଓ ମଙ୍ଗୁ ମାଝି। ୧୦ଜଣ ସାକ୍ଷ୍ୟ ପ୍ରମାଣ ଓ ପୁଲିସ୍ ତଦନ୍ତକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନାନୁଯାୟୀ, ୨୦୨୦ ଫେବ୍ରୁଆରି ମାସରେ ମୋଟୁ ଥାନା ଅନ୍ତର୍ଗତ ଗୁଣ୍ଠାବେଡ଼ା ଗ୍ରାମର ମୁକୁନ୍ଦ କନ୍ତେରିଙ୍କୁ ତାଙ୍କ ପତ୍ନୀ ମଙ୍ଗୁଲିଙ୍କ ସମ୍ମୁଖରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୁକୁନ୍ଦ ଗୁଣିଗାରେଡ଼ି କୁରଥିବା ସନ୍ଦେହରେ ଗ୍ରାମର ୫ଜଣ ତାଙ୍କୁ ହତ୍ୟା କରିବା ପରେ ଶବକୁ ପୋଡ଼ି ଦେଇଥିଲେ। ଏନେଇ ମୋଟୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପିପି ଯୋଗେନ୍ଦ୍ର ରାଇକା ଏହି ମାମଲା ପରିଚାଳନା କରୁଥିଲେ।

## ଜେଲରୁ ବାହାରିଲେ ଧୀମାନ ଚକ୍‌ମା

ଭବାନୀପାଟଣା,୩୧।୭ (ସମିସ): ଲାଞ୍ଚ ନେଇ ଜେଲ୍ ଯାଇଥିବା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା (ଆଇଏଏସ) ଶେଷରେ ମୁକୁଳିଛନ୍ତି। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ସେ ଜେଲରୁ ବାହାରିଛନ୍ତି। ଗତ ୨୪ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ତାଙ୍କ ଜାମିନ ମଞ୍ଜୁର କରିଥିଲେ। ତେବେ ଚକମାଙ୍କ ପାସପୋର୍ଟ କଟକ ଭିଜିଲାନ୍ସ ଜବତ କରି ନେଇଯାଇଥିଲା। ପାସପୋର୍ଟ ଭବାନୀପାଟଣାରେ ପହଞ୍ଚିବା ପରେ ଚକମା ଜେଲରୁ ମୁକୁଳିଛନ୍ତି। ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ସେ ଗତମାସ ୮ ତାରିଖରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୯ ତାରିଖରେ ଜେଲ ଯାଇଥିଲେ। ପ୍ରଥମେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଗତମାସ ୧୭ ତାରିଖରେ ଜାମିନ ଲାଗି ଆବେଦନ କରାଯାଇଥିଲା। ବିଚାରପତି କିନ୍ତୁ ନାମଞ୍ଜୁର କରିଦେଇଥିଲେ। ପରେ ତାଙ୍କ ଓକିଲ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୫ ଲକ୍ଷ ଟଙ୍କା ଓ ଜଣେ ଜାମିନଦାରଙ୍କ ବଦଳରେ ଏବେ ସେ ଜାମିନ ପାଇଛନ୍ତି। ତେବେ ଚକମା ଜେଲରୁ ବାହାରିବା ସମୟରେ ଜେଲ୍ ସମ୍ମୁଖରେ ପ୍ରବଳ ଭିଡ ଜମି ରହିଥିଲା। ତେବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଆବଶ୍ୟକସ୍ଥଳେ ସେ ଉପସ୍ଥିତ ରହିବେ। କୋର୍ଟ କାର୍ଯ୍ୟ ଚାଲିଥିବା ବେଳେ ଉପସ୍ଥିତ ରହିବା ଜରୁରୀ। କୋର୍ଟର ବିନା ଅନୁମତିରେ ଦେଶ ବାହାରକୁ ଯାଇପାରିବେ ନାହିଁ। ତଦନ୍ତକାରୀ ଅଧିକାରୀ ଏବଂ ଅଦାଲତର ଅଜାଣତରେ ଚକମା ନିଜ ମୋବାଇଲ ନମ୍ବର ଓ ଠିକଣା ପରିବର୍ତ୍ତନ କରିପାରିବେ ନାହିଁ। ଶେଷରେ ପାସପୋର୍ଟ ଭିଜିଲାନ୍ସ କୋର୍ଟରେ ଦାଖଲ କରିବାକୁ ଜାମିନ ବେଳେ ସର୍ତ୍ତ ରହିଥିବା ଚକମାଙ୍କ ଓକିଲ ଦିଲ୍ଲୀପ ସା ପ୍ରକାଶ କରିଛନ୍ତି।

**ସହକାରୀ ଯନ୍ତ୍ରୀଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଜଲକା**

## ରାଜଧାନୀରେ ଦି'ଗଣ୍ଡା ଘର

ଭୁବନେଶ୍ୱର, ୩୧।୭ (ସମିସ): ଭାଗୀଦାରିରେ ସମ୍ପତ୍ତି ଠୁଳ କରି ଭିଜିଲାନ୍ସ ସ୍କାନରକୁ ଆସିଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ସମ୍ପତ୍ତି ତାଲିକା ଦେଖି ଭିଜିଲାନ୍ସ ଟିମ୍ ଜଲକା ହୋଇଯାଇଛି। ଗୁରୁବାରକୁ ମିଶାଇ ଲଗାତାର ତୃତୀୟ ଦିନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ ଟିମ୍। ଖୋଳତାଡ଼ କରିବା ପରେ ଶ୍ରୀ ପଣ୍ଡାଙ୍କ ଏକାଧିକ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ଜଟଣୀ, ଭୁବନେଶ୍ୱର, ଫୁଲନଖରା ସମେତ ୬ଟି ଫ୍ଲାଟ୍ ଠାବ କରିଛି। ସେଥିରେ ଗୋଟିଏ ବେନାମୀ ଫ୍ଲାଟ୍ ରହିଛି। ଜଟଣୀ ଫ୍ଲାଟ୍ ୩୬ଲକ୍ଷ, ଗ୍ରେସ୍ ଆପାର୍ଟମେଣ୍ଟର

■ ଏଯାଏଁ ଠାବ ହେଲାଣି ୯ଟି ଫ୍ଲାଟ୍
■ ୫ଟି ଘରର ମୂଲ୍ୟ ସାଢ଼େ ୪ କୋଟି

ଫ୍ଲାଟ୍ କୋଟିଏ ୪୦ ଲକ୍ଷ, ଭିପୁଲ ଗାର୍ଡେନ ଫ୍ଲାଟ୍ ୬୦ ଲକ୍ଷ, ସୋମନାଥ ଗାର୍ଡେନ ଘର କୋଟିଏ ୩୩ ଲକ୍ଷ, କମମୋପଲିସ୍ ଫ୍ଲାଟ୍ ୭୫ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିଛି। ମୋଟ ୮ଟି ଫ୍ଲାଟ୍ ଓ ଘର ଜବତ ହୋଇଥିବା ବେଳେ ସେଥିରୁ ମାତ୍ର ୫ଟିର ମୂଲ୍ୟ ସାଢ଼େ ୪କୋଟି ଟଙ୍କା ବୋଲି ଆକଳନ କରିଛି ଭିଜିଲାନ୍ସ। ସେହିପରି ଡିଏଲ୍‌ଏଫ୍ ସାଇବର ସିଟିରେ ଏକ ସଫିସ ସ୍ପେସ୍ ମଧ୍ୟ ଠାବ ହୋଇଛି। ଏଥିସହ ଆଠଗଡ଼ କୁସପଙ୍ଗୀରେ ଏକ ପ୍ଲଟିଂ ପ୍ରୋଜେକ୍ଟ ମଧ୍ୟରେ ଏକ ପ୍ଲଟ୍ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏସବୁ ଶ୍ରୀ ପଣ୍ଡା, ତାଙ୍କ ପରିବାର ଓ ସହଯୋଗୀଙ୍କ ନାମରେ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଗତକାଲି ଭିଜିଲାନ୍ସ ଟିମ୍ ଶ୍ରୀ ପଣ୍ଡାଙ୍କ ଅନେକ ସମ୍ପତ୍ତି ଠାବ କରିଥିଲା। ଡୁମୁଡୁମା ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ କୋଠା, କମମୋପଲିସ୍ ଆପାର୍ଟମେଣ୍ଟରେ ୪ ବିଏଚକେ ଫ୍ଲାଟ୍, ଭୁବନେଶ୍ୱରରେ ୮ଟି ପ୍ଲଟ୍, ପୁରୀରେ ଗୋଟିଏ ପ୍ଲଟ୍, ଉତ୍କଳ କନିକା ଗ୍ୟାଲେରିଆର ୨ଟି, ସିମ୍ଫୋନୀ ମଲ୍‌ରେ ଗୋଟିଏ ଦୋକାନ ଘର, ୧୨୫ ଗ୍ରାମ ଓଜନର ସୁନାଗହଣା, ୧୧୭ ଗ୍ରାମ ଓଜନର ରୁପା ଅଳଙ୍କାର, ନଗଦ ୧ ଲକ୍ଷ ୩୩ ହଜାର ୫୨୦ ଟଙ୍କା, ୪୭ ଲକ୍ଷ ବ୍ୟାଙ୍କ ତଥା ପୋଷ୍ଟାଲ ଜମା, ଗୋଟିଏ କାର ଜବତ କରିଥିଲା। ସେହିପରି ଘରୋଇ ଆସବାବପତ୍ରର ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଥିଲା।

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା। ନୀଳାଦ୍ରିବିହାରରେ ଗୋଟିଏ ୩ ମହଲା କୋଠା, କମମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫୋନୀ ମଲରେ ୨ଟି ଦୋକାନଘର, ୭୫ ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହିତ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହା ବ୍ୟତୀତ ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ କମମୋପଲିସ୍ ସ୍ଥିତ ଫ୍ଲାଟଟି ରାଜକିଶୋର ଓ ଅଶୋକଙ୍କ ପତ୍ନୀଙ୍କ ନାମରେ ଥିବା ଜାଣିବା ପରେ ଚଢ଼ଉ ନୂଆ ମୋଡ଼ ନେଇଥିଲା। ଭିଜିଲାନ୍ସ ଟିମ୍ ଅଶୋକ କୁମାର ପଣ୍ଡାଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲା।

■ ୩୫ ଜଳଯୋଗାଣ ଡିଏଲଆର କର୍ମଚାରୀଙ୍କ ଚାକିରି ନିୟମିତିକରଣ ପ୍ରସଂଗ

## ଓଡବ୍ଲୁଏସଏସବିର ଆବେଦନ ହାଇକୋର୍ଟରେ ଖାରଜ

କଟକ, ୩୧।୭ (ସମିସ): ଜଳଯୋଗାଣ ବିଭାଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଡିଏଲଆର କର୍ମଚାରୀଙ୍କ ଚାକିରି ନିୟମିତିକରଣ ହେଉନଥିବା ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଜଳ ଯୋଗାଣ ସ୍ୱେରେଜ ବୋର୍ଡ (ଓଡବ୍ଲୁଏସଏସବି) ପକ୍ଷରୁ ଦାୟର ରିଟ୍ ଆବେଦନକୁ ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାର୍ଯ୍ୟକାରୀ କରି ରିପୋର୍ଟ ଦାଖଲ କରିବାକୁ ଆବେଦନକାରୀ ଜଳଯୋଗାଣ ସ୍ୱେରେଜ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଏହି ମାମଲାର ପ୍ରତିପକ୍ଷ ୩୫ଜଣ କର୍ମଚାରୀ ତଥା ମୂଳ ମାମଲାର ଆବେଦନକାରୀମାନେ ଦୀର୍ଘ ୨୦ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ସେମାନଙ୍କ ଚାକିରି ନିୟମିତିକରଣ ପ୍ରସଂଗରେ ୨୦୧୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଞ୍ଜୁରୀପ୍ରାପ୍ତ ପଦବୀ ନଥିବା ଆଳରେ ଆବେଦନକାରୀଙ୍କ ଦାବିକୁ ଖାରଜ କରାଯାଇପାରିବ ନାହିଁ। ଏଣୁ ଆବଶ୍ୟକସ୍ଥଳେ ପଦବୀ ସୃଷ୍ଟି କରି ଆବେଦନକାରୀ କର୍ମଚାରୀଙ୍କ ଚାକିରି ନିୟମିତ କରିବା ପାଇଁ ଗତ ୨୦୨୪ ମାର୍ଚ୍ଚ ୨୨ରେ ଜଣିକିଆ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଓଡିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଦାୟର କରିଥିଲା।

## ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ସାନି ବିଜ୍ଞପ୍ତି

ଭୁବନେଶ୍ୱର, ୩୧।୭ (ସମିସ): ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପାଇଁ ବୟସ ସୀମା ୩ବର୍ଷ ବଢ଼ିବା ପରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନ ପାଇଁ ସର୍ବନିମ୍ନ ବୟସ ୨୧ ବର୍ଷ ଧାର୍ଯ୍ୟ କରାଯାଇଛି। ସାଧାରଣ ବର୍ଗଙ୍କ ପାଇଁ ସର୍ବୋଚ୍ଚ ବୟସସୀମା ୨୦୨୪ ଜାନୁଆରୀ ପହିଲା ସୁଦ୍ଧା ୨୮ ବର୍ଷ ଧାର୍ଯ୍ୟ ହୋଇଥିବାବେଳେ ଏସ୍‌ଇବିସି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସମସ୍ତ ବର୍ଗର ମହିଳା ପ୍ରାର୍ଥୀଙ୍କ ପାଇଁ ୩୩ ବର୍ଷ ରଖାଯାଇଛି। ଆସନ୍ତା ୬ ତାରିଖରୁ ଆବେଦନ ଆରମ୍ଭ ହେବ। ୧୦ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ।

**ଦଣ୍ଡାସାହିରେ ବ୍ୟାପୁଛି ଜଣ୍ଡିସ୍**

## ୭ ଆକ୍ରାନ୍ତ ଚିହ୍ନଟ

ଜଗତସିଂହପୁର,୩୧।୭ (ସମିସ): ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍ ଅନ୍ତର୍ଗତ ପୂରଣ ପଞ୍ଚାୟତ ଦଣ୍ଡାସାହି ଗ୍ରାମରେ ଜଣ୍ଡିସ୍ ବ୍ୟାପୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଜଣ୍ଡିସ ଲକ୍ଷଣ ଜାଣିବା ପରେ ସ୍ଥାନୀୟ ଜନପ୍ରତିନିଧି ସ୍ୱାସ୍ଥ୍ୟ ବିଭାଗକୁ



ଅବଗତ କରାଇଥିଲେ। ଖବର ପାଇ ଜଣ୍ଡିସ୍ ଲକ୍ଷଣ ଥିବା ଲୋକଙ୍କଠାରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ଗତକାଲି ୧୨ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୭ଜଣଙ୍କ ଜଣ୍ଡିସ ଥିବା ରିପୋର୍ଟ ଆସିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଶତ୍ରୁଘ୍ନ ଦାସ ସୂଚନା ଦେଇଛନ୍ତି। ଦୂଷିତ ପାଣି ଯୋଗୁଁ ଏହି ରୋଗ ବ୍ୟାପିଥିବା ପ୍ରାଥମିକ ଆକଳନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଟିମ୍ ଉପସ୍ଥିତ ରହି ଆବଶ୍ୟକ ଚିକିତ୍ସା କରୁଥିବା ଡା. ଦାସ ସୂଚନା ଦେଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଇଛି। ଲୋକଙ୍କ ଘରେ ଥିବା କୂଅ ଓ ନଳକୂଅକୁ ବିଶୋଧନ କରାଯାଇଛି। କୌଣସି ପରିସ୍ଥିତିରେ ଭୟଭୀତ ନ ହେବାକୁ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦାସ ପରାମର୍ଶ ଦେଇଛନ୍ତି। ସେହିପରି ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ ଓ ସ୍ଥାନୀୟ ଲୋକ ପ୍ରତିନିଧି ଦଣ୍ଡାଶାହିରେ ପହଞ୍ଚି ରୋଗୀଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

**ଟିକସ ବାକି ରଖି ଗଡୁଥିଲା ବସ୍**

## ୧୦ ଲକ୍ଷ ଜରିମାନା ଗଣିଲେ ମାଲିକ

କଟକ, ୩୧।୭ (ସମିସ): ଏକ ଯାତ୍ରୀବାହୀ ଘରୋଇ ବସକୁ ୧୦ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ବେଳେ ଜରିମାନା ପଇଠ ପରେ ଜବତ ହୋଇଥିବା ବସକୁ ଗାଡି ମାଲିକଙ୍କୁ ହସ୍ତାନ୍ତର କରିଛି କଟକ ଆଞ୍ଚଳିକ ପରିବହନ ବିଭାଗ। ବେଆଇନ ଭାବେ ଟିକସ ଫାଙ୍କି ଚାଲୁଥିବା ଉକ୍ତ ବସ (ଓଡି୦୫ ଏଭି ୫୪୬୫)କୁ କଟକ ଆରଟିଓ ପକ୍ଷରୁ ଜବତ କରାଯାଇ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ପରମିଟ୍, ବୀମା ଏବଂ ଅନ୍ୟାନ୍ୟ ନିୟମ ପାଳନ ନ କରିବା ପାଇଁ ଏହି ଜରିମାନା ଲାଗୁ କରାଯାଇଥିଲା। ଯାହା ମୋଟ ୧୦ ଲକ୍ଷ ୧୯ ହଜାର ୭୫୬ ଟଙ୍କା ହୋଇଥିଲା। ଫିଟନେସ୍ ଅଭାବ ପାଇଁ ୫ହଜାର ଟଙ୍କା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବାରୁ ୧୦ହଜାର ଟଙ୍କା, ପରମିଟ୍ ୧୦ ହଜାର ବୀମା ପାଇଁ ୨ହଜାର ଓ ଟିକସ ବାବଦରେ ୩ ଲକ୍ଷ ୭ ହଜାର ୬୬୪ ଟଙ୍କା ସହ ଜରିମାନା ୬ଲକ୍ଷ ୮୫ହଜାର ୯୨ଟଙ୍କା ଏହିପରି ମୋଟ ଜରିମାନା ୧୦ଲକ୍ଷ ୧୯ହଜାର ୭୫୬ଟଙ୍କା ଆଦାୟ କରାଯାଇଥିଲା।

**୨୦୦ଗାଡି ମାଲିକଙ୍କୁ ପଠାଗଲା ନୋଟିସ**

ସେହିଭଳି ରାଜ୍ୟରେ ୨୯ଲକ୍ଷ ଇ-ଚାଲାଣ ପଡ଼ିରହିଥିବା ବେଳେ ଏହି ବାବଦ ଅର୍ଥ ଆଦାୟ କରାଯାଇପାରିନାହିଁ। ତେବେ ବଡ଼ ଗାଡ଼ିଗୁଡ଼ିକ କ୍ଷେତ୍ରରେ ମଧ୍ୟ ଅଧିକ ଚାଲାଣ ରହିଥିବା ଜଣାପଡ଼ିଛି। ଏଣୁ ପରିବହନ ବିଭାଗ ପକ୍ଷରୁ ଏହି ଗାଡି ଗୁଡିକର ମାଲିକ ମାନଙ୍କୁ ନୋଟିସ ପଠାଯାଇଛି। ବିଶେଷକରି ୫ରୁ ଅଧିକ ଚାଲାଣ ଥିବା ବଡ ଗାଡିକୁ ଜରିମାନା ପଇଠ ପାଇଁ ନୋଟିସ ପ୍ରଥମ ପର୍ଯ୍ୟାୟରେ ୨୦୦ଗାଡି ମାଲିକଙ୍କୁ ନୋଟିସ ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଚାଲାଣ ବାବଦ ଜରିମାନା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ବିଭାଗ। ଏଥିସହ ଫିଟନେସ ଓ ଅନ୍ୟ କାଗଜପତ୍ରକୁ ଠିକ କରିବାକୁ ପଡ଼ିବ। ଏହା ନକଲେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ପରିବହନ ବିଭାଗ ଅଧିକାରୀଙ୍କ କହିବାନୁସାରେ ଏଭଳି ୧୦ ହଜାର ଗାଡ଼ି ଚିହ୍ନଟ ହୋଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଗାଡ଼ି ମାଲିକଙ୍କୁ ନୋଟିସ ହେବ। ଟୋଲ ଗେଟରେ ଗଡି ଗୁଡିକ ଅତିକ୍ରମ କଲା ବେଳେ ଖିଲାପି ଗାଡ଼ିଗୁଡ଼ିକୁ ସ୍ୱୟଂକ୍ରିୟ ଚାଲାଣ କଟାଯାଉଛି।

**ଚିନ୍ତାରେ ଚାଷୀ**

## ଗଜା ହେଉନି ସରକାରୀ ବିହନ

ଭୁବନେଶ୍ୱର,୩୧।୭ (ସମିସ): ଚଳିତ ବର୍ଷ ଅନୁକୂଳ ମୌସୁମୀ ଯୋଗୁଁ ରାଜ୍ୟର ଅନେକ ଜିଲ୍ଲାରେ ଚାଷକାମ ଆରମ୍ଭ ହୋଇସାରିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬.୭୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ଅନେକ ଜିଲ୍ଲାରେ ସରକାରୀ ବିହନ ଶତକଡ଼ା ଅଧାରୁ ଅଧିକ ପ୍ରତିଶତ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି। ଏବେ ଯାହାବି ଧାନ ତଳି ରହିଛି, ସେଥିପାଇଁ ଆବଶ୍ୟକ ସାର ମଧ୍ୟ ମିଳିବା ସମ୍ଭବ ହେଉନାହିଁ। ରାଜ୍ୟର କୃଷିବହୁଳ ଜିଲ୍ଲାଗୁଡ଼ିକୁ ଗସ୍ତ କରି କୃଷିକ୍ଷେତ୍ର ଓ କୃଷକମାନଙ୍କର ଏହି ବାସ୍ତବ ସ୍ଥିତି ଦେଖିବା ପରେ ରାଜ୍ୟ କିଷାନ କଂଗ୍ରେସ ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

ଯାହାର ଆଶୁ ପ୍ରତିକାର ଦାବି କରିବା ସହ ବେଳହୁଁ ସାବଧାନ ନ ହେଲେ ରାଜ୍ୟରେ କୃଷି ବ୍ୟବସ୍ଥା, କୃଷି ଅର୍ଥନୀତି ତଥା ଚାଷୀ ଓ ଚାଷର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବାର ସମ୍ଭାବନା ରହିଛି ବୋଲି ରାଜ୍ୟ କିଷାନ କଂଗ୍ରେସ କହିଛି।

ଗୁରୁବାର ରାଜ୍ୟ କିଷାନ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏକ ପ୍ରତିନିଧି ଦଳ ପଶ୍ଚିମ ଓଡ଼ିଶା ଏବଂ ରାଜ୍ୟର କୃଷିବହୁଳ ଅନ୍ୟ କିଛି ଜିଲ୍ଲାକୁ ଗସ୍ତକରି ଚାଷୀ, ଚାଷ ଓ ଚାଷୀ ପରିବାରର ଅବସ୍ଥା ଦେଖିଛନ୍ତି। ଏହି ସମୟରେ ସେମାନେ ଚାଷୀଙ୍କ

■ ଇ-କେୱାସି ଗୋଲକଧନ୍ଦା ବଢ଼ାଇଛି ସମସ୍ୟା
■ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳ ସୁନିଶ୍ଚିତ ଦାବି

ଠାରୁ ବିହନ ଗଜା ନ ହେବାଠାରୁ ଆରମ୍ଭ କରି ଅନେକ ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି। ବିଶେଷକରି ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଓ ସୋନପୁର ଜିଲ୍ଲାର ଚାଷୀମାନେ ଏବେ ଆତଙ୍କରେ ସମୟ ବିତାଉଛନ୍ତି। ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ଆଦି ନଦୀରେ ଲଗାତର ବନ୍ୟା ଆସିବା ଫଳରେ ଧାନତଳି ପଚିଯାଇଛି। ତଳି ଅଭାବ ଯୋଗୁଁ ରୁଆ ବେଉଷଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ବେଳେ ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାର କିଛି ଅଂଶରେ ଅନାବୃଷ୍ଟି କାରଣରୁ ଚାଷକାର୍ଯ୍ୟ ପଛାଇ ଯାଇଛି। ଅବଶିଷ୍ଟ ଜିଲ୍ଲାମାନଙ୍କରେ ଚାଷକାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସରକାରୀ ବିହନ ଅଧାରୁ ଅଧିକ ପ୍ରତିଶତ ଗଜା ନ ହେବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷ ଆରମ୍ଭ ସମୟରେ ଏକ ଗ୍ୟାରେଣ୍ଟିଯୁକ୍ତ ଭଲ ଫସଲ ଅମଳକୁ ଦୃଷ୍ଟିରେ ରଖି ସରକାର ଏବେଠୁ ଚାଷୀ ଓ ଚାଷକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ସହିତ ସବୁ ପ୍ରକାର ସହାୟତା ଦେବା ପାଇଁ କିଷାନ କଂଗ୍ରେସ ଦାବି କରିଛି। ଆବଶ୍ୟକ ପଡ଼ିଲେ ବିନା ସୁଧ ଓ ସର୍ତ୍ତରେ ଋଣ ଯୋଗାଇଦେବା ସହିତ କୀଟନାଶକ, ସାର ଓ ବିହନ ଆଦି ରିହାତି ଦରରେ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବାକୁ କିଷାନ କଂଗ୍ରେସ ଦାବି କରିଛି।

ସେହିପରି ଟୋକନପ୍ରାପ୍ତି ଓ ପଞ୍ଜୀକରଣ ପାଇଁ ସମ୍ପ୍ରତି ଇ-କେୱାଇସି ଓ ବଂଶାବଳୀ ନିରୂପଣ ବ୍ୟବସ୍ଥା କରାଯାଇଛି। ଇ-କେୱାଇସି ନ ହେଲେ ଚାଷୀ ସରକାରୀ ଖାତାରେ ଚାଷୀ ଭାବେ ଗଣାହୋଇ ପାରିବ ନାହିଁ ଏବଂ ତା'ର ଧାନକୁ ଧାନମଣ୍ଡିରେ ଗ୍ରହଣ କରାଯିବ ନାହିଁ। ମାତ୍ର ଏହି ପ୍ରକ୍ରିୟା ବହୁ ଜଟିଳ କରାଯାଇଥିବାରୁ ଚାଷୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। କର୍ପୋରେଟ ସଂସ୍ଥା ଓ ମିଲ୍ ମାଲିକମାନଙ୍କ ଚକ୍ରାନ୍ତରେ ନ ପଡ଼ି ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ସତର୍କ ନ ହେଲେ, ଚାଷୀକୁଳ ରାଜରାସ୍ତାକୁ ବାହାରି ସରକାରୀକଳ ଅଚଳ କରିଦେବେ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ, ଦଳର ମୁଖପାତ୍ର ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ, କିଷାନ କଂଗ୍ରେସ ରାଜ୍ୟ ସଂଯୋଜକ ଅରୁଣ ଜେନା, ମୁଖପାତ୍ର ହିମାଂଶୁ ଲେଙ୍କା, ଚାଷୀ ନେତା ଶିତିକଣ୍ଠ ମହାନ୍ତି ଓ ରତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ଖୋଲିବ ଭିତରକନିକା

ରାଜନଗର,୩୧।୭ (ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧, ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ। ପର୍ଯ୍ୟଟକଙ୍କ ଭିତରକନିକାରେ ପ୍ରବେଶ ଉପରେ କଟକଣା ଥାଏ। ଆଜି ଏହି ଅବଧି ସରିଯାଉଥିବାରୁ ଆସନ୍ତାକାଲିଠାରୁ ଏହି ଜାତୀୟ ଉଦ୍ୟାନକୁ ଖୋଲାଯିବ। ଏଥିପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭିତରକନିକା ମଧ୍ୟକୁ




ପ୍ରବେଶ କରିବାକୁ ପର୍ଯ୍ୟଟକଙ୍କ ପାଇଁ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକ ଗୁପ୍ତି, ଚାନ୍ଦବାଲି, ଖୋଳା ଓ ଡାଙ୍ଗମାଳ ପ୍ରଭୃତି ୪ଟି ପ୍ରବେଶ ପଥ ଦେଇ ଭିତରକନିକାକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକମାନେ ଜଳପଥରେ ବଉଳା କୁମ୍ଭୀର, ଦେଶୀ ଓ ବିଦେଶୀ ପକ୍ଷୀ, ହରିଣ, ବାର୍‌ହା, ସମ୍ବର, ଝିଙ୍କ ଆଦି ନାନା ପଶୁପକ୍ଷୀ ଓ ମ୍ୟୁଜିୟମ ଦେଖିବା ସହ ବନବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରଥମ ସ୍କାଏ ୱାକ୍ ବ୍ରିଜ, ୱାଚ୍ ଟାୱାର, ସେଲ୍‌ଫି ପଏଣ୍ଟ, ମ୍ୟାନଗ୍ରୁଭ ମେଟା ନର୍ସରୀ, ବୋଟ ଲାଇବ୍ରେରୀ, ସହିଦ ସ୍ତମ୍ଭ, କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦି ଦେଖିପାରିବେ। ଯନ୍ତ୍ରଚାଳିତ ବୋଟ୍ ସହ ବନବିଭାଗ ପକ୍ଷରୁ ଡାଙ୍ଗମାଳ ଓ ଗୁପ୍ତିଠାରେ ଥିବା ଫାଇବର୍ ବୋଟ୍‌ରେ ମଧ୍ୟ ପର୍ଯ୍ୟଟକ ବୁଲି ଭିତରକନିକାର ନୈସର୍ଗିକ ଶୋଭା ଉପଭୋଗ କରିପାରିବେ। ଚଳିତବର୍ଷ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନ୍‌ମୁକ୍ତ କରାଯାଇଛି। ପର୍ଯ୍ୟଟକ ପଲିଥିନ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନ ଆଣିବା ପାଇଁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ଜିଲ୍ଲା ଓୟୁଜେ ସଂଘ



ନବରଙ୍ଗପୁର, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଓୟୁଜେ ସଂଘ ତରଫରୁ ନବରଙ୍ଗପୁର ନୂତନ ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କୁ ଆଜି ସୌଜନ୍ୟ ମୂଳକ ସାକ୍ଷାତ କରାଯାଇଥିଲା। ସଂଘ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଜିଲ୍ଲାପାଳଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ଓ ସାମ୍ବାଦିକଙ୍କ ସହଯୋଗରେ ଜିଲ୍ଲାକୁ ଆଗେଇ ନେବା ଲାଗି ଆଲୋଚନା ହୋଇଥିଲା। ବ୍ଲକ ସ୍ତରରେ ଯେଉଁ ସାମ୍ବାଦିକ ମାନେ ଅଛନ୍ତି ସେମାନଙ୍କ ସହ ଜିଲ୍ଲା ପ୍ରଶାସନ ଯୋଗ ସୂତ୍ର ରଖିବା ଲାଗି ସଭାପତି ଶ୍ରୀ ବେହେରା କହିଥିଲେ। ଜିଲ୍ଲାପାଳ ଏ ନେଇ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଙ୍କୁ ଜଣାଇବେ ବୋଲି କହିଥିଲେ । ଜିଲ୍ଲା ଓ ବ୍ଲକ ସ୍ତରରେ ଯେତେ ସାମ୍ବାଦିକ ଅଛନ୍ତି ସେମାନଙ୍କ ଚିହ୍ନଟ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯିବା ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ପ୍ରତେକ ଥାନାରେ ସାମ୍ବାଦିକଙ୍କ ଚିହ୍ନଟ କରାଯିବା ଲାଗି ନିବେଦନ କରାଯାଇଥିଲା । ଆଜିର ଏହି ସାକ୍ଷାତ କାର ସମୟରେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଚିଦାନନ୍ଦ ସାହୁ, ଫାଲଗୁନି ପାତ୍ର, ମହେଶ୍ୱର ବେହେରା, ବାରିଜ ପଟନାୟକ, ସୁମିତ ଘଣ୍ଟ, ଏନ ଜନାର୍ଦ୍ଦନ ରାଓ, ଗୌତମ ଅଗ୍ରୱାଲ, ଲକ୍ଷ୍ମୀ କାନ୍ତ ପଣ୍ଡା, ପ୍ରବୀଣ ସତନାମୀ, ଖଗ ମହାଙ୍କୁଡ, ପ୍ରଶାନ୍ତ ସାହୁ ପ୍ରମୁଖଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

### ନୂଆ କୌଶଳ ଆପଣାଇଛନ୍ତି ସାଇବର ଠକ

# ଗ୍ରାହକ ସାଜି ଆସିଲେ, ସେବାକେନ୍ଦ୍ରରୁ ୩.୫ ଲକ୍ଷ ଲୁଟିଲେ



କୋରାପୁଟ,୩୧।୭ (ସମିସ): ଲୋକଙ୍କୁ ଠକିବା ପାଇଁ ବର୍ତ୍ତମାନ ସାଇବର ଲୁଟେରା ପୁରୁଣା ତରିକା ଛାଡ଼ି ନୂଆ ନୂଆ କୌଶଳ ଆପଣାଉଛନ୍ତି। ଗତ କିଛି ଦିନ ମଧ୍ୟରେ ସାଇବର ଠକ ଦଳ ଏକ ନୂଆ ଫନ୍ଦା ଉପଯୋଗ କରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ୬ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କ ଠାରୁ ଲୁଟି ନେଇଛନ୍ତି ପ୍ରାୟ ୩ ଲକ୍ଷ ୩୮ ହଜାର ଟଙ୍କା। ବହୁ ବିଳମ୍ବରେ ସେମାନେ ଜାଣିବା ପରେ ସ୍ଥାନୀୟ ଥାନାରେ ଏତଲା ଦେବା ସହ ଗୁରୁବାର ଏସପିଙ୍କ ସମେତ କୋରାପୁଟ ସାଇବର ଥାନାରେ ସମୂହ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ସଂପୃକ୍ତ ସାଇବର ଠକ ଗ୍ୟାଙ୍ଗ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରି ସେବା କେନ୍ଦ୍ରରେ ଯାଇ ଜରୁରୀ ଆବଶ୍ୟକତା ଥିବା କହି ବିଶେଷ କରି ଚିକିତ୍ସା ପାଇଁ ନଗଦ ଅର୍ଥ ଆବଶ୍ୟକ କହି ଠକି ଥିବା ଜଣା ପଡିଛି। ଠକ ଜଣକ ଜୁନ୍ ଏବଂ ଜୁଲାଇ ମାସ ମଧ୍ୟରେ କୋଟପାଡ ଥାନା ଶଶାହାଣ୍ଡି, ଏନ୍ ସନ୍ତୋଷ କୁମାରଙ୍କ ଠାରୁ ଜୁଲାଇ ୨୭ ରେ ୮୦ ହଜାର, ଡାମନାହାଣ୍ଡିର ସନ୍ତୋଷ କୁମାର ଷଡଙ୍ଗୀଙ୍କ ଠାରୁ ୨୫ ତାରିଖରେ ୧୫ ହଜାର, ବୋରିଗୁମ୍ମାର ବାଙ୍କସାହିର ବୀରେନ ଘାରାମିଙ୍କ ଠାରୁ ୨୦ ତାରିଖରେ ୫୦ ହଜାର, ୨୧ ତାରିଖରେ ଜୟପୁର ଖ୍ରୀଷ୍ଟିଆନ ପେଟ୍ଟାର ସନ୍ଧ୍ୟା ରାଣୀ ବେନିଆଙ୍କ ଠାରୁ ୭୦ ହଜାର, ୨୫ ତାରିଖରେ ନୂଆଗାଁର ଅଞ୍ଜଳୀ ବିଶୋଇଙ୍କ ଠାରୁ ୨୩ ହଜାର ଏବଂ ବୈପାରିଗୁଡ଼ା ଥାନା ଟାଙ୍ଗନିଗୁଡ଼ାର ରାଜେଶ ମହାନ୍ତିଙ୍କ ଠାରୁ ଜୁନ ୧୫ ରେ ୧ ଲକ୍ଷ ଟଙ୍କା ଠକି ନେଇଥିଲେ। ସମସ୍ତଙ୍କ ଠାରୁ ସମାନ ଉପାୟରେ ଚିକିତ୍ସା ପାଇଁ ଆବଶ୍ୟକ କହି ଗ୍ରାହକ ସେବା କେନ୍ଦ୍ରର କ୍ୟୁଆର୍ କୋଡ ଜରିଆରେ ଅନ୍ୟ ସହଯୋଗୀ ଦ୍ୱାରା ଟଙ୍କା ଅନଲାଇନ୍ ପେଠ କରୁଥିଲେ ଓ ସେବା କେନ୍ଦ୍ରରୁ ନଗଦ ଟଙ୍କା ନେଉଥିଲେ। ଟଙ୍କା ନେବାର କିଛି ଦିନ ପରେ ସେବା କେନ୍ଦ୍ର ଗୁଡ଼ିକର ବ୍ୟାଙ୍କ ଖାତା ଫ୍ରିଜ୍ ହେଉଥିଲା। ପରେ ପୀଡିତମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତଦନ୍ତ ପରେ ବ୍ୟାଙ୍କ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ କାରବାରରେ ଜଡିତ ଆକାଉଣ୍ଟଗୁଡ଼ିକ ଚାଲିଥିବା ସାଇବର ଅପରାଧ ତଦନ୍ତ ସହିତ ଜଡିତ ଥିଲା କିମ୍ବା ଚୋରି ହୋଇଥିବା ରିପୋର୍ଟ କରାଯାଇଥିଲା। ଜଣେ ପୀଡିତ ଅଭିଯୁକ୍ତର ଫଟୋ ଉଠାଇବାରେ ସଫଳ ହୋଇଥିଲେ, ଯାହା ପୁଲିସକୁ ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ସଂପୃକ୍ତ ଠକ ଗ୍ୟାଙ୍ଗ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଲୋକଙ୍କୁ ଠକି ସେମାନଙ୍କ ବ୍ୟାଙ୍କ ଖାତାରୁ ପୀଡ଼ିତ ମାନଙ୍କ ପାଖକୁ ଟଙ୍କା ପଠାଇଥିବା ଜଣାପଡିଥିବାବେଳେ ଆନ୍ଧ୍ର ପ୍ରଦେଶ ସାଇବର ପୁଲିସ ନିକଟରେ ଅଭିଯୋଗ ହେଇଥିବାରୁ ବର୍ତ୍ତମାନ ଏହି ୬ ଜଣ ସେବା କେନ୍ଦ୍ର ମାଲିକଙ୍କ ବିରୁଦ୍ଧରେ ସେଠାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେଣୁ ପୀଡ଼ିତ ମାନେ ଏସପି ରୋହିତ ବର୍ମାଙ୍କୁ ଭେଟି ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

## କଂଗ୍ରେସ ପ୍ରତିନିଧିଙ୍କ ମେଣ୍ଟାଲ୍ ହସ୍ପିଟାଲ ପରିଦର୍ଶନ



ମାଲକାନଗିରି, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ ଜିଲ୍ଲା ମେଣ୍ଟାଲ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ସେଠାରେ କଣ ସବୁ ସମସ୍ୟା ଅଛି ସେନେଇ ତଦାରଖ କରିଥିଲେ। ମାନସିକ ବିକାରଗସ୍ତ ବ୍ୟକ୍ତିଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଏହି ଟିମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ପି.କେଶୁ ରାଓ, ଛବି ଦାସ, ପର୍ଶୁରାମ ଭକ୍ତ, ରାଜେଶ ମାଦଳା ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଜିଲ୍ଲାପାଳଙ୍କ କୋଟିଆ ଗସ୍ତ




ପଟ୍ଟାଙ୍ଗି, ୩୧।୭ (ସମିସ) କୋରାପୁଟ ଜିଲ୍ଲାରେ ନୂତନ ଭାବେ ଜିଲ୍ଲାପାଳ ଭାବେ ମନୋଜ ସତ୍ୟଭାନ ମହାଜନ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଗୁରୁବାର କୋଟିଆ ପଞ୍ଚାୟତ ଗସ୍ତ କରିଅଛନ୍ତି। ସୂଚନା ଅନୁଯାୟୀ ଓଡିଶା ଏବଂ ଆନ୍ଧ୍ର ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଥିବା କୋଟିଆ ପଞ୍ଚାୟତ ପ୍ରତ୍ୟେକ ସମୟରେ ଚର୍ଚ୍ଚାରେ ରହିଅଛି।କୋରାପୁଟ ଜିଲ୍ଲା ର ବର୍ତ୍ତମାନ ଜିଲ୍ଲାପାଳ ଶ୍ରୀ ମହାଜନ ଦାୟୀତ୍ୱ ଗ୍ରହଣ ନେବା ପରେ ସେ କୋଟିଆ ରେ ପହଞ୍ଚି ଓଡ଼ିଶା ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ତଦାରଖ କରି ଫେରିଛନ୍ତି।ସେ କୋଟିଆ ପଞ୍ଚାୟତର କୋଟିଆ, ଉପର ସେମ୍ବି, ନେରେଡିୱାଲାସା, ତାଡିୱାଲାସା, ମାଡକାର, ଫାଟୁସିନେରୀ ଏବଂ ହରମାଣ୍ଡେଙ୍ଗି ଗ୍ରାମ ଗୁଡ଼ିକୁ ଗସ୍ତ କରିଥିଲେ।ଉକ୍ତ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ଙ୍କ ସହ ଆଲୋଚନା କରି ସହ ସେମାନଙ୍କ ସମସ୍ୟା ଗୁଡ଼ିକୁ ପଚାରି ବୁଝିଥିଲେ।ସମସ୍ୟା ଗୁଡ଼ିକୁ ସମାଧାନ କରାଯିବା ନେଇ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ଜଣାପଡିଛି। ଏବଂ ବିଭିନ୍ନ ବିଦ୍ୟାଳୟ, ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକୁ ଦେଖିଥିବା ନେଇ ଜଣାପଡିଛି।ଉକ୍ତ ସମୟରେ ସ୍ଥାନୀୟ ସରପଞ୍ଚ ଲିୟୁ ଗେମେଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କୋରାପୁଟ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା, କୋରାପୁଟ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ୍ ହିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ, ଏ ଇ ଇ ବିଶ୍?ନାଥ ମାଦେଲି, ସ୍ଥାନୀୟ ଯନ୍ତ୍ରୀ ଜୟରାମ ତରାଇ, ଏପିଓ ସୌମେନ୍ଦ୍ର ନାୟକ, ଗ୍ରାମ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ର ସହକାରୀ ଯନ୍ତ୍ରୀ ବାସୁଦେବ ଦାସ ପ୍ରମୁଖ ଉପସ୍ଥିତ ରହିଥିବା ନେଇ ଜଣାପଡିଛି।

## ଛୁରାମାଡ଼ରେ ଜଣେ ଗୁରୁତର, ଅଭିଯୁକ୍ତ ଗିରଫ

ଜୟପୁର, ୩୧।୭ (ସମିସ): ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ପାତ୍ରପୁଟ ଗ୍ରାମ ପେଟ୍ରୋଲ ପମ୍ପ ନିକଟରେ ଜଣେ ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଗତକାଲି ସଂଧ୍ୟାରେ ଏହି ଘଟଣା ଘଟିଥିଲା, ଗୁରୁତର ଆହାତ ବୈପାରୀଗୁଡା ଥାନା ଚନ୍ଦ୍ରପଡା ଗ୍ରାମପଞ୍ଚାୟତ ପାଲିଗୁଡା ଗ୍ରାମର ଯୁବକ ରାଜେନ୍ଦ୍ର ଖିଲ (୩୦)ଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ତାଙ୍କର ଅବସ୍ଥା ଗୁରୁତର ରହିଥିବା ଯୋଗୁଁ କୋରାପୁଟ ସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକମାନେ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ସେଠାରେ ଧରି ଧୁମମାଡ ମାରିଥିଲେ। ପୁଲିସକୁ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ନିଜ ହେପାଜତରେ ନେଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଧରାପଡିଥିବା ଅଭିଯୁକ୍ତ ଜୟପୁର ସଦରଥାନା ମକାପୁଟ ଗ୍ରାମର ଯୁବକ ଅଟନ୍ତି ବୋଲି ଜଣାପଡ଼ିଛି। ଅଟକ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି ଏବଂ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ପୁଲୁସ ସୂଚନା ଅନୁଯାୟୀ, ଗତକାଲି ସଂଧ୍ୟାରେ ପେଟ୍ରୋଲ ପମ୍ପରେ ଦୁଇଜଣ ଯୁବକ ଏକ ଅଟୋ (ଓଡି-୩୦-ସି-୧୬୦୬)ଯୋଗେ ପହଞ୍ଚି ଡିଜେଲ ପକାଇଥିଲେ। ଏହାପରେ କାର୍ଯ୍ୟରତ କର୍ମଚାରୀ ଶ୍ରୀ ଖିଲ ଟଙ୍କା ମାଗିବାରୁ ଅଟୋ ବସିଥିବା ଯୁବକ ହଠାତ ଏକ ଛୁରା ବାହାର କରିବା ସହ କର୍ମଚାରୀଙ୍କ ବେକରେ ଛୁରାମାଡ କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ପୁଲିସ ସିସି କ୍ୟାମେରା ଯାଞ୍ଚ କରିବା ସହ ଯାଞ୍ଚ କରୁଛନ୍ତି । ଅତିଶିଘ୍ର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଦରଥାନା ପୁଲିସ ପ୍ରକାଶ କରିଛନ୍ତି

● ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

## ମାଥିଲିକୁ ମିଳିଲା ସ୍ୱର୍ଣ୍ଣ ପଦକ




ମାଥିଲି, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ର ଅଙ୍ଗନବାଡି, ଆଶାକର୍ମୀ, ସ୍ୱାସ୍ଥ୍ୟ ଶିକ୍ଷା ପରିମଳ କ୍ଷେତ୍ରରେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବାରୁ ରାଜ୍ୟ ସରକାର ମାଥିଲି ବ୍ଲକକୁ ପୁରସ୍କୃତ କରିଛନ୍ତି। ଆଶା, ଅଙ୍ଗନବାଡି ଓ ଏଏନ୍ଏମ ନିଷ୍ଠାପର କାର୍ଯ୍ୟ ସମ୍ପାଦନ କରି ପୁରସ୍କୃତ ହୋଇଥିବାରୁ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ କିଭଳି ଜାତୀୟ ସ୍ତରରେ ପୁରସ୍କୃତ ହେବା ପାଇଁ ଚେଷ୍ଟା ଜାରି ରଖିବେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ମାଥିଲି ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷ ମହେଶ ବାକାଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା ସମସ୍ତ କର୍ମୀଙ୍କୁ ଓ ଅଧିକାରୀଙ୍କୁ ଶୁଭେଚ୍ଛାର ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ସରୋଜ କୁମାର ପ୍ରଧାନ, ଏଇଇ ହୃଦୟ ରଞ୍ଜନ ବାଗ, ଜିପିଡିଓ ରତନ ରାୟ ପ୍ରମୁଖଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଫେରାର ଯୁବକ ଗିରଫ

ଡାବୁଗାଁ, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପୋଲିସ ଯୁବତୀଙ୍କୁ ଦୁଷ୍କର୍ମ ମାମଲାର ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଞ୍ଚଳରେ ଜଣେ ୧୮ ବର୍ଷୀୟ ଯୁବତୀଙ୍କୁ ୨୦୨୪ ମସିହାରେ କୋଡିଗାଁ ଥାନା ଅଧୀନ ବାଙ୍କୁଲି ଗ୍ରାମର ଶିବ ହରିଜନ (୨୬) କେଉଁ ଆଡେ ନେଇ ଚାଲି ଯାଇଥିଲେ। ରାତି ପର୍ଯ୍ୟନ୍ତ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ପାଇ ନଥିଲେ। ପରେ ଜାଣିବାକୁ ପାଇଥିଲେ ଯେ ବାଙ୍କୁଲି ଗ୍ରାମର ଶିବ ହରିଜନ ତାଙ୍କ ଝିଅକୁ କେଉଁ ଆଡେ ନେଇ ଚାଲି ଯାଇଛି । ଯୁବକ ଜଣଙ୍କ ଯୁବତୀ ସହ ଶାରିରୀକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ସେ ଯୁବତୀଙ୍କୁ ଆଣି ତାଙ୍କ ଗ୍ରାମ ପାଖରେ ଛାଡି ଚାଲିଯାଇଥିଲେ। ଏହାପରେ ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ଡାବୁଗାଁ ଥାନାରେ ଏତଲା ହୋଇଥିଲା। ସମ୍ପୃକ୍ତ ଯୁବକ ଜଣଙ୍କ ସେହି ଦିନ ଠାରୁ ଫେରାର ଥିଲେ। ଆଜି ଗୁରୁବାର ଯୁବକ ନିଜ ଗ୍ରାମକୁ ଫେରିଥିବା ପୋଲିସ ଖବର ପାଇ ବାଙ୍କୁଲି ଗ୍ରାମରେ ଚଢାଉ କରି ଶିବ ହରିଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ସବ୍ ଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କୁ ମିଶନ ଶକ୍ତି ପକ୍ଷରୁ ସମ୍ବର୍ଦ୍ଧନା




କୋରାପୁଟ, ୩୧।୭ (ସମିସ): ଜିଲ୍ଲା ମିଶନ ଶକ୍ତି ପକ୍ଷରୁ ନବାଗତ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତି ରେଖା ଚେଟି, ଆକାଉଣ୍ଟେଣ୍ଟ ଉମେଶ ଶବର, ପବିତ୍ର ପଟ୍ଟନାୟକ ଓ ଅନ୍ୟମାନେ ଗୁରୁବାର ପୂର୍ବାହ୍ନରେ ନବାଗତ ଜିଲ୍ଲାପାଳଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ସାପକାମୁଡ଼ାରେ ବୃଦ୍ଧ ଗୁରୁତର

ବନ୍ଧୁଗାଁ, ୩୧।୭ (ସମିସ): ବନ୍ଧୁଗାଁ ବ୍ଲକ ଯାଗୁଗୁଡା ପଞ୍ଚାୟତ ଲେଡିଙ୍ଗି ଗାଁରେ ବୃଦ୍ଧଙ୍କୁ ସାପକାମୁଡାରେ ଜଣେ ବୃଦ୍ଧ ଗୁରୁତର ହୋଇଛି। ଆଜି ଅପରାହ୍ନ ସମୟରେ ବୃଦ୍ଧ ପାଇକ ହାରେକା (୭୦) ର୍ ଘରରୁ ଅଳ୍ପ ଦୂରରେ ଥିବା ଧାନ ବିଲରେ ଥିବା ଗାଇ ଗୋରୁଙ୍କୁ ଘଉଡାଇବାକୁ ଯାଇଥିଲେ। ଏହି ସମୟରେ ଏକ ବିଶ ଧର ସାପ ବୃଦ୍ଧର ଡାହାଣ ଗୋଡ଼ରେ କାମୁଡି ଥିଲା। ପରିବାର ଲୋକଙ୍କ ତରଫରୁ ଘରେଇ ଚିକିତ୍ସା କରୁଥିବା ବେଳେ ବୃଦ୍ଧ ଜଣକ ଅଧିକ ଅସୁସ୍ଥତା ଅନୁଭବ କରିଥିଲେ। ପରେ ଏକ ଆମ୍ବୁଲାନ୍ସ ସେବା ମାଧ୍ୟମରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

## ତହସିଲଦାରଙ୍କୁ ଗିରଫ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ସେମିଳିଗୁଡା, ୩୧।୭ (ସମିସ): କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା ଅଭିଯୋଗରେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାତିଙ୍କୁ ଗିରଫ ପାଇଁ ପରୱାନା ଜାରି ହୋଇଛି। ୨୦୧୮ରେ ଆଇନଜୀବୀ କୃତିବାସ ରାଉତ କୌଣସି କାରଣକୁ ନେଇ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ସିସି ନଂ.୧୧୩/୧୮ ଘଟଣାର ବିଚାର କରି ସେତେବେଳର ଅତିରିକ୍ତ ତହସିଲଦାର ତଥା ବର୍ତ୍ତମାନର ତହସିଲଦାର ଦେବବ୍ରତଙ୍କୁ ୨୫ ହଜାର ଟଙ୍କାର ଜରିମାନା କରିଥିଲେ। ପରେ ୨୦୨୩ରେ ଦରଖାସ୍ତ ନଂ. ୫ ରେ ଅଦାଲତ ଜବାବ ତଲବ କରିଥିଲେ। ହେଲେ ଅଧିକାରୀ ଜଣକ ଅଦାଲତଙ୍କ ନିର୍ଦ୍ଦେଶକୁ ଆଜି ପର୍ଯ୍ୟନ୍ତ ପାଳନ କରି ନାହାନ୍ତି। ଯାହାକୁ ନେଇ ଅଦାଲତ ଗିରଫ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସିଆର୍‌ପିସି ଧାରା ୭୧ ଓ ୭୨ ତଥା ଖାଉଟି ଅଧିନିୟମ ୧୯୮୬ ଧାରା ୨୭ ଅନୁଯାୟୀ ୨୬୧/୨୯୭୨୫ରେ ସେମିଳିଗୁଡା ଥାନା ଅଧିକାରୀଙ୍କୁ ଗିରଫ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଦେଇଛନ୍ତି।।

## ୟୁଏଏସ୍ ସ୍ଥଗିତ ପାଇଁ ଦାବିପତ୍ର ପ୍ରଦାନ



ବନ୍ଧୁଗାଁ, ୩୧।୭ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ ବନ୍ଧୁଗାଁ ବ୍ଲକର ଶିକ୍ଷକ ସସଂଘ ସଭାପତି ମନୋଜ ବାଗଙ୍କ ନେତୃତ୍ୱରେ ଆଜି ବ୍ଲକର ଶିକ୍ଷକ ଓ ଶିକ୍ଷୟତ୍ରୀ ଏକତ୍ରିତ ହୋଇ ବନ୍ଧୁଗାଁ ଶିକ୍ଷକ ସଂଘ ଗୃହରୁ ବାହାରି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ଲୋଗାନ ସହ ରାଲି କରି ବାହାରିଥିଲେ। ଆଜିର ମୁଖ୍ୟ ଉଦ୍ଦ୍ୟେଶ ଥିଲା କି ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ୟୁ.ଏ.ଏସ. ୟୁନିଫା ଇଡ ଅଟମେସନ ସିଷ୍ଟମକୁ ସ୍ଥଗିତ ରଖିବା। ବନ୍ଧୁଗାଁ ବ୍ଲକର ନିଖିଳ ପ୍ରାଥମିକ ଶିକ୍ଷକ ସଙ୍ଘର ସମ୍ପାଦକ କେ.ପ୍ରତାପ କୁମାର ଏହାକୁ ବିରୋଧ କରିଛନ୍ତି। ଆନ୍ଦୋଳନକାରୀମାନେ ରାଜ୍ୟପାଳ ଓଡିଶା, ମୁଖ୍ୟମନ୍ତ୍ରୀ ଓଡିଶା, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା, ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଓଡ଼ିଶା, ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ଓଡିଶା, ଜିଲ୍ଲାପାଳ କୋରାପୁଟ, ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କ ଉଦ୍ଦେଶ୍ୟରେ ବନ୍ଧୁଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପହଞ୍ଚି କାର୍ଯ୍ୟାଳୟେ କାର୍ଯ୍ୟର ଦାୟୀତ୍ୱରେ ରହିଥିବା କନିଷ୍ଠ କିରାଣୀ ଶ୍ରୀ ଅବନି ତ୍ରିପାଠିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଜିର ରାଲିରେ ନିଖିଳ ପ୍ରାଥମିକ ଶିକ୍ଷକ ସଙ୍ଘର ଉପ ସଭାପତି ଦେବେନ୍ଦ୍ର ଗମାଙ୍ଗ, ଜିଲ୍ଲା ସଂଘ ପ୍ରତିନିଧୀ ସନ୍ୟାସୀ ରାଓ ଦେବରପଳି, ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ବଳବନ୍ତ ରାୟ, ପରୀକ୍ଷିତ ଦାସ, ଗୟାଧର ସାମଲ, ଚନ୍ଦ୍ରକଳା ଦେବୀ, ଏ.ଭେଙ୍କଟ ରାବନା ସହ ବ୍ଲକ୍ ର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ ।

## ୟୁଏସ୍ଏକୁ ବିରୋଧ କଲେ ଶିକ୍ଷକ ସଂଘ

ପୋଡ଼ାଗଡ, ୩୧।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆଜି ୟୁଏସ୍ଏ ପ୍ରଥାକୁ ବିରୋଧ କରି ଥାନା ଛକଠାରୁ ବିଇଓ ଅଫିସ ପର୍ଯ୍ୟନ୍ତ ଏକ ମହା ରାଲି କରିଥିଲେ। ଉକ୍ତ ରାଲିରେ ଦଶମନ୍ତପୁର ଶିକ୍ଷକ ସଙ୍ଘର, ବାସ ପ୍ରଧାନୀ, କୃଷ୍ଣ ମହାରଣା, ଚୋଳଗଙ୍ଗ ବିଶୋଇ, ଭୁବନ ଦଳାଇ, ନକୁଳ ନାୟକ ଏବଂ ପୋଡାଗଡ଼ ସଙ୍ଘ ର ସୁନୀଲ ଟାକ୍ରୀ, ତାରିଣୀ ସେନ ସ୍ୱାଇଁ, ଲକ୍ଷ୍ମାନ ସଗର, ଯୋଗ ଦେଇ ଥିଲେ ।

### ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତି ଉପରେ ବିଶ୍ୱାସ

# କାଉ ମିଳନକୁ ନେଇ ପାଳନ ହେଲା ପରମ୍ପରା



ଜୟପୁର, ୩୧।୭ (ସମିସ): ବିଜ୍ଞାନ ଯେତେ ଆଧୁନିକ ହେଲେ ସୁଦ୍ଧା ନିଜ ପରମ୍ପରା ଅନୁଯାୟୀ ଆଦିବାସୀ ମାନେ ସେମାନଙ୍କ ବିଶ୍ୱାସକୁ ବଜାୟ ରଖିଥାଆନ୍ତି। ଏହିପରି ଏହାକୁ ବିଶ୍ୱାସ କିମ୍ବା ଅନ୍ଧ ବିଶ୍ୱାସ କୁହାଯାଇପାରେଙ୍ଖ କିନ୍ତୁ ଏହି ଆଧୁନିକ ଯୁଗରେ ମଧ୍ୟ ସେମାନେ ଅଶୁଭ ସଂକେତ ଉପରେ ବିଶ୍ୱାସ ଏବଂ ଭୟ ରଖିଛନ୍ତି। ଏହିପରି ଘଟଣା ଆଦିବାସୀ ବହୁଳ କୋରାପୁଟ ଜିଲ୍ଲା ଜୟପୁର ସହର ସନ୍ନିକଟ ରଣ୍ଡାପାଲ୍ଲୀ ଗ୍ରାମପଞ୍ଚାୟତର ପାତ୍ରଗୁଡା ଗ୍ରାମ ଠାରେ ଦେଖିବାକୁ ମିଳିଛି। ଦୁଇଟି କାଉର ମିଳନକୁ ନେଇ ଗ୍ରାମର ଦୁଇ ଯୁବକ ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ ପାଳନ କରିବା ଏକ ପ୍ରକାର ବାଧ୍ୟ ହୋଇଛନ୍ତି। ଗତ ସୋମବାର ଗ୍ରାମର ଦୁଇ ଯୁବକ ଗୁପ୍ତେଶ୍ୱର ଶୈବ ପୀଠକୁ ଯାଇ ଫେରିବା ରାସ୍ତା ଏକ ଗ୍ରାମର ବିଦ୍ୟାଳୟ ନିକଟରେ ସଂଧ୍ୟା ସମୟରେ ଦୁଇଟି କାଉର ମିଳନ ଦେଖିଲେ। ଏଥିନେଇ ଦୁଇ ଯୁବକ ଫୋନ ମାଧ୍ୟମରେ ତାଙ୍କର ସମ୍ପର୍କିୟ ଜଣେ ବୟସ୍କ ଲୋକଙ୍କୁ ଫୋନ ମାଧ୍ୟମରେ ଏହି ଘଟଣା ସମ୍ପର୍କରେ କହିଥିଲେ। ଏହିପରି ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ଉକ୍ତ ବୟସ୍କ ଲୋକ ଏବଂ ଗ୍ରାମବାସୀ ମାନେ ମିଳିତ ପରିବାର ଲୋକ ସହିତ ସ୍ଥାନୀୟ ସମ୍ପର୍କିୟ ଏବଂ ବାହାର ଗ୍ରାମରେ ରହୁଥିବା ବନ୍ଧୁବାନ୍ଧବଙ୍କୁ ଦୁଇ ଯୁବକଙ୍କ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ଏହିପରି ପରିବାର ଏବଂ ଅନ୍ୟାନ୍ୟ ସମ୍ପର୍କିୟଙ୍କ ଅଜଣାତରେ କିଛି ଗ୍ରାମବାସୀ ମୃତ ଘୋଷଣା କରାଯାଇଥିବା କୁଶପୁତ୍ତଳିକା ପ୍ରସ୍ତୁତ କରାଯାଇ, ଦୁଇ ଯୁବକଙ୍କ ମୃତ ଦେହକୁ ଅଣାଯାଇଥିବା ନେଇ କୋକେଇ ପ୍ରସ୍ତୁତ କରାଯାଇ ମୃତଦେହ ଭାବେ ଉକ୍ତ କୁଶପୁତ୍ତଳିକାକୁ ଘରକୁ ନେବା ବଦଳରେ ବିଭିନ୍ନ ବାହାନା ଦେଖାଇ ଗ୍ରାମ ମୁଣ୍ଡରୁ ରଖାଯାଇଥିଲା। ସେହିପରି କୋକେଇରେ ଉକ୍ତ କୁଶପୁତ୍ତଳିକା ଶବକୁ ରଖାଯାଇ ବୋହି ବୋହି କାନ୍ଦବୋବାଳି ସହ ଦୁଃଖଦ ପରିବେଶ ସୃଷ୍ଟି କରାଯାଇ ସ୍ଥାନୀୟ ଶ୍ମଶାନ କୁ ରୀତିନୀତି ଅନୁଯାୟୀ ଗତ ମଙ୍ଗଳବାର ଶବଦାହ କରାଯାଇଥିଲା। ଏହି ସମୟରେ ଉଭୟ ଯୁବକଙ୍କୁ ଗ୍ରାମକୁ ଆସିବାକୁ ବାରଣ କରାଯାଇଥିଲା। ଏହିପରି ଘରକୁ ଫେରି ସମ୍ପର୍କିୟ ଏବଂ ପରିବାର ଲୋକ ଦୁଃଖଦ ପିତା ଖାଇଥିଲେ। ଏହାପରେ ଗତକାଲି ଏହି ଘଟଣା ସମ୍ପୁର୍ଣ୍ଣ ମଥ୍ୟା ଏବଂ ଏହିପରି କାଉମିଳନ ଦେଖିବା ଯୋଗୁଁ ଅଶୁଭ ସଙ୍କେତ ହୋଇଥିବା ବେଳେ ଉଭୟ ଯୁବକଙ୍କ ମୃତ୍ୟୁ ହେବାର ଆଶଙ୍କା ରହିଥିବା ନେଇ ଆଦିବାସୀ ବିଶ୍ୱାସ ଓ ମାନ୍ୟତା ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଥିବା ନେଇ ଗ୍ରାମର ବୟସ୍କ ଏବଂ ଅନ୍ୟାନ୍ୟ ଗ୍ରାମବାସୀ ମାନେ ପରକାଶ କରିଛନ୍ତି। ଏହା ଦ୍ୱାରା ସେମାନଙ୍କ ଉପରେ ଆସିଥିବା ଏକ ବଡ ଅଘଟଣ ଟଳିଯାଇଥିବା ନେଇ ବିଶ୍ୱାସର ସହ କହିଛନ୍ତି। ଦେଶ ସ୍ୱାଧିନତା ହେବାର ୭୮ ବର୍ଷ ପରେ ମଧ୍ୟ ଆଦିବାସୀଙ୍କ ଏହା ପରମ୍ପରା, ବିଶ୍ୱାସ ନା ଅନ୍ଧବିଶ୍ୱାସ ଏହାକୁ ଗୁରୁତର ସହ ପ୍ରଶାସନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ତେଣୁ ଏଥିନେଇ ଏହିପରି ଆଦିବାସୀ ବହୁଳ ଜିଲ୍ଲା ଗୁଡିକରେ ଅଧିକ ସଚେତନତାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

ଦ୍ୱାଦଶ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାଙ୍ଗନା ପତି
ଗ୍ରାମ- ସୋଧ, ଦୋବଲ, ଧାମନଗର
ଆବିର୍ଭାବ-୧୭/୮/୧୯୫୩
ତିରୋଧାନ-୨୧/୭/୨୦୨୫

ତୁମ ଅବର୍ତ୍ତମାନରେ ଚାହୁଁ ଚାହୁଁ ଆଜିକୁ ବାର ଦିନ ହୋଇଗଲା ।ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ ।ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁ ସମୟରେ ମନେପଡୁଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦଗତି ହେଉ।

ଶୋକସନ୍ତପ୍ତ: ରମାକାନ୍ତ ପତି
ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଓ ପତି ପରିବାର ବର୍ଗ

ସକାଳ THE SAKALA



## ପୂର୍ବ ଶତ୍ରୁତାରୁ ମାରପିଟ୍, ଜଣେ ଗୁରୁତର

ରାୟଗଡ଼ା, ୩୧।୭ (ସମିସ): ରାୟଗଡ଼ା ସହରର ଏକ ସିନେମା ହଲ ସମ୍ମୁଖରେ ଗୁରୁବାର ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଜଣକ ହେଲେ ରାମକୃଷ୍ଣ ନଗର ନିକଟସ୍ଥ ବେହେରା ସାହିର ଜାକବ୍ ରାଜ୍(୨୨)। ଖବରପାଇ ୧୧୨ ଗାଡି ଘଟଣାସ୍ଥଳରେ ପହଞ୍ଚି ଆହତ ଜାକବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପୁଲିସ ଘଟଣାର ତଦନ୍ତ କରୁଛି। ଘଟଣାରୁ ପ୍ରକାଶ ଯେ, ଜାକବ ସିନେମା ହଲକୁ ଫିଲ୍ମ ଦେଖିବାକୁ ଯାଇଥିଲେ। ଫିଲ୍ମ ଦେଖି ବାହାରିବା ବେଳେ ସେଠାରେ ଉପସ୍ଥିତ ଅନ୍ୟ ଜଣଙ୍କ ସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ଉକ୍ତ ସମୟରେ ଜାକବ ଛୁରୀ ବାହାର କରିଥିବା ବେଳେ ଅନ୍ୟ ଯୁବକ ଜଣକ ଏକ ହାତୁଡିରେ ଆକ୍ରମଣ କରିଥିଲେ। ଏଥିରେ ଜାକବ ଗୁରୁତର ଆହତ ହୋଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ବଣ୍ଡାଘାଟୀ ଗସ୍ତ ଘୋଷଣା

# ଆବାସ ଯୋଜନାରେ ଅଧିକ ୫୦ ହଜାର ମିଳୁନି; ଅସନ୍ତୋଷ

ଖଇରପୁଟ, ୩୧।୭ (ସମିସ):



କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବଣ୍ଡା ମହିଳାଙ୍କ କଥା ରଖି ବଣ୍ଡାଘାଟୀ ଗସ୍ତ କରିବେ ବୋଲି ଘୋଷଣା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ବଣ୍ଡାଘାଟୀ ଅଞ୍ଚଳର ଗସ୍ତ ମଧ୍ୟ କରିବାକୁ ଯାଉଛନ୍ତି। କିନ୍ତୁ ତାଙ୍କ ଗସ୍ତ ପୂର୍ବରୁ ବଣ୍ଡାଘାଟୀ ବାସିନ୍ଦାଙ୍କ ମଧ୍ୟରେ ଏକ ଗଭୀର ଅସନ୍ତୋଷ ଦେଖାଯାଉଛି। କାରଣ, କିଛି ମାସ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ବଣ୍ଡାଘାଟୀ ଗସ୍ତ କରି ଏଠି ନିର୍ମାଣ ଚାଲୁଥିବା ଆବାସ ଯୋଜନା ପାଇଁ ଅଧିକ ୫୦,୦୦୦ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏହି ଅଞ୍ଚଳର ଅନେକ ଜନଜାତି ପରିବାର ଆଶା କରିଥିଲେ ଯେ ଏହି ଅନୁଦାନ ଦ୍ୱାରା ସେମାନେ ନିଜର ଆବାସ ନିର୍ମାଣ କାମ ଶେଷ କରିପାରିବେ। କିନ୍ତୁ ଦୁଃଖର ବିଷୟ ହେଉଛି ଏପର୍ଯ୍ୟନ୍ତ ସେହି ଅନୁଦାନ କୌଣସି ଲୋକଙ୍କୁ ମିଳିନାହିଁ। ଦୁଇଟି ପଞ୍ଚାୟତ ମୁଦୁଲିପଡ଼ା ଓ ଅଣ୍ଡରାହାଲକୁ ନେଇ ବଣ୍ଡାଘାଟୀ। ଅଣ୍ଡରାହାଲ ପଞ୍ଚାୟତରେ ୫୭୦ ଘର ଆସିଥିବା ବେଳେ ମାତ୍ର ୧୫ ଘର ସଂପୂର୍ଣ୍ଣ ହୋଇଥିବା ବେଳେ ମୁଦୁଲିପଡ଼ା ପଞ୍ଚାୟତରେ ୫୯୧ ଘର ଆସିଥିବା ବେଳେ ସେଥିରୁ ମାତ୍ର ୧୪ ଘର ହିଁ ସମ୍ପୂର୍ଣ୍ଣ ହୋଇଛି। ବଣ୍ଡାଘାଟୀରେ ଅନେକ ଆବାସ ଗୃହ ଅଟକି ରହିଛି। ଯାହା ଦ୍ୱାରା ବଣ୍ଡା ଜନଜାତି ମାଟି କୁଡିଆରେ ହିଁ ରହୁଛନ୍ତି। ଏହି ଅବସ୍ଥା ଦେଖି ବଣ୍ଡାଘାଟି ବାସିନ୍ଦା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ସେମାନେ ସାକ୍ଷାତ କରି ଏହି ଅସୁବିଧା ବିଷୟରେ ଅନୁରୋଧ କରିବେ ଓ ସେମାନଙ୍କ ଦୁଃଖ କଥା କହିବେ। ପୂର୍ବ ସରକାର ବଣ୍ଡାଘାଟୀକୁ ଫୋକସରେ ରଖି ବଣ୍ଡାଘାଟୀକୁ ପକ୍କା ରାସ୍ତା, ଘାଟିକୁ ଲକ୍ଷ୍ମୀ ବସ ଆଦି ସୁବିଧା ଯୋଗାଇଥିଲେ। କିନ୍ତୁ ଚଳିତ ସରକାର ଏପର୍ଯ୍ୟନ୍ତ ବଣ୍ଡାଘାଟୀ ରେ ଆଖିଦୃଶିଆ କୌଣସି ଉନ୍ନୟନ ମୂଳକ କାମ କରିପାରିନାହିଁ। ଯାହା ପାଇଁ ଜନଜାତିଙ୍କ ମନରେ ଏକ ପ୍ରକାର ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଘଟଣା ବଣ୍ଡାଘାଟୀ ଅଞ୍ଚଳର ଗରିବ ଓ ଜନଜାତି ସମୁଦାୟଙ୍କ ଆବଶ୍ୟକତା ଓ ଅପେକ୍ଷାକୁ ପ୍ରକାଶ କରୁଛି। ସରକାର ଏହି ଦିଗରେ ଗଭୀର ଧ୍ୟାନ ଦେଉଥିଲେ ଅଞ୍ଚଳର ଜନସାଧାରଣ ଲାଭାନ୍ୱିତ ହେବେ ବୋଲି ବଣ୍ଡାଘାଟୀ ଲୋକଙ୍କର ଆଶା। ତେବେ ଏନେଇ ଆମେ ଖଇରପୁଟ ବିଡିଓଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କ ସହ ଯୋଗଯୋଗ ସମ୍ଭବ ହୋଇନଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହି।

## ଶ୍ରୀ ଶ୍ରୀ ବଡ଼ମା'ଙ୍କ ଜନ୍ମ ଉତ୍ସବ

ରାମନାଗୁଡ଼ା,୩୧।୭ (ସମିସ): ଶ୍ରୀ ଶ୍ରୀ ବଡ଼ମା'ଙ୍କ ୧୩୨ ତମ ଜନ୍ମଉତ୍ସବ ରାୟଗଡା ଜିଲ୍ଲା ରାମନାଗୁଡ଼ା ସଦର ମହକୁମା ନିକଟସ୍ଥ ସ୍ଥାନୀୟ ଆୟପ୍ପା ମନ୍ଦିର ନିକଟରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଶେଷ କରି ବ୍ରହ୍ମମୁହୁର୍ତ୍ତରୁ ସ୍ଥାନୀୟ ଭକ୍ତ ଗଣ ମାନେ ବେଦ ମାଙ୍ଗଳିକ କାର୍ଯକ୍ରମ ଉଷା ବିନତି ପରେ ପରେ ସକାଳେ ମା'ଙ୍କ ଜନ୍ମ ଲଗ୍ନ ଘୋଷଣା ପରେ ପରେ ସନ୍ଧ୍ୟା ୭ ଟାରେ ସାମୁହିକ ସତ୍ସଙ୍ଗ ମାତୃ ସମ୍ମିଳନୀ କାଯ୍ୟକ୍ରମ ରଖାଯାଇଥିଲା। ଉକ୍ତ କାର୍ଯକ୍ରମରେ ରାୟଗଡ଼ାର ଦେବରାଜ ମଲ୍ଲିକ ପରିଚାଳନା କରିଥିବା ବେଳେ ରାମନାଗୁଡ଼ା ସୁଲୋଚନା ମା' ଓ ରାୟଗଡ଼ାରୁ ଆଗତ ଗୀତିଛନ୍ଦା ମା ଭଜନ ପରିବେଷଣ କରିଥିଲେ। ରାୟଗଡ଼ାର ବବିତା ରାଉତ ମା କୋରସ ପରିବେଷଣ କରିଥିଲେ। ପଦ୍ମପୁରର ଭବାନୀ ମା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା କୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ରାୟଗଡ଼ା ଡେଜି ମା ସମାଜ ରେ ନାରୀର ଭୂମିକା ଉପରେ ଆଲୋଚନା ରଖିଥିଲେ। ପରେ ପରେ ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରରୁ ଆସିଥିବା ଡକ୍ଟର ପ୍ରଭାବତୀ ପଢ଼ିହାରି ସତସଙ୍ଗ ଦ୍ୱାରା ନାରୀ ମାନଙ୍କର କିପରି ଜୀବନର ଗତି ପଥ ବଦଳି ଯାଏ ଏବଂ ନିଜ ସ୍ୱାମୀ ନିଜ ପିଲା ଛୁଆଙ୍କୁ କିପରି ଉନ୍ନତି ମୁଖର କରିହୁଏ ସେ ବିଷୟରେ ଶ୍ରୀ ଶ୍ରୀ ଠାକୁର ଏବଂ ବଡ଼ ମା'ଙ୍କ ଜୀବନ ଧାରାକୁ ଉଦାହରଣ ଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ରଖିଥିଲେ। ରମନାଗୁଡ଼ାର ରଘୁନାଥ ସାମଲ. କୃଷ୍ଣଚନ୍ଦ୍ର ସାହୁ. ଚନ୍ଦ୍ର ଭୂଷଣ ପାତ୍ର, ମାଧବ ଲବଲା. ଗୌରୀ ସହୁ. ସାରଦା ପାତ୍ର. ପବିତ୍ର ପାତ୍ର. ଭାରତୀ ପାତ୍ର ପ୍ରମୁଖ ଏଥିରେ ।ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




ଜୟପୁର, ୩୧।୭ (ସମିସ): ଜୟପୁର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପ ଠାରେ ଗୁରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥି, ପ୍ରିୟମ୍ବଦା ପାତ୍ର ଏବଂ ବିଭାଗୀୟ ଅଧିକାରୀ ପଦ୍ମେଶ୍ୱର ବିଷୋୟୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ବିଭାଗୀୟଅଧିକାରୀ ରାଜେନ୍ଦ୍ର କୁମାର ପାରିହି, ଭାରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ.ଗୋପାଳ ଓ ସୋମନାଥ ଗାଦବାଙ୍କ ସମେତ ସାତ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଏହି ସଭାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରରେ ମୁଖ୍ୟଅତିଥି ଭାବେ ସଂଘର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ପାଢ଼ୀ, ସମ୍ମାନୀୟ ଅତିଥି ଭାବେ ଉପଦେଷ୍ଟା ପି. ହରିଶ୍ଚନ୍ଦ୍ର ରାଓ ଏବଂ ଆଇନ ପରାମର୍ଶ ଦାତା ତ୍ରିନାଥ ସିଂ ଲାଲ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକସଂଘର ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ମହିଳା ଉପସଭାନେତ୍ରୀ ମମତା ମହାପାତ୍ର, କୋଷାଧକ୍ଷ ପୁରନ୍ଦର ନାୟକ, ଜ୍ୟୋତିରାଣୀ ପଣ୍ଡା, ସହସମ୍ପାଦକ ମନୋରଞ୍ଜନ ପଲାଇ, ଦୀପକ କୁମାର ଦାସ, ସାଗର ତ୍ରିପାଠୀ, ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ଉମରକୋଟ, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ହର କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତହସିଲଦାର ମେଗବାନ ବାଗଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ମାଝୀ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ଏସ୍‌ଡିପିଓ ସୁବେନ୍ଦୁ ଶବର, ଥାନା ଅଧିକାରୀ ରମାକାନ୍ତ ସାଇ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ସାମ୍ବାଦିକ ପ୍ରତିନିଧି ଏବଂ ସହରର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ରାଜସ୍ୱ ନିରୀକ୍ଷକ ରାଜେଶ ଦ୍ୱିବେରୀ ସ୍ୱାଧୀନତା ଦିବସ ଅବସରରେ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଡିଏନକେ ଖେଳ ପଡିଆ ଠାରେ ଆୟୋଜିତ କରାଯିବ। ଏହି କାର୍ଯ୍ୟକ୍ରମକୁ ଉମରକୋଟ ତହସିଲଦାର ପରିଚାଳନା କରିବେ। ସକାଳ ଭୋର ୫ ଘଣ୍ଟା ସମୟରେ ରାମଧୁନ ଗାଡ଼ି ସହର ପରିକ୍ରମା କରିବା ସହ ସହର ମଧ୍ୟରେ ଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଏବଂ ଡିଏନକେ ଖେଳ ପଡିଆଠାରେ ସକାଳ ୮:୪୫ ମିନିଟରେ ପତାକା ଉତ୍ତୋଳନ କରାଯିବ। ଏହି ଅବସରରେ ୨୩ ଟି ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ୟାରେଡ଼ରେ ଅଂଶଗ୍ରହଣ କରିବେ। ପିଲାଙ୍କ ପାଇଁ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ସାଧାରଣଜ୍ଞାନ ଉପରେ ମଧ୍ୟ ବିଦ୍ୟାଳୟର ପିଲାଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜନ କରାଯିବ। କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଙ୍କ ଦ୍ୱାରା ପୁରସ୍କୃତ କରାଯିବ।

## ଆର୍‌ଏସ୍‌ଏସ୍‌ର ସଫେଇ କାର୍ଯ୍ୟକ୍ରମ



ଗୁଡାରୀ, ୩୧।୭ (ସମିସ): ଗୁଡାରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତା ମାନେ ବିଗତ ଦିନରେ ପରିଷଦର ଚାରିଗୋଟି ମନ୍ଦିର, ମୁଖ୍ୟରାସ୍ତା ବସଷ୍ଟାଣ୍ଡର ଅଳିଆ ସଫା କରିଥିବାବେଳେ ଗତ ଗୁରୁବାର ଦିନ ଗୁଡ଼ାରୀ କନ୍ୟକାପାରମେଶ୍ୱରୀ ମନ୍ଦିରର ଚର୍ତୁପାଶ୍ୱ ଏବଂ ମନ୍ଦିର ବାହାର ଆବର୍ଜନା ସଫା କରିଥିଲେ। ଏହି କାର୍ଯ୍ୟକ୍ରମର ଏସ.ତିରିମୁଲା ସିମାଦ୍ରି, କିରଣଦୋୟ ନନ୍ଦ, ବି.ତିରୁମୁଲା. କୃଷ୍ଣସାହୁ, ଦିବ୍ୟସିଂହପାତ୍ର, ଭି ଆଦିତ୍ୟ ଉପସ୍ଥିତ ରହି କାର୍ଯ୍ୟଟିକୁ ସମ୍ପାଦନ କରିଥିଲେ।

**● ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣା ଅଭିଯାନ ସମ୍ମାନ**

## ଚିତ୍ରକୋଣ୍ଡା ବ୍ଲକ୍ ପୁରସ୍କୃତ



ଚିତ୍ରକୋଣ୍ଡା, ୩୧।୭ (ସମିସ): ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଯୋଜନା ଓ ସଂଯୋଜନା ବିଭାଗ ଓ ନିତିଆୟୋଗର ମିଳିତ ଆନୁକୁଲ୍ୟରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ସମ୍ମାନ ସମାରୋହରେ ମାଲକାନଗିରି ଜିଲ୍ଲାକୁ ୪ ଗୋଟି ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ସେଥିମଧ୍ୟରୁ ଚିତ୍ରକୋଣ୍ଡା ବ୍ଲକକୁ ଆକାଂକ୍ଷୀ ବ୍ଲକ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସ୍ୱର୍ଣ୍ଣ ପଦକ ମିଳିଛି। ଓଡ଼ିଶାର ମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଠାରୁ ଚିତ୍ରକୋଣ୍ଡା ବିଡ଼ିଓ ପ୍ରୀତା କୁମାର ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଦେଶରେ ବିକାଶ ଧିନ ଅଞ୍ଚଳର ଜିଲ୍ଲା ଓ ବ୍ଲକ ଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଏହି ୬ ଗୋଟି ବର୍ଗରେ ପଦକ ମିଳିଛି। ନୀତି ଆୟୋଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶରେ ୧୧୨ ଟି ଆକାଂକ୍ଷୀ ଜିଲ୍ଲା ଓ ୫୦୦ ଟି ଆକାଂକ୍ଷୀବ୍ଲକ ଏହି ଅଭିଯାନରେ ସାମିଲ ଅଛନ୍ତି। ଏଥି ମଧ୍ୟରୁ ଓଡିଶାର ୪୦ ଗୋଟି ବ୍ଲକ ଏହି ଆଙ୍କାକ୍ଷୀ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ। ଓଡ଼ିଶାର ଜିଲ୍ଲା ଗୁଡ଼ିକ ମଧ୍ୟରେ ମାଲକାନଗିରି ଜିଲ୍ଲା ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବ୍ଲକ ଗୁଡ଼ିକ ମଧ୍ୟରେ ମାଲକାନଗିରି ଜିଲ୍ଲାର ତିନି ଗୋଟି ବ୍ଲକ ଚିତ୍ରକୋଣ୍ଡା, ମାଥିଲି, ଖଇରପୁଟ ଯୁଗ୍ମ ଭାବରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହି ୬ ଗୋଟି ବର୍ଗ ଉପରେ ଆହୁରି ଅଧିକ ଦୃଷ୍ଟି ଦେବାପାଇଁ ବ୍ଲକ ଗୁଡ଼ିକୁ ନୀତି ଆୟଗୋ ପକ୍ଷରୁ ପୁରସ୍କାର ସ୍ୱରୂପ ୧.୫ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

## ଭିନ୍ନକ୍ଷମ ଭୀମଭୋଇ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ

ରାମନାଗୁଡ଼ା,୩୧।୭ (ସମିସ):



ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ।ଏହି ଶିବିରରେ ରାମନାଗୁଡା ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ଉପାଧକ୍ଷା ଶ୍ରୀମତୀ ଜାନକୀ ନିମାଲା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ଡାଙ୍ଗୁଡୁ ଶ୍ରୀଧର, ସମସ୍ତ ପଞ୍ଚାୟତ ପ୍ରତିନିଧି, ବ୍ଲକ ଯୋଗାଣ ଅଧିକାରୀ ଭବାନୀ ପ୍ରସାଦ ବେହେରା, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥାମସ କୁମାର ତାଣ୍ଡାସି, ପ୍ରୋଗ୍ରାମ ସହାୟକ, ଦିବ୍ୟଜୀତ ଉଲାକା, ସନ୍ତୋଷ କୁମାର ରତ୍ନାଲୁ, ଗୋଷ୍ଠୀ ସଂଯୋଜକ, ଗ୍ରାମୀଣ ଗୃହ, ଏବଂ ରାମନାଗୁଡା ପଞ୍ଚାୟତ ସମିତିର ସମସ୍ତ ବ୍ଲକ କର୍ମଚାରୀ, ଭୀମଭୋଇ ସାମର୍ଥ୍ୟ ଶିବିରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାମନାଗୁଡା ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଯୋଗଦାନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରୁ ୯୮, ଦୃଷ୍ଟି ଶକ୍ତି ବିଭାଗରୁ ୩୭, ଶ୍ରବଣଶକ୍ତି ବିଭାଗରୁ ୫୧, ମାନସିକ ରୋଗ ବିଭାଗରୁ ୩୮, ସିକେଲ ସେଲରୁ ୨୧ କୁ ମିଶାଇ ମୋଟ ୩୨୨ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୧୦୨ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତଥା ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଛି। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରୁ ଡ.ରଞ୍ଜନ କୁମାର ସାହୁ , ମାନସିକ ରୋଗ ବିଭାଗରୁ ଡ. ସଞ୍ଜା ଦାସ , ଚକ୍ଷୁ ବିଭାଗରୁ ଡ. ଏମ ସୁରେଶ କୁମାର , ଶ୍ରବଣ ରୋଗ ବିଶେଷଜ୍ଞଙ୍କ ଡ.ସଙ୍ଘମିତ୍ରା ପାତ୍ର ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପରୀକ୍ଷା କରିଥିଲେ। ଶିବିରରେ ୧୦ ଜଣଙ୍କୁ ବସ୍‌ପାସ , ୧୩ ଜଣଙ୍କୁ ଭିନ୍ନକ୍ଷମ ଉପକରଣ ପାଇଁ ଫର୍ମ ସଂଗ୍ରହ କରାଯାଇଛି, ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ। ଉକ୍ତ ଶିବିରରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ଶ୍ରୀକାନ୍ତ ପାଣିଗ୍ରାହୀ ,ଗୁଣୁପୁର ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ କନିଷ୍ଠ ସହାୟକ ,ଜିଲ୍ଲା ପ୍ରୋଗ୍ରାମ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଥାମସ କୁମାର ତାଣ୍ଡାସି ପରିଚାଳନା କରିଥିବା ବେଳେ, ପ୍ରୋଗ୍ରାମ ସହାୟକ ଦିବ୍ୟଜୀତ ଉଲାକା ସହଯୋଗ କରିଥିଲେ।

## ଚିତ୍ରକୋଣ୍ଡା ବିଧାୟକଙ୍କ ଦୁର୍ଗମ ଅଞ୍ଚଳ ଗସ୍ତ



କୋରୁକୋଣ୍ଡା, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ଦୁର୍ଗମ ପଞ୍ଚାୟତ କୁହାଯାଉଥିବା ବଡ଼ଡୁରାଲ ପଞ୍ଚାୟତ ଗସ୍ତ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ। ଗତ କିଛିଦିନର ଲଗାଣ ବର୍ଷା ରେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗି ଯାଇଥିବା ଖବର ପାଇ ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତ ପରିବାରର ଦୁଃଖ ବୁଝିବାକୁ ନିଜେ ପହଞ୍ଚିଥିଲେ ବିଧାୟକ ଶ୍ରୀ ଖିଲ। ବଡ଼ଡୁରାଲ ପଞ୍ଚାୟତର ସାନଡୁରାଲ ଏବଂ ମାଳୀଗୁଡା ଗ୍ରାମରେ ଲଗାଣ ବର୍ଷା ଫଳରେ କିଛି ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଜଣେ ବ୍ୟକ୍ତି ନିଜ ଛୁଆ ମାନଙ୍କୁ ନେଇ ରାତ୍ରି ସମୟରେ ଶୋଇବା ବେଳେ ହଠାତ୍ ଘର ଭୁଶୁଡ଼ି ଯାଇ ତାଙ୍କ ଉପରେ ସମ୍ପୂର୍ଣ୍ଣ ଛାତ ପଡି ଯାଇଥିଲା। ଅଳ୍ପ କିଛି ସମୟ ମଧ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ତାଙ୍କ ପରିବାର ବର୍ଗଙ୍କୁ ଉଦ୍ଧାର କରାଯାଇଥିଲା। ତେଣୁ ବିଧାୟକ ଉକ୍ତ ପଞ୍ଚାୟତ ଗସ୍ତରେ ଯାଇ କ୍ଷୟକ୍ଷତିର ଆକଳନ କରି ସ୍ଥାନୀୟ ପ୍ରଶାସନକୁ ଅବଗତ କରି କିପରି ସେମାନଙ୍କ ନିକଟରେ ସମସ୍ତ ସରକାରୀ ସହାୟତା ପହଞ୍ଚି ପାରିବ ସେନେଇ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି। ତେବେ ପ୍ରଥମ ଥର ପାଇଁ କୌଣସି ବିଧାୟକ ଗ୍ରାମକୁ ଆସିଥିବାରୁ ଗ୍ରାମବାସୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ରାୟଗଡା ଜିଲ୍ଲା ମନରେଗାର ନୂତନ ଓମ୍ବୁଡ୍ସପର୍ସନ ନିଯୁକ୍ତି



ରାୟଗଡା/ଗୁଣପୁର, ୩୧।୭ (ସମିସ) ବିଶିଷ୍ଟ ସମାଜସେବୀ ଅକ୍ଷୟ ଦାଶଙ୍କୁ ଓଡିଶା ସରକାର ରାୟଗଡା ଜିଲ୍ଲାର ନୂତନ ମହାନାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୋଜନ ଯୋଜନାର ଓମ୍ବୁଡ୍ସପର୍ସନ ରୂପେ ନିଯୁକ୍ତି ଦିଆଯାଇଛି। ଆଜି ବିଧିବଦ୍ଧ ଭାବେ ସେ ଜିଲ୍ଲା ପରିଷଦ କାର୍ଯାଳୟ, ରାୟଗଡା ଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତ। ପୂବରୁ ଶ୍ରୀ ଦାଶ ସରକାରଙ୍କ ବିଶ୍ୱବ୍ୟାଙ୍କ କଂସାଲଟାଣ୍ଟ, ଜିଲ୍ଲା ଜୁଭେନାଲ ଜଷ୍ଟିସ ବୋର୍ଡର ସଦସ୍ୟ ଏବଂ ଶିଶୁ ମଙ୍ଗଳ କମିଟିର ସଦସ୍ୟ ରୂପେ କାର୍ଯ୍ୟ କରି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ମନେରେଗା ସ୍କିମ ଗ୍ରାମାଞ୍ଚଳଲୋକଙ୍କୁ୧୦୦ଦିନରନିଶ୍ଚିତଶ୍ରମନିଯୁକ୍ତିମାଧ୍ୟମରେ ରୋଜଗାରକ୍ଷମ କରିବା ସହ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାରଙ୍କ ଏହା ସର୍ବବୃହତ ଯୋଜନା। ଓଡିଶା ସରକାରଙ୍କ ଗାଇଡ୍‌ଲାଇନ ସହ ସନ୍ତୁଳନ ରକ୍ଷାକାରୀ ହିତାଧିକାରୀ ମାନଙ୍କ ସର୍ବକୃଷ୍ଣ କଲ୍ୟାଣ ପାଇଁ ଉଦ୍ୟମ କରିବାକୁ ଚେଷ୍ଟା କରିବି ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀ ଦାଶ କହିଛନ୍ତି।

## ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର, ଥଇଥାନ

ରାୟଗଡ଼ା,୩୧।୭ (ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ମାନସିକ ଅନଗ୍ରସର ଭିନ୍ନକ୍ଷମ ମହିଳା ଆଲାଜିଙ୍ଗ ପାର୍ବତୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଏବଂ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଶବରଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇ ସ୍ୱତନ୍ତ୍ର ବାହନ ଯୋଗେ ମାଲକାନଗିରି ସ୍ଥିତ ମିଶନ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଯାଇଛି। ବିଗତ କିଛି ଦିନ ହେଲା ଏହି ମହିଳା କୋଲନରା ସ୍ଥିତ କାମ୍ପ ସାହିରେ ଆତଙ୍କ ସୃଷ୍ଟି କରିବା ଓ କୌଣସି ବ୍ୟକ୍ତିକୁ ଆଘାତ କାରବାର ସମ୍ଭାବନା ଥିବା ସେଠାକାର ସାହି ବାସିନ୍ଦା ଓ ସରପଞ୍ଚ ଲିଖିତ ଆକାରରେ ଜଣାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଲନରା ରୀନା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ, କୋଲନରା ଏ. ଧବଳେଶ୍ୱର ନାଇଡୁ, ଶିଶୁ ବିକାଶ ଯୋଜନା ଅଧିକାରୀ, କୋଲନରା ବିଜୟ ଲକ୍ଷ୍ମୀ ନିଶାଙ୍କ, ଜ୍ୟୋସ୍ନା କୁମାରୀ ବିଡିକା, ମହିଳା ପରିଦର୍ଶିକା, କୋଲନରା ଓ ଓଡିଶା ପୋଲିସ ସହଯୋଗରେ ଏହି ମାନସିକ ଅନଗ୍ରସର ଭିନ୍ନକ୍ଷମ ମହିଳାକୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଡ. ପ୍ରଦୀପ୍ତ କୁମାର ସୁବୁଦ୍ଧି, ତାଲିମପ୍ରାପ୍ତ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସକ, ସମରଜିତ ଖୁଣ୍ଟିଆ, ମାନସିକ ଗୋଷ୍ଠୀ ପର୍ଯ୍ୟବେକ୍ଷକ, ପୂର୍ଣ୍ଣଚନ୍ଦ୍ର କାଦମ୍ବାଲୁ, ମାନସିକ ସାମାଜିକ କର୍ମୀଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଲକାନଗିରି ସ୍ଥିତ ମିଶନ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଗଲା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ପାର୍ବତୀଙ୍କ ଭଳି ଅନେକ ମାନସିକ ଅନାଗ୍ରସର ମହିଳା, ପୁରୁଷ ମାନେ ଜିଲ୍ଲାରେ ବୁଲୁଥିବା ବେଳେ ସେମାନଙ୍କୁ କେବେ ଉଦ୍ଧାର କରାଯାଇ ଥଇଥାନ କରାଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ସୁଧୁରୁନି ଡାଙ୍ଗସରଡା ଏସଏସ୍‌ଡି ବିଦ୍ୟାଳୟର ଅବସ୍ଥା

# ଠିଆ ହୋଇ ପାଠ ପଢୁଛନ୍ତି ୯ମ ଶ୍ରେଣୀ ଛାତ୍ରଛାତ୍ରୀ




ଚନ୍ଦ୍ରପୁର, ୩୧।୭ (ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ାରେ ଥିବା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀରେ ନବମ ଶ୍ରେଣୀର ୧୬୭ ଜଣ ଛାତ୍ର ଛାତ୍ରୀ ପାଠ ପଢୁ ଛନ୍ତି। ସେହି ଛାତ୍ରଛାତ୍ରୀ ମାନେ ଗୋଟିଏ ଟେବୁଲରେ ଦୁଇ ଜଣ ବସି ପାଠ ପଢିବା ପାଇଁ ନିୟମ ଥିବା ବେଳେ ତିନି ଜଣ ବସି ରହୁଛନ୍ତି। ସେହିପରି ଅନେକ ଛାତ୍ର ରୁମରେ ସ୍ଥାନ ଅଭାବରୁ ଠିଆ ହୋଇ ପାଠ ପଢୁଛନ୍ତି। ଶିକ୍ଷକ ପାଠ ପଢ଼ାଇବା ସମୟରେ ଅନେକ ଛାତ୍ର ଛାତ୍ରୀମାନଙ୍କୁ ଶୁଣା ଯାଉନାହିଁ କି ବ୍ଲାକ ବୋର୍ଡରେ ଶିକ୍ଷକ ଦର୍ଶାଇ ଥିବା ଉତ୍ତର ପିଲାଙ୍କୁ ଦେଖାଯାଉ ନାହିଁ। ଫଳରେ୧୬୭ ପିଲା ପାଠ ପଢିବା ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟର ସମସ୍ୟା ପୂର୍ବତନ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ନଦେଇ ପିଲାମାନଙ୍କୁ ନବମ ଶ୍ରେଣୀରେ ଅଧିକରୁ ଅଧିକା ପିଲାଙ୍କୁ ନବମ ଶ୍ରେଣୀରେ ଭର୍ତ୍ତି କରିବା ପାଇଁ ଚିଠି କରିଦେଲେ। କିନ୍ତୁ ପିଲା ବସି ପାଠ ପଢି ପାରୁ ନଥିବା ନେଇ ପୂର୍ବତନ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଗୁରୁତ୍ୱ ନଦେବାରୁ ଗ୍ରାମବାସୀ ଓ ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। । ବିଦ୍ୟାଳୟରେ ବହୁବର୍ଷର ପୁରୁଣା କୋଠରୀ ଗୁଡିକ ବିପଦସଂକୁଳ ଅବସ୍ଥାରେ ରହିଛି। ଆଜି ପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଅଷ୍ଟମରୁ ୧୦ମ ଯାଏ ପିଲା ବସି ପାଠ ପଢିବା ପାଇଁ କୋଠରୀର ଅଭାବ ରହିଛି। ଟୁରିଜିଏମ ଓ ଇନ୍‌ଫରମେଶନ ଟେକ୍ନୋଲୋଜି ଦୁଇ ବିଭାଗର ଛାତ୍ରଛାତ୍ରୀ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ ଏ ନେଇ ପୂର୍ବତନ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଓ ବ୍ଲକ ଅଧିକାରୀଙ୍କୁ ଅବଗତ କରିଥିଲେ । କିନ୍ତୁ କେହି ଦୃଷ୍ଟି ନ ଦେଇ ନବମ ଶ୍ରେଣୀରେ ଅଧିକ ପିଲାଙ୍କୁ ନେବାକୁ ପୂର୍ବତନ ଜିଲ୍ଲାପାଳ ଚିଠି ଦ୍ୱାରା ବାଧ୍ୟ କରାଇଲେ। ତୁରନ୍ତ ଆବଶ୍ୟକ ଶ୍ରେଣୀ ଗୃହ ଓ ଅନ୍ୟ ଆନୁଷ୍ଠାନିକ ବ୍ୟବସ୍ଥା କରିବା ଦିଗରେ ତୁରନ୍ତ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧

ପିଏମ କିଶାନର ୨୦ତମ କିସ୍ତି ଆସନ୍ତା ୨ ଅଗଷ୍ଟ ୨୦୨୫ ରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ପ୍ରଦାନ କରାଯିବ। ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ସିଧା ପ୍ରସାରଣ ର ସୁବିଧା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଅଛି।

ସକାଳ
THE SAKALA

# ସମ୍ପାଦକୀୟ



ଯାହା କହି ହୁଏ ନାହିଁ କି ନ କହି ରହି ହୁଏ ନାହିଁ, ତାହା ସଙ୍ଗୀତ ମାଧ୍ୟମରେ ପରିପ୍ରକାଶ କରାଯାଇପାରେ।

-ଭିକ୍ଟର ହ୍ୟୁଗୋ

## ଇନ୍ଧନ-କୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ବାଣିଜ୍ୟ ଏବଂ ଭୂ-ରାଜନୀତିର କେନ୍ଦ୍ରରେ ଆଧିପତ୍ୟ ବିସ୍ତାର କରି ଚାଲିଛି ଜୀବାଶ୍ମ ଇନ୍ଧନ। ଏଥିପାଇଁ ଉପସାଗରୀୟ ଉତ୍ତେଜନା ଓ ଅସ୍ଥିରତା ଲାଗି ରହିଛି ଏବଂ ଏକାଧିକ ଗୋଳାବାରୁଦ ଯୁଦ୍ଧ ମଧ୍ୟ ସଂଘଟିତ ହୋଇଛି। ଏହି ପୃଷ୍ଠଭୂମିରେ ରୁଷରୁ ସର୍ବାଧିକ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ଉପରେ ଟ୍ରମ୍ପଙ୍କ ଆକ୍ରୋଶରେ ପଛରେ ଅଧିକ କାରଣ ଖୋଜିବାର ଆବଶ୍ୟକତା ନାହିଁ। ଯଦି ବିଶ୍ୱରେ ନିକଟ ଭବିଷ୍ୟତରେ କୌଣସି ବଡ଼ ଧରଣର ଯୁଦ୍ଧ ସଂଘଟିତ ହୁଏ ତେବେ ଜୀବାଶ୍ମ ଇନ୍ଧନ ପ୍ରମୁଖ କାରକ ହେବ ଏବଂ ଏଥିରେ ଆମେରିକାର ହିଁ ବଡ଼ ଭୂମିକା ରହିବ, ଏହାକୁ ଅସ୍ୱୀକାର କରିହେବ ନାହିଁ। ବିଗତ ଶତାବ୍ଦୀର ନବେଦଶକରୁ ଆରମ୍ଭ ହୋଇଥିବା ଆମେରିକାର ଇନ୍ଧନ-କୂଟ ଇରାକ୍ ଉପରେ ଗୁଳିଗୋଳା ଓ କ୍ଷେପଣାସ୍ତ୍ର ଆକ୍ରମଣର ରୂପ ନେଇଥିବା ବେଳେ ଚଳିତ ଶତାବ୍ଦୀରେ ଟାରିଫ୍-ଯୁଦ୍ଧରେ ପରିବର୍ତ୍ତିତ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ରୂପେ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ଆମେରିକାର ଇନ୍ଧନ-କୂଟ ଆହୁରି ଆକ୍ରମଣାତ୍ମକ ଓ ନିର୍ଣ୍ଣାୟକ ହେଉଥିବା ଦେଖାଯାଉଛି।

ସୋଭିଏତ୍ ସଂଘର ପତନ ପରେ ଆମେରିକା ବିଶ୍ୱର ସର୍ବଶକ୍ତିମାନ ଅପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିଥିଲା। କିନ୍ତୁ ଭ୍ଲାଦିମାର ପୁଟିନ୍‌ଙ୍କ ନେତୃତ୍ୱରେ ରୁଷ୍ ପୁଣି ନିଜକୁ ବିଶ୍ୱ ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବା ସହିତ ଆମେରିକାର ସ୍ୱପ୍ନ ଅଧୁରା ରହିଗଲା। କୂଟନୈତିକ ପରାଜୟ ପରେ ଆମେରିକା ଏବେ ଅର୍ଥନୈତିକ କଟକଣା କୌଶଳ ରୁଷ୍ ବିରୋଧରେ ପ୍ରୟୋଗ କରି ଭୂରାଜନୀତିକୁ ପ୍ରଭାବିତ କରିବାକୁ ଚାହୁଁଛି। ଆମେରିକାର ଏହି ପରିବର୍ତ୍ତିତ ରୁଷ୍ ବିରୋଧୀ ରଣକୌଶଳରେ ୟୁକ୍ରେନ୍ ଅଜାଣତରେ ମୋହରା ହୋଇସାରିଛି। କିନ୍ତୁ ରୁଷ୍‌ର ଅର୍ଥନୀତି ଉପରେ ଏହାର ବିଶେଷ ପ୍ରଭାବ ପଡ଼ି ନଥିବା ଅନୁମାନ କରିବା ପରେ ଆମେରିକା ଇନ୍ଧନ-କୂଟ ପାଞ୍ଚିଛି ଏବଂ ରୁଷରୁ ଇନ୍ଧନ ନ କିଣିବା ପାଇଁ ଭାରତ, ଚୀନ୍, ୟୁରୋପ ସମେତ ଅନ୍ୟାନ୍ୟ ରାଷ୍ଟ୍ରଙ୍କୁ ଉଚ୍ଚା ଟାରିଫ୍ ଚେତାବନୀ ଦେଇଛି।

ରୁଷ-ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ରୁଷରୁ ଭାରତର ତୈଳ ଆମଦାନୀ ସେତେ ଅଧିକ ନଥିଲା। ରୁଷ ଉପରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘର କଟକଣା ପରେ ରୁଷ୍ ତୈଳ ରପ୍ତାନୀରେ ଯେଉଁ ରିହାତି ଘୋଷଣା କଲା ତାହାର ସବୁଠାରୁ ବଡ଼ ହିତାଧିକାରୀ ହେଲା ଚିରବନ୍ଧୁ ରାଷ୍ଟ୍ର ଭାରତ। ଏବେ ରୁଷ୍‌ର ମୋଟ ଇନ୍ଧନ ରପ୍ତାନୀର ସର୍ବାଧିକ ଅଂଶ ଭାରତକୁ ଯାଉଥିବା ବେଳେ ଭାରତର ମୋଟ ଇନ୍ଧନ ଚାହିଦାର ୪୦% ରୁଷରୁ ଆସୁଛି। ସେହିପରି ରୁଷ୍ ପ୍ରାକୃତିକ ବାଷ୍ପର ସବୁଠାରୁ ବଡ଼ ବଜାର କିଛିମାସ ପୂର୍ବରୁ ଥିଲା ୟୁରୋପୀୟ ରାଷ୍ଟ୍ର ସଂଘ। କିନ୍ତୁ ଟ୍ରମ୍ପ ଦ୍ୱିତୀୟ ବାର କ୍ଷମତାକୁ ଆସିବାର ପ୍ରଥମ ଦିନ ହିଁ ଆମେରିକାରେ ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ତୋଳନରେ ଥିବା କଟକଣାକୁ ହଟାଇଦେଲେ। ପ୍ୟାରିସ୍ ରାଜିନାମାରୁ ଓହରି ଆସିଥିବାରୁ ଆମେରିକା ପାଇଁ ଏ କ୍ଷେତ୍ରରେ ଆଉ କୌଣସି ଅଙ୍କୁଶ ରହିଲା ନାହିଁ। ଏହାପଛରେ ଟ୍ରମ୍ପଙ୍କ ଏକମାତ୍ର ଉଦ୍ଦେଶ୍ୟ ଥିଲା ରୁଷ୍‌ର ବିଶ୍ୱ ତୈଳ ବଜାର ଅଂଶକୁ ଦଖଲ କରି ତା'ର ଅର୍ଥନୀତିକୁ ଦୁର୍ବଳ କରିବା।

ପ୍ରାଥମିକ ପର୍ଯ୍ୟାୟରେ ୟୁକ୍ରେନ୍ ଦେଇ ୟୁରୋପକୁ ଯାଇଥିବା ରୁଷ୍‌ର ପ୍ରାକୃତିକ ବାଷ୍ପ ଯୋଗାଣ ପାଇପ୍‌ଲାଇନ୍‌କୁ ବନ୍ଦ କରିବା ପାଇଁ ୟୁକ୍ରେନ୍ ଉପରେ ଟ୍ରମ୍ପ ଚାପ ସୃଷ୍ଟି କରି ସଫଳ ହେବା ପରେ ରୁଷରୁ ତୈଳ ଆମଦାନୀ କରୁଥିବା ୟୁରୋପୀୟ ରାଷ୍ଟ୍ରମାନଙ୍କୁ ଟାରିଫ୍ ଧମକ ଦେଲେ। ଇତିମଧ୍ୟରେ ୟୁରୋପୀୟ ରାଷ୍ଟ୍ରସଂଘକୁ ରୁଷ୍‌ର ପ୍ରାକୃତିକ ବାଷ୍ପ ରପ୍ତାନୀରେ ୮୦% ହ୍ରାସ ଘଟିଥିବା ବେଳେ ବ୍ରିଟେନ୍ ସମେତ ୟୁରୋପୀୟ ରାଷ୍ଟ୍ରସଂଘର ଇନ୍ଧନ ବଜାର ସିଧାସଳଖ ଆମେରିକା ହାତକୁ ଚାଲିଯାଇଛି। ଆମେରିକା ଚାପରେ ଆଉ କେତେକ ଅଣ-ୟୁରୋପୀୟ ରାଷ୍ଟ୍ର ମଧ୍ୟ ରୁଷରୁ ତୈଳ ଆମଦାନୀ କାଣ୍ଟଛାଣ୍ଟ କରିଛନ୍ତି। କିନ୍ତୁ କଟକଣା ଚେତାବନୀ ଚୀନ୍ ଓ ଭାରତ ଉପରେ କୌଣସି ପ୍ରଭାବ ପକାଇ ପାରୁ ନଥିବା ଉପଲବ୍ଧି କରିବା ପରେ ଟ୍ରମ୍ପ ଏହି ଦୁଇ ରାଷ୍ଟ୍ର ବିରୋଧରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲାଗୁ କରିବାକୁ ଘୋଷଣା ମଧ୍ୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଟ୍ରମ୍ପ ଚୀନ୍ ସହିତ ସାଲିସ୍ କରିଥିବା ବେଳେ ଭାରତ ବିରୋଧରେ ମାତ୍ରାଧିକ ପ୍ରତିଶୋଧ ପରାୟଣ ହୋଇପଡ଼ିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ବେଳେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ମାଗା)' ନୀତି ଆଳରେ ରୁଷ୍ ବଦଳରେ ଆମେରିକାରୁ ପ୍ରତିରକ୍ଷା ଉପକରଣ ଓ ଇନ୍ଧନ କିଣିବା ପାଇଁ ଟ୍ରମ୍ପ ଭାରତ ଉପରେ ଏକପ୍ରକାର ଚାପ ସୃଷ୍ଟି କରିଥିଲେ। କିନ୍ତୁ ଏଥିରେ ଭାରତ ବିଶେଷ ପ୍ରଭାବିତ ହୋଇନଥିବା ଏବଂ ରୁଷରୁ ଭାରତର ତୈଳ ଆମଦାନୀ ହ୍ରାସ ପାଇନଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ ମାତ୍ରାଧିକ ପ୍ରତିକ୍ରିୟାଶୀଳ ହୋଇ ନିର୍ଦ୍ଧାରିତ ରାଜିନାମା ତାରିଖ ପୂର୍ବରୁ ହିଁ ଏକତରଫା ଭାବେ ବର୍ଦ୍ଧିତ ଶୁଳ୍କ ଲାଗୁ କରିବା ସହିତ ଅତିରିକ୍ତ ଜୋରିମାନା କଷିବାକୁ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଇନ୍ଧନ-କୂଟରେ ଏବେ ଭାରତର ଚିରଶତ୍ରୁ ପାକିସ୍ତାନ ଆଉ ଏକ ମୋହରା ହୋଇଛି। ଏକପକ୍ଷରେ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ୨୫% ଆମଦାନୀ ଶୁଳ୍କ ଲାଗୁ କରିଥିବା ବେଳେ ପାକିସ୍ତାନର ତୈଳ ଉତ୍ତୋଳନ, ଭଣ୍ଡାରଣ ଓ ରପ୍ତାନୀ ପାଇଁ ଅକୁଣ୍ଠ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏପରିକି ପାକିସ୍ତାନକୁ ତୈଳ ରପ୍ତାନୀକାରୀ ରାଷ୍ଟ୍ର ଭଳି ସ୍ତରକୁ ଉନ୍ନୀତ କରିବା ପାଇଁ ଟ୍ରମ୍ପ ଏକ ଅବାନ୍ତର ଘୋଷଣା ମଧ୍ୟ କରିବାକୁ ପଛାଇ ନାହାନ୍ତି।

ରୁଷରୁ ପ୍ରାକୃତିକ ବାଷ୍ପ ଆମଦାନୀ ବନ୍ଦ ହେବା ପରେ ରୁଷ୍‌ର ବାଣିଜ୍ୟ ଅର୍ଥନୀତି ସ୍ୱାଭାବିକ ଭାବେ ପ୍ରଭାବିତ ହୋଇଛି। ତା'ସହିତ ନରୱେ ଓ ଆମେରିକା କମ୍ପାନୀଙ୍କ ଏକଚାଟିଆ କାରବାରର ସିଧାସଳଖ ପ୍ରଭାବ ୟୁରୋପୀୟ ଅର୍ଥନୀତି ଉପରେ ପଡ଼ିଛି। ଗତ ୨୯ ତାରିଖରେ ପ୍ରକାଶିତ 'ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍' ରିପୋର୍ଟରେ ଆଇଏମ୍‌ଏଫ୍ ଦର୍ଶାଇଛି ଯେ ଟ୍ରମ୍ପଙ୍କ ଟାରିଫ୍ ଆଭିମୁଖ୍ୟ ଯୋଗୁଁ ୟୁରୋପୀୟ ସଂଘର ଅଭିବୃଦ୍ଧି ହାର ଗୁରୁତର ପ୍ରଭାବିତ ହେବ। ଆମେରିକାର ଏକଚାଟିଆ କାରବାରରେ ପ୍ରାକୃତିକ ବାଷ୍ପ ମୂଲ୍ୟ ମହଙ୍ଗା ହେଲେ ତାହାର ପରୋକ୍ଷ ଓ ପ୍ରତିକୂଳ ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ୍ୟ ପଡ଼ିବ। ୟୁରିଆ ଉତ୍ପାଦନରେ ପ୍ରାକୃତିକ ବାଷ୍ପର ଏକ ପ୍ରମୁଖ ଅବଦାନ ଥିବାରୁ ସାର ଦର ବଢ଼ିବ ଏବଂ କୃଷି ଉତ୍ପାଦ ଆହୁରି ମହଙ୍ଗା ହେବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ପରି କୃଷିପ୍ରଧାନ ଦେଶର କୃଷିବଜାର ଉପରେ ପଡ଼ିବ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ଓ ବଜାର ଆହୁରି ମହଙ୍ଗା ହେବ।

ଅପରପକ୍ଷରେ ଟ୍ରମ୍ପଙ୍କ ଇନ୍ଧନ-କୂଟରେ ସବୁଠାରୁ ଉପକୃତ ହେବ ଆମେରିକା ଅର୍ଥନୀତି। ୨୦୧୬ ପର୍ଯ୍ୟନ୍ତ ପ୍ରାକୃତିକ ବାଷ୍ପ ପାଇଁ ଆମଦାନୀ ଉପରେ ନିର୍ଭରଶୀଳ ଥିବା ଏହି ରାଷ୍ଟ୍ର ସେଲ୍‌ଫ ଫୁଏଲ୍ ଉତ୍ତୋଳନରେ ସଫଳ ହେବା ପରେ ଏବେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବାଷ୍ପ ରପ୍ତାନିକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଦେବାଳିଆ ହୋଇଯାଇଥିବା ଆମେରିକାର ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କ ପାଇଁ ଟ୍ରମ୍ପଙ୍କ ଇନ୍ଧନ-କୂଟ ଏକପ୍ରକାର ବରଦାନ ସାବ୍ୟସ୍ତ ହୋଇଛି। ବିଶ୍ୱ ଇନ୍ଧନ ବଜାରରୁ ରୁଷ୍‌କୁ ଦୀର୍ଘସମୟ ପର୍ଯ୍ୟନ୍ତ ହଟାଇ ଆମେରିକା ଏକଚାଟିଆ ଅଧିକାର ସହିତ ୟୁରୋପକୁ ବଶମ୍ବଦ କରି ରଖିବାର ଯୋଜନା ମଧ୍ୟ ଟ୍ରମ୍ପ କରିଛନ୍ତି। ସର୍ବୋପରି ଇନ୍ଧନ-କୂଟ ଜରିଆରେ ଟ୍ରମ୍ପ ବିଶ୍ୱ ଭୂରାଜନୀତି ଏବଂ କୃଷି-ବାଣିଜ୍ୟ-ଅର୍ଥନୀତିକୁ କରାୟତ୍ତ କରି 'ମାଗା'କୁ ସଫଳ କରିବାର ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛନ୍ତି।

## ବୃକ୍ଷ, ବିପ୍ଳାତ ଓ ଜୀବନ

ଅନନ୍ତ ସାହୁ

ପ୍ରତିବର୍ଷ ଜୁନ ୫ ତାରିଖରେ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ। ଏହିଦିନରେ ଅନେକ ଆତ୍ମଘୋଷିତ ବୃକ୍ଷପ୍ରେମୀ, ସ୍ୱେଚ୍ଛାସେବୀ, ସମାଜସେବୀ, ରାଜନେତା ଓ ପରିବେଶବିତ୍‌ମାନଙ୍କର ଆର୍ବିଭାବ ହୁଏ। ପୂର୍ବପ୍ରସ୍ତୁତି ଅନୁସାରେ କିଛି ସ୍ଥାନ ଚିହ୍ନଟ କରି ଗଛ ଲଗାଯିବା ସହ ଚାଲେ ଫଟୋଉଠା ପ୍ରତିଯୋଗିତା। ସେଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଏ। ଏହା ସହ ଶେଷ ହୁଏ ପରିବେଶ ଦିବସ। ପରେ ସେ ସ୍ଥାନରେ ଲାଗିଥିବା ଗଛ ମଲା କି ବଞ୍ଚିଲା ତା'କୁ ଦେଖିବାକୁ ଆଖି ଯାଏନି। ପରିବେଶ ଦିବସ କହିଲେ ଏହା ବୁଝାଯାଏ କି? ଦେଖିଲେ ଲାଗେ ଏହା ଏକ ପ୍ରହସନ! ଗଛ ଲଗାଯାଏ, ପରେ ତା'କୁ ବଳି ପକାଯାଏ। ଗୋଟିଏ ଦିନ ପରିବେଶ ଦିବସ ନାମରେ ପରିବେଶ କଥା ଚିନ୍ତାକରି ସବୁଦିନ ତା'ର ବସ୍ତ୍ରହରଣ କରାଯାଉଛି।

ପ୍ରକୃତି ଓ ପରିବେଶ ମଣିଷକୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁକିଛି ଯୋଗାଇଛି। ଜୀବନ ଜିଇଁବାର ରାହା ଦେଖାଇଛି। କିନ୍ତୁ ତା'କୁ ଛଳ ଓ କପଟତା ସହ ଧ୍ୱଂସ କରିବାରେ ସମାଜ ମାତିଛି। ଗଛ ପ୍ରତିମୁହୂର୍ତ୍ତରେ ମଣିଷକୁ ଅମୃତ ସ୍ୱରୂପ ଅମ୍ଳଜାନ ଯୋଗାଇଥାଏ ଏବଂ ବିଷ ରୂପକ ଅଙ୍ଗାରକାମ୍ଳ ଶୋଷିନିଏ। ଏହାର ପ୍ରତିବଦଳରେ ବୃକ୍ଷ ପାଉଛି କ'ଣ?

କୁହାଯାଏ ଗୋଟିଏ ଗୋଟିଏ ବିନ୍ଦୁ ମିଶି ସିନ୍ଧୁରେ ପରିଣତ ହୁଏ। ଯାହାକୁ ପ୍ରମାଣିତ କରିଛି ୧୨ ବର୍ଷ ବୟସର ଜଣେ କୁନି ଝିଅ। ରାଜସ୍ଥାନର ଏକ ଛୋଟ ଗାଁ ରାମଗଡ଼। ଯେଉଁଠି ତାପମାତ୍ରା ସାଧାରଣତଃ ୪୫ ଡିଗ୍ରୀ ଉପରେ ଥାଏ। ପ୍ରଥମେ ଦେଖିଲେ, ଏହା ସାଧରଣତଃ ମରୁଭୂମି ଭଳି ଲାଗିପାରେ। ଯେଉଁଠି ଦୂର ଦୂର ପର୍ଯ୍ୟନ୍ତ ଖାଲି ମାଟିଘର ଏବଂ ଏକର ଏକର ଶୁଖିଲା ଜମି। ଯେତେବେଳେ କୁନିଝିଅଟି ଜାଣିଲା ଯେ ସେ ପଢୁଥିବା ବିଦ୍ୟାଳୟ ପାଖରେ ଥିବା ନିମ ଓ ପିପ୍ପଳ ଗଛ ଧୀରେ ଧୀରେ ଶୁଖିଯାଉଛି, ସେ ଅଞ୍ଚଳର ମାଟି ଫାଟି ଯାଉଛି ଏବଂ ଗଛରେ ବସାବାନ୍ଧିଥିବା ପକ୍ଷୀ ସବୁ ଦୂର ସ୍ଥାନକୁ ଉଡ଼ିବାକୁ ଅରମ୍ଭ କଲେଣି, ସେ ଓ ତା'ର ସହପାଠୀ କିଛି କରିବା ପାଇଁ ଚିନ୍ତାକଲେ। ସେମାନେ ତାଙ୍କର ବିଜ୍ଞାନ ଶିକ୍ଷକଙ୍କ ସହଯୋଗରେ ଏକ 'ଗ୍ରୀନ କ୍ଲବ' ଗଠନ କରି ପ୍ରତିଦିନ ବିଦ୍ୟାଳୟ ପାଠପଢ଼ା ସରିବା ପରେ ଚାରାରୋପଣ କରୁଥିଲେ। ସେମାନେ ବର୍ଷାଜଳ ସଂଗ୍ରହ କରିବା ସହ ଘରର ବଳକା ପଦାର୍ଥରେ ଖତ ପ୍ରସ୍ତୁତ କରି ଚାରାମୂଳରେ ଦେଉଥିଲେ। ପିଲାଙ୍କ ଏ ଭଳି ପ୍ରୟାସ ଦେଖି ଗ୍ରାମର ବୟସ୍କ ଲୋକମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଜାଳେଣି କାଠ ବ୍ୟବହାର କରୁଥିବା ଗ୍ରାମବାସୀ ପ୍ରତିଜ୍ଞା କରିଛନ୍ତି ଅତ୍ୟାବଶ୍ୟକ ଭାବେ ଗଛ କାଟିବେ ନାହିଁ। ଏହାର ଫଳସ୍ୱରୂପ ସେ ଅଞ୍ଚଳ ଆଜି ମରୁଭୂମିରୁ ଏକ ସବୁଜ ଜଙ୍ଗଲରେ ପରିବର୍ତ୍ତନ ହୋଇଛି। ସେଠାରେ ପଶୁପକ୍ଷୀ ସ୍ୱଚ୍ଛନ୍ଦରେ ରହୁଛନ୍ତି। ଏହାଠାରୁ ବଡ଼ ଉପଲବ୍ଧି ଆଉ କ'ଣ ହୋଇପାରେ!

ବିଡ଼ମ୍ବନା ଆଜିର ସମାଜ ବୃକ୍ଷକୁ ବିଭିନ୍ନ ଆଳ ଦେଖାଇ କାଟି କୁଟି ନଷ୍ଟ କରିବାରେ ମାତିଛି। ସମ୍ପ୍ରତି ଯେଉଁମାତ୍ରାରେ ବୃକ୍ଷ ଓ ଜଙ୍ଗଲ କଟାଯାଉଛି, ସେହି ଅନୁପାତରେ ଚାରାରୋପଣ ହେଉନାହିଁ। ବୃକ୍ଷ ସ୍ଥାନାନ୍ତରଣ ପାଇଁ ବିକଳ୍ପ ଥାଇ ମଧ୍ୟ କୋଠବାଡ଼ି ଓ ରାସ୍ତା ନିର୍ମାଣ ସମୟରେ ଗଛକୁ ହସି ହସି କାଟିଦିଆଯାଏ। ଅନ୍ୟପକ୍ଷେ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ମନଇଚ୍ଛା ଗଛ କଟାଯାଏ। ବହୁ ସମୟରେ ଶିଳ୍ପ ଓ କଳକାରଖାନା ନିର୍ମାଣ ସହ ବିକାଶର ଗୋଲାପୀ ଚିତ୍ର ଦେଖାଇ ଅନେକ ଜଙ୍ଗଲ ନଷ୍ଟ କରାଯାଏ। ଏହାସହ ଜଙ୍ଗଲ ଉପରେ ନିର୍ଭର କରୁଥିବା ଅନେକ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କୁ ବାସହରା କରିଦିଆଯାଉଛି। ଜୀବଜନ୍ତୁମାନଙ୍କୁ ଶିକାର କରିବା ପାଇଁ ମନୁଷ୍ୟକୃତ ନିଆଁ ଏବଂ ଗ୍ରୀଷ୍ମପ୍ରବାହ କାରଣରୁ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ିଜଳି ପାଉଁଶ ହୋଇଯାଏ। ସେହିଭଳି ବନ୍ୟା ଓ ବାତ୍ୟାରେ ମଧ୍ୟ ଅନେକ ବୃକ୍ଷ ଓ ଜଙ୍ଗଲ ନଷ୍ଟ ହୋଇଯାଏ।

ସାମ୍ପ୍ରତିକ ଅତ୍ୟଧିକ ଜଙ୍ଗଲ କ୍ଷୟ ଯୋଗୁଁ ବିଶ୍ୱ ପ୍ରତି ମିନିଟ୍‌ରେ ୩୦ଟି ଫୁଟବଲ ପଡ଼ିଆ ଆୟତନ ସଦୃଶ୍ୟ ଜଙ୍ଗଲ ହରାଇ ବସୁଛି। ଏହିଧାରା ଯଦି ଜାରି ରହିବ ତେବେ ଆଗାମୀ ୮୦ ବର୍ଷ ପରେ ଆମ ସବୁଜଗ୍ରହ ଜଙ୍ଗଲଶୂନ୍ୟ ହୋଇଯିବ। କିଛିଦିନ ତଳେ ପ୍ରକାଶିତ 'ଗ୍ଲୋବାଲ ଫରେଷ୍ଟ ୱାଚ୍ ସର୍ଭେ'ର ରିପୋର୍ଟ ଅନୁଯାୟୀ ୨୦୨୪ ମସିହାରେ ଭାରତ ୧୮ ହଜାର ୨୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଛି ଏବଂ ୨୦୨୩ ମସିହାରେ ୧୭ ହଜାର ୭୦୦ ହେକ୍ଟରର ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ଅଦ୍ୟାବଧି ଦେଶରେ ୨.୩୧ ନିୟୁତ ହେକ୍ଟରର ଜଙ୍ଗଲ ନଷ୍ଟ ହୋଇଛି। ଏହା ମଧ୍ୟରେ ୨୦୦୨ ରୁ ୨୦୨୪ ମଧ୍ୟରେ ଦେଶରେ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ନଷ୍ଟ ହୋଇଛି। ସରକାରଙ୍କ ତଥ୍ୟ ଅନୁଯାୟୀ ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ ସଡ଼କ ନିର୍ମାଣ ଏବଂ ସମ୍ପ୍ରସାରଣ ପାଇଁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହାର ସଂଖ୍ୟା ଅଧିକ ହୋଇପାରେ। ସେହିଭଳି ଗ୍ରୀଷ୍ମ ପ୍ରବାହ ଓ ବନାଗ୍ନି କାରଣରୁ ଓଡ଼ିଶାରେ ସର୍ବାଧିକ ବର୍ଷକୁ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଏ। ଏକ ତଥ୍ୟ ଅନୁଯାୟୀ ଜଙ୍ଗଲ ନିଆଁ ଯୋଗୁଁ ଓଡ଼ିଶାର ୧୮୦ ବର୍ଗ କି.ମି ଜଙ୍ଗଲ ନଷ୍ଟ ହୋଇସାରିଛି। ସେହିଭଳି ଜଙ୍ଗଲ ଜମି ଜବରଦଖଲରେ ମଧ୍ୟ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ରାଜ୍ୟସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ୪୦ ହଜାର ୫୦୭.୫୬ ହେକ୍ଟର ଜଙ୍ଗଲ ଜମି ଜବରଦଖଲ କରାଯାଇଛି।

ସାଧାରଣ ଭାବେ ଗୋଟିଏ ମଣିଷ ବଞ୍ଚିବା ପାଇଁ ଦୈନିକ ୫୫୦ ଲିଟର ଅମ୍ଳଜାନ ଆବଶ୍ୟକ, ଯାହାକି ଡାକ୍ତରଖାନାର ତିନୋଟି ଅମ୍ଳଜାନ ସିଲିଣ୍ଡର ଥଳି ସହ ସମାନ। ଏହାକୁ ଉତ୍ପାଦନ କରନ୍ତି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଦୁଇଟି ଗଛ। ଗୋଟିଏ ବିଶାଳ ବରଗଛ ବର୍ଷକୁ ପାଖାପାଖି ୨ ହଜାର ୭ଶହ କିଲୋଗ୍ରାମ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ ଏବଂ ୫୦ କିଲୋଗ୍ରାମ ଅଙ୍ଗାରକାମ୍ଳ ଟାଣିନିଏ। ସେହିପରି ଅଶ୍ୱତ୍ଥ ଗଛର ବିଶେଷତ୍ୱ ହେଲା ଦିବାରାତ୍ର୨୪ ଘଣ୍ଟା ଅମ୍ଳଜାନ ବାୟୁମଣ୍ଡଳକୁ ଯୋଗାଏ। ଅନୁରୂପ ଭାବେ ନିମ୍ବ, ବାଉଁଶ, ଅର୍ଜୁନ ଓ ବେଲ ଗଛ ମଧ୍ୟ ଦିବାରାତ୍ର ଅମ୍ଳଜାନ ନିର୍ଗମନ କରିଥା'ନ୍ତି। ଏକ ରିପୋର୍ଟ ଅନୁସାରେ ଏକ ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ୫ ଟନ୍ ସବୁଜବାଷ୍ପ ଶୋଷଣ କରେ ଏବଂ ୪ ଟନ୍ ଅମ୍ଳଜାନ ନିର୍ଗମନ୍ କରେ, ଯାହା ୧୮ ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ। ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ବୃକ୍ଷ ଏବେ ବିଲୁପ୍ତ ଅବସ୍ଥାରେ। ତଥ୍ୟକୁହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି - ବିକାଶ, ବନାଗ୍ନି ଓ ବାତ୍ୟା।

ଏ ସବୁ ମଧ୍ୟରେ କିଛିମାସ ତଳେ ସାମାଜିକ ଗଣମାଧ୍ୟମରେ ଛାଇଯାଇଥିଲା ଏକ ହୃଦୟ ବିଦାରକ ଭିଡିଓ, ଯେଉଁଥିରେ ତେଲେଙ୍ଗାନାର ହାଇଦ୍ରାବାଦ ସହରର ଏକ ବିଶ୍ୱବିଦ୍ୟାଳୟ ପରିସରରେ ଆଇଟି ପାର୍କ ନାମରେ ରାତିଅଧିଆ କଟାଯାଉଥିଲା ୪୦୦ ଏକର ଜଙ୍ଗଲ, ଯେଉଁଥିରେ ଥିଲେ ଅନେକ ହରିଣ, ମୟୂର, ହାତୀ ଓ ବାନର ଭଳି ଅନେକ ନିରୀହ ଜୀବଜନ୍ତୁ। ଶେଷରେ ଛାତ୍ରମାନଙ୍କ ଆନ୍ଦୋଳନ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ତାହା ବନ୍ଦ ହୋଇଥିଲା। ଏହାକୁ ଲକ୍ଷ୍ୟ କଲେ ମନକୁ ଆସେ ୧୭୩୦ ମସିହାର ଗୋଟିଏ ଶବ୍ଦ 'କଟା ବୃକ୍ଷଠୁ କଟା ମୁଣ୍ଡ ଶସ୍ତା'। ଏହାଥିଲା ରାଜସ୍ଥାନର ବିଷ୍ଣୋଇ ସମୁଦାୟର ସଦସ୍ୟ ଅମୃତାଦେବୀଙ୍କର। ଏକ ଖେଜରି ଗଛକୁ ବଞ୍ଚାଇବାକୁ ଯାଇ ଅମୃତା ଦେବୀଙ୍କ ସହ ପ୍ରାୟ ୩୬୩ ଜଣ ପୁରୁଷ, ମହିଳା ଓ ଶିଶୁ କୁରାଢ଼ି ଆଗରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଘଟଣା ପ୍ରକୃତି ଓ ପରିବେଶକୁ ବଞ୍ଚାଇବା ପାଇଁ ବିଷ୍ଣୋଇ ସମୁଦାୟର ଉଚ୍ଚବିଚାରକୁ ଦର୍ଶାଏ। ୧୯୭୦ ମସିହାର ଚିପକୋ ଆନ୍ଦୋଳନକୁ ଏହା ମଧ୍ୟ ପ୍ରେରିତ କରିଥିଲା, ଯାହା ଖେଜରୀ ଗଣହତ୍ୟାର ପ୍ରାୟ ୨୪୫ ବର୍ଷ ପରେ ହୋଇଥିଲା।

ବୃକ୍ଷ କାଟିବା ଏବଂ ଜଙ୍ଗଲ ନଷ୍ଟ କରିବା ମଣିଷ ପାଇଁ କିଞ୍ଚିତ ମାତ୍ର ହୋଇଥାଇପାରେ। ହେଲେ ଏହାର ଫଳାଫଳ ଭବିଷ୍ୟତରେ ଭୟାବହ ହୋବକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ। ଏଥିରୁ କେବଳ ସମାଜକୁ ବୁଝିବାକୁ ପଡ଼ିବ ଗଛ ଓ ଜଙ୍ଗଲ ବଞ୍ଚିଲେ ସମଗ୍ର ମାନବ ସମାଜ ତିଷ୍ଠି ରହିବ। କିଛିଟା ସ୍ୱାର୍ଥ ଓ ଲାଳସା ଭଳି ହୀନ ମାନସିକତାରୁ ଦୂରେଇ ରହି ଚାରାରୋପଣ କରିବା ସହ ବୃକ୍ଷମାନଙ୍କୁ ସୁରକ୍ଷା ଦେବା ଏବଂ ସମଗ୍ର ମଣିଷ ସମାଜ ଓ ଜୀବଜଗତକୁ ଧ୍ୱଂସ ହେବାରୁ ବଞ୍ଚାଇବା। ନଚେତ୍ ସମୟ ଆସିବ ଯେଉଁ ବୃକ୍ଷଠାରୁ ଆମେ ଅମ୍ଳଜାନ ବୁନ୍ଦାଏ ପାଇ ବଞ୍ଚିଛେ, ସେହି ବୃକ୍ଷ ହିଁ ମାନବ ସମାଜର ବିନାଶର କାରଣ ପାଲଟିଯିବ।

ଇଟାମାଟି(ନୟାଗଡ଼),
ମୋ: ୬୩୭୨୫୯୪୦୪୧

## ବିଶ୍ୱାସରେ ସଙ୍କଟ!

ଅଶୋକ ମହାରଣା

ରୋମ ସମ୍ରାଟ ଡାଇନୋସିୟସ ସମୟରେ ଦୁଇ ବନ୍ଧୁ ଡାମନ ଓ ବିଥିୟସଙ୍କ ମଧ୍ୟରେ ଥିଲା ଅଭେଦ୍ୟ ବନ୍ଧୁତା। କୌଣସି କାରଣରୁ ସମ୍ରାଟ ଡାଇନୋସିୟସ ଡାମନଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରନ୍ତି। ଡାମନ ଦୁଃଖରେ ମ୍ରିୟମାଣ ହୋଇପଡ଼ନ୍ତି ଏହି କାରଣରୁ ଯେ ସେ ଫାଶୀ ପାଇବେ, କିନ୍ତୁ ପରିବାରବର୍ଗ ଜାଣିପାରିବେ ନାହିଁ। ଡାମନ ସମ୍ରାଟଙ୍କୁ ଅନୁନୟ କରନ୍ତି ତାଙ୍କୁ ସାତ ଦିନ ସମୟ ଦେବା ପାଇଁ, ଯାହା ଫଳରେ ସେ ପରିବାରବର୍ଗଙ୍କୁ ସେ ବିଷୟରେ ଜଣାଇ ପାରିବେ। ଡାଇନୋସିୟସ ଗୋଟିଏ ସର୍ତ୍ତରେ ଡାମନ୍‌ଙ୍କୁ ଅନୁମତି ଦିଅନ୍ତି। ସେ ସର୍ତ୍ତଟି ହେଲା ଯଦି ଆଉଜଣେ ବ୍ୟକ୍ତି ଡାମନ୍‌ଙ୍କ ବଦଳରେ କାରାଗାରରେ ରହିବେ। ଯଦି ଡାମନ୍ ନ ଫେରନ୍ତି ସେହି ପ୍ରତିନିଧି ପ୍ରାଣଦଣ୍ଡ ଭୋଗିବେ। କିଏ ସେହି ବନ୍ଧୁ, ଯିଏ ଜାଣି ଜାଣି ନିଜ ମୃତ୍ୟୁଦଣ୍ଡକୁ ସ୍ୱୀକାର କରିନେବ? କିନ୍ତୁ ଡାମନ୍‌ଙ୍କ ପ୍ରତିନିଧି ଭାବେ କାରାଗାରରେ ରହିବା ପାଇଁ ବିଥିୟସ ଆଗେଇ ଆସିଲେ।

ଇତିମଧ୍ୟରେ ସାତଦିନ ବିତି ଯାଇଛି, କିନ୍ତୁ ଡାମନ ଫେରିବାର କୌଣସି ସୂଚନା ନାହିଁ। ରାଜାଙ୍କ ସର୍ତ୍ତ ଅନୁସାରେ ବିଥିୟସଙ୍କୁ ଫାଶୀଖୁଣ୍ଟ ପାଖକୁ ନିଆଯାଇଛି। ମୁହଁରେ କଳାକପଡ଼ା ବାନ୍ଧିବା ପୂର୍ବରୁ ତାଙ୍କୁ ଚିରାଚରିତ ଯେତେବେଳେ ପଚରାଯାଇଛି 'ତୁମର ଶେଷ ଇଚ୍ଛା କ'ଣ?' ବିଥିୟସ କିଛି ଉତ୍ତର ନ ଦେଇ କେବଳ ଅଶ୍ରୁ ବିସର୍ଜନ କରିଛନ୍ତି। ରାଜା ହସିହସି କହିଛନ୍ତି, 'ହେ ମୂଢ଼! ତୁମେ କ'ଣ ଜାଣି ନଥିଲ ଯେ ଫାଶୀଦଣ୍ଡ ପାଇଥିବା ଜଣେ ବ୍ୟକ୍ତି କେବେ ମଧ୍ୟ ଫେରିଆସିବ ନାହିଁ? ଏଭଳି ବିଶ୍ୱାସ କରିବା ମସ୍ତବଡ଼ ଭୁଲ। ଏବେ କାନ୍ଦିଲେ କ'ଣ ମୁକ୍ତି ପାଇଯିବ?' ବିଥିୟସ ସ୍ମିତ ହସି ଉତ୍ତର ଦେଲେ, 'ହେ ରାଜନ! ମୋର ଏ ଅଶ୍ରୁଧାର ଭଗବାନଙ୍କ ନିକଟରେ କୃତଜ୍ଞତା ପାଇଁ। ସେ ମୋର ପ୍ରାର୍ଥନା ଶୁଣିଛନ୍ତି ଯେ ଆଜି ମୋ ଜୀବନ ପାଇଁ ମୋ ବନ୍ଧୁର ଜୀବନ ରକ୍ଷା ହୋଇପାରୁଛି। ଭଗବାନ ମୋତେ ଆଶୀର୍ବାଦ କରିଛନ୍ତି।' ଏହି ସମୟରେ ଦୂରରୁ କେହି ଜଣେ ଦୌଡ଼ି ଦୌଡ଼ି ଆସୁଥିବାର ଦେଖିବାକୁ ମିଳିଲା। ସେ ବ୍ୟକ୍ତିଜଣକ 'ଫାଶୀ ବନ୍ଦ କର' ବୋଲି ଚିତ୍କାର କରୁଥିଲେ। ସେ ବ୍ୟକ୍ତିଜଣକ ଥିଲେ ଡାମନ୍। କିଛି ସମୟ ପରେ ଫାଶୀ ଖୁଣ୍ଟ ନିକଟରେ ପହଞ୍ଚି ଡାମନ୍ କହିଲେ, 'ହେ ଭଗବାନ! ଆପଣ କେତେ ମହାନ। ଟିକିଏ ବିଳମ୍ବ ହୋଇ ଯାଇଥିଲେ ମୋର ବନ୍ଧୁର ଜୀବନ ଚାଲି ଯାଇଥା'ନ୍ତା।' ସମ୍ରାଟ ଡାଇନିଓସିସ ହତଚକିତ। ଏଭଳି ବନ୍ଧୁତାକୁ ଦେଖି ତାଙ୍କ ଆଖିରେ ବି ଲୋତକର ଧାର। ତାଙ୍କ ମୁଖରୁ ବାହାରି ଆସିଛି - 'ଏଭଳି ବନ୍ଧୁତା ଓ ବିଶ୍ୱାସ ବିଶ୍ୱରେ ବିରଳ। ଡାମନ ତୁମକୁ ମୁଁ ମୁକ୍ତି କରିଦେଉଛି। ଏବେ ମୁଁ ହେଉଛି ତୁମର ତୃତୀୟ ବନ୍ଧୁ। ମୋତେ ତୁମେ ବନ୍ଧୁ ଭାବରେ ଗ୍ରହଣ କର।'

ସେକସପିୟରଙ୍କ ଜୁଲିୟସ ସିଜର ନାଟକ ବିଶ୍ୱାସରେ ପଡ଼ିଥିବା କଳଙ୍କିତ ଛିଟାକୁ ପ୍ରତିବେଦନ କରେ। ଏକଛତ୍ରବାଦୀ ହେଲେ ମଧ୍ୟ ଜୁଲିୟସ ସିଜର ଥିଲେ ସୁଶାସକ। ତାଙ୍କୁ ଷଡ଼ଯନ୍ତ୍ର କରି ରାସ୍ତାରୁ ହଟାଇବା ପାଇଁ ପ୍ରିୟବନ୍ଧୁ ବ୍ରୁଟସଙ୍କ ସାହାରା ନିଆଗଲା। ସିଜରଙ୍କୁ ସଂସଦ ଭିତରକୁ ଛଳନାରେ ନିଆଯାଇ ହତ୍ୟା କରିବା ପାଇଁ ସିନେଟରମାନେ ଯେତେବେଳେ ଛୁରିକା ଘାତ କଲେ, ସିଜର ଚିତ୍କାର କଲେ 'ବ୍ରୁଟସ ମୋର ବନ୍ଧୁ ମୋତେ ରକ୍ଷାକର!' ସିଜର ପଛକୁ ଫେରିଚାହିଁବା ବେଳକୁ ବ୍ରୁଟସଙ୍କ ହାତରେ ମଧ୍ୟ ଥିଲା ଛୁରୀ। ସ୍ତବଧ ହୋଇଗଲେ ସିଜର। କହିଲେ, 'ଶେଷରେ ତୁମେ ବି ବ୍ରୁଟସ! ଦୁଇ ଘଟଣା ମଧ୍ୟରେ ସାମଞ୍ଜସ୍ୟ ଥାଇ ନ ପାରେ। କିନ୍ତୁ ଗୋଟିଏ ମାତ୍ର ନିର୍ଣ୍ଣାୟକ ସତ୍ୟ ବିଶ୍ୱାସରେ ସଙ୍କଟ।

ଆଜି ମଣିଷ ମଣିଷକୁ ବିଶ୍ୱାସ କରିବାକୁ ପଶ୍ଚାତପଦ। କିନ୍ତୁ କାହିଁକି ଏବଂ କ'ଣ ପାଇଁ, ତା'ର ଉତ୍ତର ଅନେକ। ଦୁଇଟି ଘଟଣା ମାନବ-ମାନବ ଭିତରେ ଥିବା ବିଶ୍ୱାସର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ସତରେ ମଣିଷ କେତେ ଅସହାୟ ହୋଇପଡ଼ିଛି। ବିଶ୍ୱାସ ଗୋଟିଏ ଏମିତି ଛୋଟ ଶବ୍ଦ, ଯାହାକୁ ପଢ଼ିବାକୁ ଲାଗେ ଗୋଟେ ମିନିଟ, ଭାବିବାକୁ କିଛି ସମୟ, ବୁଝେଇବାକୁ କିଛି ଦିନ ଏବଂ ପାଳନ କରିବାକୁ ସାରାଜୀବନ। ବିଶ୍ୱାସ ଏବେ ସଙ୍କଟରେ। ପୃଥିବୀ ପୃଷ୍ଠରେ ଅସଂଖ୍ୟ ଶକ୍ତି ମନୁଷ୍ୟକୁ କବଳିତ କରି ରଖିଛି। ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ବିଜ୍ଞାନର ଅବଦାନ। ବିଜ୍ଞାନ କିନ୍ତୁ ଆମକୁ ଭୟଭୀତ କରାଉଛି। ଫଳରେ ମାନବ-ମାନବ ଭିତରେ ସମ୍ପର୍କ ସ୍ଥାୟୀ ହୋଇ ରହୁନାହିଁ।

ବିଶ୍ୱାସ ଏକ ସ୍ୱତଃପ୍ରବୃତ୍ତ ଚିନ୍ତନ। ଶିଶୁଟିଏ ଜନ୍ମ ଗ୍ରହଣ କଲେ ଚିତ୍କାର କରି କାନ୍ଦେ। ତା'ର କାନ୍ଦ ହେଉଛି ବିଶ୍ୱାସ। ଅସଚେତନ ଥିଲେ ମଧ୍ୟ ତା'ର ବିଶ୍ୱାସ ଯେ ମୋର କ୍ରନ୍ଦନ ଶୁଣିବାକୁ ମାଆ ସଚେତନ ଅଛି। ସେହି ବିଶ୍ୱାସ ହିଁ ଜୀବନର ସତ୍ତା। ବିଶ୍ୱାସ ହିଁ ଜନ୍ମଜନ୍ମାନ୍ତର ସମ୍ପର୍କ। ଯେପରି ମାଟି ପାତ୍ରର ଛୋଟ ଛିଦ୍ରଟିଏ ପାଣିକୁ ଧରି ରଖିପାରେ ନାହିଁ, ଠିକ ସେମିତି ସମ୍ପର୍କରେ ଲେଶମାତ୍ର ଅବିଶ୍ୱାସ ସାରା ଜୀବନ ପାଇଁ ଏକ ରେଖା ଟାଣିଦିଏ। ତାହା ହେଉଛି ଅବିଶ୍ୱାସ। ବିଶ୍ୱାସ ଅଛି ବୋଲି ତ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଖାଦ୍ୟ ଆମେ ସାଦରେ ଗ୍ରହଣ କରୁଛୁ। କିନ୍ତୁ ସେହି ବିଶ୍ୱାସରେ ଏବେ ବିରାଟ ପ୍ରଶ୍ନବାଚୀ। ପ୍ରତି ହୃତ୍‌ସ୍ପନ୍ଦନରେ ସୃଷ୍ଟି ହେଉଛି ଅସମାହିତ ପ୍ରଶ୍ନଚିହ୍ନ। କାହିଁକି ବିଶ୍ୱାସରେ ସଙ୍କଟ? ସ୍ୱାର୍ଥ ନା ପରିବର୍ତ୍ତିତ ପରିବେଶ ନା ସମୟ? ନା ଜ୍ଞାନର ପ୍ରକୃତ ପରିଭାଷାକୁ ବ୍ୟାପ୍ତ କରିବାର ଦୁର୍ବଳତା? ବିଶ୍ୱାସ ନଥିଲେ ଜୀବନ ବି ନାହିଁ। ବିଶ୍ୱାସ ନଥିଲେ ଆତ୍ମୀୟତାବୋଧ କାହିଁ? ବିଶ୍ୱାସହୀନତା ହିଁ ଆଜନ୍ମ ଦୁଃଖର କାରଣ। ଅନ୍ତତଃ ବିଶ୍ୱାସକୁ ସଜାଗ କରିବା ସମସ୍ତଙ୍କର କର୍ତ୍ତବ୍ୟ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

## ରାବଣ ମନ୍ଦିର

ଓଜସ୍ୱିନୀ

ପୂର୍ବପ୍ରକାଶିତ ଉତ୍ତାରୁ...

ରାବଣଙ୍କୁ ସମର୍ପିତ ଦ୍ୱିତୀୟ ମୁଖ୍ୟ ମନ୍ଦିରଟି ହେଉଛି ରାଜସ୍ଥାନର ଉଦୟପୁରଠାରେ ଥିବା କମଳନାଥ ମହାଦେବ ମନ୍ଦିର। ଏହି ମନ୍ଦିରର ବୈଚିତ୍ର ହେଉଛି, ଏଠାରେ ମହାଦେବଙ୍କ ପୂର୍ବରୁ ଅସୁରରାଜ ରାବଣଙ୍କ ପୂଜାର୍ଚ୍ଚନା କରାଯାଏ। ଭକ୍ତମାନେ ପ୍ରଥମେ ରାବଣଙ୍କୁ ଦର୍ଶନ କରିବା ପରେ ମହାଦେବଙ୍କୁ ଦର୍ଶନ କରନ୍ତି। କମଳନାଥ ମହାଦେବ ନାମରେ ପ୍ରସିଦ୍ଧ ଏହି ମନ୍ଦିର ଉଦୟପୁରଠାରୁ ପ୍ରାୟ ୭୦ କି.ମି. ଦୂର ଝାଡୋଲ୍ ଅଞ୍ଚଳର ଆୱରଗଡ଼ ପାର୍ବତ୍ୟାଞ୍ଚଳରେ ରହିଛି। ସ୍ଥାନୀୟ ଲୋକକଥା ଅନୁସାରେ ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିଥିଲେ। ତପସ୍ୟା ସମୟରେ ରାବଣ ପ୍ରତିଦିନ ୧୦୮ ଟି ପଦ୍ମ ଶିବଙ୍କୁ ଅର୍ପଣ କରୁଥିଲେ। ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ରାବଣଙ୍କ ଭକ୍ତି ପରୀକ୍ଷା ନେବା ପାଇଁ ଗୋଟିଏ ପଦ୍ମପୁଷ୍ପ ଅଦୃଶ୍ୟ କରିଦେଲେ। କମଳ ପୁଷ୍ପର ଅଭାବକୁ ପୂରଣ କରିବା ପାଇଁ ରାବଣ ନିଜ ମସ୍ତକ ଛେଦନ କରି ମହାଦେବଙ୍କୁ ଅର୍ପଣ କଲେ। ରାବଣଙ୍କ ଭକ୍ତିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ପ୍ରକଟ ହୋଇ ରାବଣଙ୍କ ନାଭିରେ ଅମୃତକୁଣ୍ଡ ସ୍ଥାପନାର ବରଦାନ ଦେବା ସହିତ ଦଶାନନ ହେବାର ସୌଭାଗ୍ୟ ପ୍ରଦାନ କଲେ। ଏହି ସ୍ଥାନରେ ରାବଣ କମଳପୁଷ୍ପ ସ୍ଥାନରେ ନିଜର ମସ୍ତକ ଅର୍ପଣ କରି ଶିବଙ୍କୁ ପ୍ରସନ୍ନ କରିଥିବାରୁ ଏହି ଶିବଲିଙ୍ଗ କମଳନାଥ ନାମରେ ନାମିତ ହୋଇଛନ୍ତି। ଏଠାରେ ରାବଣଙ୍କ ପୂଜାର୍ଚ୍ଚନା ବିନା ଶିବ ଦର୍ଶନ ବ୍ୟର୍ଥ ବୋଲି କୁହାଯାଉଛି। ତେଣୁ ସ୍ଥାନୀୟ ବିଶ୍ୱାସ ଅନୁସାରେ ମହାଦେବଙ୍କୁ ପ୍ରସନ୍ନ କରି ମନୋବାଞ୍ଛିତ ବରଦାନ ପ୍ରାପ୍ତି କରିବାକୁ ହେଲେ ପ୍ରଥମେ ରାବଣଙ୍କୁ ପୂଜା କରାଯାଉଛି। ରାବଣଙ୍କ ପୂଜା କରିବା ଦ୍ୱାରା ମହାଦେବଙ୍କ ବିଶେଷ କୃପା ଲାଭ ହୋଇଛି ବୋଲି ଶ୍ରଦ୍ଧାଳୁମାନେ ସେମାନଙ୍କର ଅଭିଜ୍ଞତା ଓ ଅନୁଭବରୁ କହିଥା'ନ୍ତି।

ଦେବଭୂମି ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ବୈରାସକୁଣ୍ଡଠାରେ ମହାଦେବଙ୍କର ଏକ ପ୍ରାଚୀନ ମନ୍ଦିର ଅଛି, ଯାହା ନିକଟରେ ରହିଛି ରାବଣ ଶିଳା। ଏଠାରେ ରାବଣ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ୧୦ ହଜାର ବର୍ଷ କଠୋର ତପସ୍ୟା କରିଥିଲେ। ତପସ୍ୟା ଫଳପ୍ରସୂ ନହେବାର ଆଶଙ୍କା କରି ରାବଣ ଏଠାରେ ତାଙ୍କର ଶିର ଛେଦନ କରି ମହାଦେବଙ୍କୁ ଅର୍ପଣ କରିଥିଲେ ବୋଲି ଲୋକକଥା ଅଛି। ନଅଟି ଶିର ଛେଦନ ପରେ ଦଶମ ଶିର ଛେଦନ କରିବା ସମୟରେ ସ୍ୱୟଂ ଶିବ ରାବଣଙ୍କ ସମ୍ମୁଖରେ ପ୍ରକଟ ହେଲେ ଏବଂ ବର ଯାଚନା କରିବାକୁ କହିଲେ। ମହାଦେବ ସବୁଦିନ ପାଇଁ ସେହି ସ୍ଥାନରେ ଅବସ୍ଥାନ କରନ୍ତୁ ବୋଲି ରାବଣ ବର ମାଗିବାରୁ ମହାଦେବ ସନ୍ତୁଷ୍ଟ ହୋଇ ଶିବଲିଙ୍ଗ ଭାବେ ସେଠାରେ ରହିଲେ। ବୈରାସକୁଣ୍ଡ ମହାଦେବ ସ୍ୱୟଂଭୂ ବୋଲି କୁହାଯାଏ। 'ସ୍କନ୍ଦପୁରାଣ'ର 'କେଦାରଖଣ୍ଡ'ରେ ମଧ୍ୟ ଏହି ଅଞ୍ଚଳକୁ ଏକ ପବିତ୍ରଭୂମି ଭାବେ ବର୍ଣ୍ଣନା କରାଯାଇଛି। ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଦଶୋଲି ନାମକ ଗୋଟିଏ ଗାଁର ଅଛି। ଦଶାନନ ନାମର ଅପଭ୍ରଂଶ ହୋଇ ଏହା ଦଶୋଲି ହୋଇଥାଇପାରେ ବୋଲି ଐତିହାସିକମାନେ ମତ ଦିଅନ୍ତି। 'ରାବଣ ସଂହିତା'ରେ ଉଲ୍ଲେଖ ଅଛି ଯେ, ଏହି ସ୍ଥାନରେ ରାବଣ 'ନାଡ଼ି ବିଜ୍ଞାନ' ରଚନା କରିଥିଲେ। ରାବଣ ଶିଳାକୁ ଶ୍ରଦ୍ଧାଳୁମାନେ ରାବଣଙ୍କ ପ୍ରତୀକ ଭାବେ ପୂଜାର୍ଚ୍ଚନା କରିଥା'ନ୍ତି।

### ବିଚିତ୍ର ବିଶ୍ୱାସ

ଭାରତର ଆଉ କେତେକ ମନ୍ଦିର ମଧ୍ୟ ରାବଣଙ୍କୁ ସମର୍ପିତ। ଯଥା - ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରୁ ପ୍ରାୟ ୧୫ କିଲୋମିଟର ଦୂର ବିସରଖ ଗାଁରେ ଥିବା ରାବଣ ମନ୍ଦିର, ଯାହାକୁ ରାବଣଙ୍କ ଜନ୍ମସ୍ଥାନ ବୋଲି କୁହାଯାଉଛି। ଏଠାରେ ରାବଣଙ୍କ ଏକ ସୁନ୍ଦର ମନ୍ଦିର ସହିତ ତାଙ୍କର ପିତା ବିଶ୍ରବାଙ୍କ ମଧ୍ୟ ଗୋଟିଏ ମନ୍ଦିର ଅଛି। ରାବଣ ମନ୍ଦିର ପରିସର ଭିତରେ ଗୋଟିଏ ପ୍ରାଚୀନ ଶିବ ମନ୍ଦିର ରହିଛି। ଏହି ଶିବଲିଙ୍ଗଙ୍କୁ ରାବଣ ପୂଜା କରୁଥିଲେ ବୋଲି କୁହାଯାଏ। ଏଠାରେ ଦଶହରା ଦିନ ରାବଣଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଇ ସ୍ୱାଦିଷ୍ଟ ଭୋଗ ଅର୍ପଣ କରାଯାଇଥାଏ। ଜନଶ୍ରୁତି କହେ ଯେ, ଅନେକ ବର୍ଷ ପୂର୍ବରୁ ଏହି ଗ୍ରାମରେ ମଧ୍ୟ ଦଶହରା ପାଳନ ପୂର୍ବକ ରାବଣଙ୍କ ପୁତ୍ତଳିକାକୁ ଦହନ କରାଯାଇଥିଲା। ପରିଣାମ ସ୍ୱରୂପ ଗ୍ରାମରେ ଅନେକ ଲୋକ ମୃତାହତ ହେଲେ। ଏହାପରେ ଅନେକ ଯଜ୍ଞ ଏବଂ ରାବଣଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୋଚାରଣ ଦ୍ୱାରା ଶୁଭଫଳ ଲାଭ ହେଲା। ଏହା ପରଠାରୁ କେବେ ମଧ୍ୟ ଏହି ଗ୍ରାମରେ ରାବଣପୋଡ଼ି କରାଯାଏନାହିଁ। କାନପୁରରେ ଥିବା ରାବଣ ମନ୍ଦିର, ଯାହାକି କେବଳ ଦଶହରା ଦିନ ଖୋଲାଯାଏ ଏବଂ ଏହିଦିନ ରାବଣଙ୍କୁ ଦୁଗ୍ଧରେ ଅଭିଷେକ କରାଇ ଶୃଙ୍ଗାର କରାଯାଇ ଆଳତି ଓ ପୂଜାର୍ଚ୍ଚନା କରାଯାଏ। ମଧ୍ୟପ୍ରଦେଶର ବିଦିସାଠାରେ ଥିବା ରାବଣ ମନ୍ଦିରରେ କାନ୍ୟକୁବ୍‌ଜ ବ୍ରାହ୍ମଣ ସମୁଦାୟର ବରବଧୂ ରାବଣଙ୍କ ଆଶୀର୍ବାଦ ନେବା ପାଇଁ ଆସନ୍ତି। ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ଥିବା ଶିବ ମନ୍ଦିରରେ ପ୍ରାୟ ୩୦ଫୁଟ ଉଚ୍ଚର ରାବଣଙ୍କ ମୂର୍ତ୍ତି ରହିଛି। ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗଙ୍କୁ ରାବଣ ନିଜେ ପ୍ରତିଷ୍ଠା କରାଇଥିଲେ ବୋଲି ଲୋକକଥା ଅଛି।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## 'ସୁଭଦ୍ରା'ର ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

# ହିତାଧିକାରୀମାନଙ୍କ ସାମଗ୍ରିକ ଆର୍ଥିକ ସଶକ୍ତୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩୧।୭ (ସମିସ): ଲୋକସେବା ଭବନ ସମ୍ମିଳନୀ କକ୍ଷରେ "ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରି ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ ସେ ସମ୍ପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ଆଲୋଚନା କରିଥିଲେ। ସେହିପରି ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ୍ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ଲକ୍ଷ ୮୩ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି। କେବଳ ମହିଳାମାନଙ୍କ ଦ୍ୱାରା ଚାଲୁଥିବା 'କୁହ ସୁଭଦ୍ରା' ଅଭିଯୋଗ ସମାଧାନ କେନ୍ଦ୍ରରେ ଏପର୍ଯ୍ୟନ୍ତ ଦିନକୁ ପ୍ରାୟ ୨୦ ହଜାରରୁ ଅଧିକ କଲ୍ ଗ୍ରହଣ କରାଯାଇ ସେସବୁର ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଲ୍ଲେଖ କରିଥିଲେ। କ୍ୟାବିନେଟ ଅନୁମୋଦନର ମାତ୍ର ୧୦୦ ଦିନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବା ସହ ଦୁଇଟି କିସ୍ତିରେ ହିତାଧିକାରୀଙ୍କୁ ସୁବିଧାରେ ଆର୍ଥିକ ସହାୟତା ସ୍ଥାନାନ୍ତର କରିବାରେ ସାମୂହିକ ସରକାରୀ ବ୍ୟବସ୍ଥା ସହ ମହିଳା ଓ ଶିଶୁ ବିକାଶ ବିଭାଗର ସୁସମନ୍ୱୟ ନିମନ୍ତେ ମୁଖ୍ୟ ଶାସନ ସଚିବ ମହିଳା ଓ ଶିଶୁ ବିଭାଗକୁ ପ୍ରଶଂସା କରିଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଇଏଏସ୍ ସ୍ତରରେ ଅଦଳବଦଳ

## ୪ ଉନ୍ନୟନ କର୍ତ୍ତୃପକ୍ଷରେ ଉପାଧ୍ୟକ୍ଷ ନିଯୁକ୍ତି

ଭୁବନେଶ୍ୱର,୩୧।୭ (ସମିସ): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ୨୦୧୫ ମସିହା ବ୍ୟାଚ୍ ଆଇଏଏସ ଆବୋଲି ସୁନିଲ ନରଭଣେଙ୍କୁ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ୍ ଧିନା ଦସ୍ତାଗିରଙ୍କୁ ରାଉରକେଲା ମହାନଗର ନିଗମର କମିଶନର, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୨୧ ବ୍ୟାଚ୍ ଆଇଏଏସ ରେହାନ ଖତ୍ରୀଙ୍କୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ସମାନ ବ୍ୟାଚ୍‌ର କିରଣଦୀପ କୌର ସାହୋତାଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ଆଇଏଏସ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

■ ହାଇକୋର୍ଟରେ ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ଘଟଣା

# ଗୌତମ କୁଣ୍ଡୁଙ୍କ ଜାମିନ ଆବେଦନ ପୁଣି ଖାରଜ

କଟକ, ୩୧।୭ (ସମିସ): ବହୁଚର୍ଚ୍ଚିତ ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଏହି ଚିଟ୍‌ଫଣ୍ଡ ସଂସ୍ଥାର ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ପକ୍ଷରୁ ଦାୟର ଜାମିନ ଆବେଦନକୁ ତୃତୀୟଥର ପାଇଁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ୧୭ ହଜାର ୩୬୭କୋଟିର ଏହି ବଡ଼ ଠକେଇ ଘଟଣାରେ ଅଦ୍ୟାବଧି ଜମାକାରୀଙ୍କୁ ୯ହଜାର କୋଟି ଟଙ୍କା ଜମାକାରୀଙ୍କୁ ପଇଠ ହୋଇପାରିନାହିଁ। ବହୁସଂଖ୍ୟାରେ ଜମାକାରୀ ବିପୁଳ ପରିମାଣର ଠକେଇର ଶିକାର ହୋଇଥିବାକୁ ଦୃଷ୍ଟି ରଖି ହାଇକୋର୍ଟ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନକୁ ଗତ୨୦୨୪ଅଗଷ୍ଟ୨୧ଓ୨୦୨୪ଡିସେମ୍ବର୨୪ରେଦୁଇ ଥର ପାଇଁ ହାଇକୋର୍ଟ ଖାରଜ କରିଛନ୍ତି। ଏପରିକି, ଏହା ବିରୋଧରେ ସେ ଦାୟର କରିଥିବା ଆବେଦନକୁ ମଧ୍ୟ ଗତ ୨୦୨୫ ଫେବୃଆରି ୩ରେ ସର୍ବୋଚ୍ଚ ଅଦାଲତରେ ଖାରଜ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଏହି ତଥ୍ୟ ଲୁଚାଯାଇଥିବା ନେଇ ଅଦାଲତ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ରୋଜଭ୍ୟାଲି ଗ୍ରୁପ ଲକ୍ଷାଧିକ ଜମାକାରୀଙ୍କଠାରୁ ୧୭ହଜାର କୋଟି ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହାର ତଦନ୍ତ କରିଥିଲା। ୨୦୧୫ରେ ଇଡି ଓ ସିବିଆଇ ଏହି ମାମଲାର ତଦନ୍ତ କରି ସଂସ୍ଥାର ଅଧ୍ୟକ୍ଷ ଶ୍ରୀ କୁଣ୍ଡୁ ଓ ତାଙ୍କ ପତ୍ନୀ ଶୁଭ୍ରା କୁଣ୍ଡୁଙ୍କୁ ଗିରଫ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଏବେ ଏହି ମାମଲା ବିଚାରାଧିନ ରହିଛି। ଖୋର୍ଦ୍ଧା ଦୌରା ଅଦାଲତ ୨୦୧୭ନଭେମ୍ବର୨୪ରେ ଶ୍ରୀ କୁଣ୍ଡୁଙ୍କ ଜାମିନ ଆବେଦନ ଖାରଜ କରିଥିଲେ। ବର୍ତ୍ତମାନ ସମୟ ମଧ୍ୟରେ ଏହି ମାମଲାରେ ଅନେକ ଅଗ୍ରଗତି ହୋଇଛି। ବିଶେଷକରି ଅତିରିକ୍ତ ଚାର୍ଜସିଟ ଦାଖଲ କରାଯାଇଛି ଓ ଅନ୍ୟ କେତେକସହ ଅଭିଯୁକ୍ତ ମାନଙ୍କୁ ଜାମିନ ମିଳିସାରିଛି।

# ଛାତ୍ରୀଙ୍କୁ ଅସଦାଚରଣ; ଟ୍ୟୁସନ୍ ଶିକ୍ଷକ ଗିରଫ

ପାତ୍ରପୁର,୩୧।୭ (ସମିସ): ଜରଡ଼ା ଥାନା ଅଞ୍ଚଳର ଏକ ଗାଁର ଜଣେ ଛାତ୍ରୀକୁ ଅସଦାଚରଣ ଅଭିଯୋଗରେ ଗିରଫ ହୋଇଛନ୍ତି ଟ୍ୟୁସନ୍ ଶିକ୍ଷକ। ଅଭିଯୁକ୍ତ ଟ୍ୟୁସନ୍ ଶିକ୍ଷକ ହେଲେ, ସେହି ଗାଁର ଗଣେଶ ପ୍ରଧାନ(୨୩)। ଗଣେଶ ବୁଧବାର ଷଷ୍ଠ ଶ୍ରେଣୀ ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ଗାଁ ଶେଷ ମୁଣ୍ଡରେ ଥିବା ବିଦ୍ୟାଳୟ ନିକଟକୁ ଡ଼ାକି ଅସଦାଚରଣ କରିଥିଲେ। ଛାତ୍ରୀଜଣଙ୍କ ପାଟି କରିବାରୁ ଗଣେଶ ସେଠାରୁ ଦୌଡ଼ି ପଳାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ନଂ୨୬୩/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରୁଷ ସହ...

ବ୍ୟବସାୟିକ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରି ଆସିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ୧୯୧ ଆରବ ଡ଼ଲାର କାରବାର ହେଉଛି ଓ ୨୦୩୦ ସୁଦ୍ଧା ଏହାକୁ ୫୦୦ ଆରବ ଡ଼ଲାରରେ ପହଞ୍ଚାଇବାକୁ ଆଲୋଚନା ଚାଲିଛି। ମାତ୍ର ଏହି ସମୟରେ ୨୫% ଶୁଳ୍କ ଲାଗୁ ଭାରତୀୟ ବ୍ୟବସାୟୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଆସନ୍ତା ଅଗଷ୍ଟ ୨୬ ତାରିଖରେ ଆମେରିକାର ଏକ ପ୍ରତିନିଧିଦଳ ବ୍ୟବସାୟିକ ଆଲୋଚନା ନିମନ୍ତେ ପୁଣି ଭାରତ ଗସ୍ତରେ ଆସିବେ ଓ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା କରାଯିବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଥିବାବେଳେ ଆସନ୍ତାକାଲିଠାରୁ ନୂଆ ଟିକସ ଲାଗୁ ଭବିଷ୍ୟତରେ ବ୍ୟବସାୟିକ ସମ୍ପର୍କକୁ ବାଧାପ୍ରାପ୍ତ କରିବାର ଆଶଙ୍କା ରହିଛି।

## ସରକାରଙ୍କ ଆଭିମୁଖ୍ୟକୁ...

ଦିନକ ପରେ ହେବାକୁଥିବା ଶୁଣାଣିରେ ରାଜ୍ୟ ସରକାର କେଉଁ ତଥ୍ୟ ରଖିବେ ଓ କେଉଁ ଆଭିମୁଖ୍ୟ ପୋଷଣ କରିବେ ତାହା ଉପରେ ରାଜ୍ୟବାସୀଙ୍କର ନଜର ରହିଛି।

ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନଦୀ ଜଳବିବାଦକୁ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ କରିଥିଲେ। କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏପରିକି ଦୁଇରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ପଦାଧିକାରୀ ମାନେ ଏ ନେଇ ଆଲୋଚନାରତ ଥିବା ବୈଠକରୁ ଜଣା ପଡ଼ିଥିଲା। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଏକାଧିକ ଧର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ବିବାଦ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ସହ କଣ ଆଲୋଚନା ହୋଇଛି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସର୍ବସାଧାରଣରେ ପ୍ରକାଶ କରିନାହାନ୍ତି। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ନେଇ ସରକାର କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମସ୍ତଙ୍କୁ ବିଶ୍ୱାସକୁ ନେବା ଆବଶ୍ୟକ। ତେଣୁ ଛତିଶଗଡ଼ ସହ କେଉଁପ୍ରକାର ବୁଝାମଣା ହେଉଛି, ତାହା ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ ଛତିଶଗଡ଼ ସହ ଓଡ଼ିଶା ସମସ୍ୟାର ସମାଧାନ ପାଇଁ ଆଲୋଚନା ରତ ବୋଲି ନିଜେ ମୁଖ୍ୟମନ୍ତ୍ରୀ ଓ ଏଜି କହୁଥିଲେ ହେଁ, ପ୍ରତିପକ୍ଷ ଛତିଶଗଡ଼ର ଏଜି ଏହାକୁ ଖଣ୍ଡନ କରୁଛନ୍ତି। ତେଣୁ ସତ କଣ ତାହା ଜାଣିବାର ଅଧିକାର ସମସ୍ତଙ୍କର ରହିଛି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦାବି କରାଯାଇଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏନେଇ ନିଜର କ୍ଷୋଭ ପ୍ରକାଶ କରିବା ସହ ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ଏହା ସହ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକ୍କୁ ବୋଲି ନବୀନ ଦାବି କରିଥିଲେ। ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି। ଯାହା ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଆଦୌ ଭଲ ନୁହେଁ। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି ଯେ ସରକାରୀ ସ୍ତରରେ ଆପୋଷ ଆଲୋଚନାକୁ ଯିବା ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶାର ରାଜନୈତିକ ଦଳ, ସାମାଜିକ ସଂଗଠନ, ନଦୀ ଆନ୍ଦୋଳନ ତଥା ବିଶେଷଜ୍ଞମାନଙ୍କ ସହିତ ପରାମର୍ଶ କରାଯିବା ଜରୁରୀ ଅଟେ। ସରକାର ଏନେଇ ପଦକ୍ଷେପ ନିଅନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି।

## ଉତ୍କଳକୁ ସଂକଟ...

ଗଠନ କରିଛି। ଛାତ୍ରଛାତ୍ରୀ ଅନୁପାତକୁ ନେଇ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ବର୍ଷବର୍ଷ ଧରି ୫୫ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଛି। ଏହାସତ୍ତ୍ୱେ ପଦ ହ୍ରାସ ପାଇଁ ସୁପାରିଶ କରିବାକୁ ଏହି ୪ ଜଣିଆ କମିଟି କିପରି ପ୍ରସ୍ତାବ ଦେଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି କମିଟି ଗୋଟିଏ ପିଜି ବିଭାଗ ପାଇଁ ଜଣେ ପ୍ରାଧ୍ୟାପକ, ୨ଜଣ ସହଯୋଗୀ ପ୍ରାଧ୍ୟାପକ ଓ ୨ଜଣ ସହକାରୀ ପ୍ରାଧ୍ୟାପକ ପଦ ନିୟମ ଲାଗୁ କରୁଛନ୍ତି। ଫଳରେ କୌଣସି ସ୍ପେସିଆଲାଇଜେସନ୍ ପେପର୍ ନେବାର ସୁଯୋଗ ପାଇବେ ନାହିଁ ଛାତ୍ରଛାତ୍ରୀ। ଅନୁରୂପ ଭାବେ ସ୍ନାତକ (ୟୁଜି) ପାଠ୍ୟକ୍ରମ ପଢ଼ାଇବାକୁ କେବଳ ୩ଜଣ ସହକାରୀ ପ୍ରାଧ୍ୟାପକ ରହିବାର ପ୍ରାବଧାନ କରାଯାଉଛି। ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ୪୬ଟି ମଞ୍ଜୁରୀପ୍ରାପ୍ତ ପ୍ରାଧ୍ୟାପକ ପଦ ରହିଛି। ବିଧାନସଭା ତଥ୍ୟ ଅନୁଯାୟୀ, ମାତ୍ର ୧୦ ଜଣ ପ୍ରାଧ୍ୟାପକ କାର୍ଯ୍ୟରତ ଅଛନ୍ତି। ହେଲେ ସଂଗତୀକରଣ ପ୍ରକ୍ରିୟାରେ ପ୍ରାଧ୍ୟାପକ ପଦ ୨୯କୁ କମାଇବା ପାଇଁ ସୁପାରିଶ କରାଯାଇଥିବା ଜଣାପଡ଼ିଛି। ସେହିପରି ୭୫ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରାଧ୍ୟାପକ ପଦ ମଧ୍ୟରୁ ମାତ୍ର ୩୦ଜଣ କାର୍ଯ୍ୟରତ ଅଛନ୍ତି। ଏହି ପଦ ସଂଖ୍ୟା ମଧ୍ୟ ୫୧କୁ କମାଇବାକୁ ପ୍ରସ୍ତାବ ରହିଛି।

ସଂଗତୀକରଣ ପ୍ରକ୍ରିୟା ଛାତ୍ର-ଶିକ୍ଷକ ଅନୁପାତକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ଶିକ୍ଷାବିତ୍ ଡ. ମାନସ ବେହେରା କହିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ସ୍ନାତକରେ ୨୬ ଶହ ନମ୍ବର ବଦଳରେ ୩୬ ଶହ ମାର୍କର ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ସଂଗତୀକରଣ ପ୍ରକ୍ରିୟା ଦ୍ୱାରା ଅଧ୍ୟାପକ ପଦ କମୁଥିବାରୁ ଶିକ୍ଷାର ଗୁଣାତ୍ମକମାନ ହ୍ରାସ ପାଇବ। ଅଧ୍ୟାପକଙ୍କ ଉପରେ କାର୍ଯ୍ୟଭାର ମଧ୍ୟ ବଢ଼ିବ। ଏଣୁ ଛାତ୍ର-ଶିକ୍ଷକଙ୍କ ଅନୁପାତକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ ସଂଗତୀକରଣ ପ୍ରକ୍ରିୟା ନେଇ ବିଶ୍ୱବିଦ୍ୟାଳୟର ପଦ ସଂଖ୍ୟା ବଢ଼ିବା ବା କମିବା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସରକାର ଏନେଇ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅପରପକ୍ଷରେ ନାକ୍ ମାନ୍ୟତା ପାଇବାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମସ୍ୟାର ସମ୍ମୁଖୀନ ହେବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଛାତ୍ର-ଶିକ୍ଷକ ଅନୁପାତ କମିଲେ 'ଏ+' ମାନ୍ୟତା ଆହୁରି ନିମ୍ନଗାମୀ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ତଦନ୍ତ...

ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା ବେଳେ କେତେଜଣ ଆହତ ମଧ୍ୟ ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଉନ୍ନୟନ କମିସନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଉନ୍ନୟନ କମିସନରଙ୍କୁ ସହଯୋଗ କରିବା ପାଇଁ ୪ ଜଣ ଓଏଏସ ଅଧିକାରୀଙ୍କୁ ମଧ୍ୟ କମିଟିରେ ସ୍ଥାନ ମିଳିଥିଲା। ଉନ୍ନୟନ କମିଶନର ନିଜେ ଭୁବନେଶ୍ୱର ଏବଂ ପୁରୀରେ ଶୁଣାଣି କରିବା ସହ ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ମତାମତ ଗ୍ରହଣ କରିଥିଲେ।

## ଆଖୁ ଚାଷର...

ଆଗ୍ରହ ପ୍ରକାଶ କରୁନାହାନ୍ତି। ୨୦୦୦-୦୧ ବର୍ଷ ବେଳକୁ ଓଡ଼ିଶାରେ ଆଖୁଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୩୧ହଜାର ହେକ୍ଟର ଥିଲା। ଏହି ବର୍ଷରେ ୨୧ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ୨୦୧୮-୧୯ ବର୍ଷରେ ଓଡ଼ିଶାରେ ୨୫ହଜାରରୁ ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୮ ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିବା ସ୍ଥଳେ ୨୦୧୯-୨୦ ବର୍ଷରେ ୧୯ହଜାର ହେକ୍ଟରରୁ କମ୍ ଜମିରେ ପ୍ରାୟ ୧୪ଲକ୍ଷ ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଥିଲା। ଗତବର୍ଷ ପାଖାପାଖି ୧୫ ଲକ୍ଷ ହେକ୍ଟର ଚାଷ ଜମିରେ ୧୧ରୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦନ ହୋଇଛି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ବ୍ରିଟିଶ ସରକାର ସମୟରୁ ଆସିକାରେ ଚିନିକଳ ସ୍ଥାପିତ ହୋଇଥିଲା। ଚିନିକଳଗୁଡ଼ିକ ପକ୍ଷରୁ ଚାଷୀମାନଙ୍କୁ ଉନ୍ନତ କିସମର ଆଖୁ ବିହନ ସମେତ ସାର ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଚାଷୀମାନଙ୍କଠାରୁ ଆଖୁ ସଂଗ୍ରହ କରି କାରଖାନାରେ ଚିନି ଉତ୍ପାଦନ କରାଯାଉଥିଲା। ଏଥିଯୋଗୁଁ ଚାଷୀମାନେ ଅଧିକ ଲାଭ ପାଇବା ଆଶାରେ ଆଖୁଚାଷ କରୁଥିଲେ। କିନ୍ତୁ ଚିନିକଳଗୁଡିକ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଯିବା ଫଳରେ ଉତ୍ପାଦିତ ଆଖୁ ବିକ୍ରି ମୁଖ୍ୟ ସମସ୍ୟା ହେଉଛି। ବାରମ୍ବାର କ୍ଷତି ସହିବା ଫଳରେ ଚାଷୀମାନେ ଆଖୁଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ଗାଁ ଗହଳରେ ଆଖୁ ପେଡି ଗୁଡ଼ ଉତ୍ପାଦନ କରି ଚାଷୀମାନେ ବିଶେଷ ଲାଭବାନ ହେଉଥିଲେ। ଚିନିକଳ ସ୍ଥାପନ ପରେ ସମ୍ପୃକ୍ତ ଅଞ୍ଚଳରେ ଗୁଡ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଯିବାରୁ ଏବେ ଗୁଡ ପାଇଁ ବି ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ବିରତି ନେବ...

ସିଧା ପୃଥିବୀ ଉପରେ ପଡ଼ିଥାଏ। ଏଥିପାଇଁ ତାପମାତ୍ରା ବଢ଼ିବା ସହ ମୌସୁମୀ ସମୟରେ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଏହା ବିଜୁଳି ଘଡ଼ିଘଡ଼ି ପାଇଁ ମଧ୍ୟ ସ୍ଥିତି ଅନୁକୂଳ କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଥାଉ କି ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତର ମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜୁଲାଇ ୩୦ ତାରିଖ ସୁଦ୍ଧା ରାଜ୍ୟରେ ୬୧୩.୯ ମିମି ବର୍ଷା ହୋଇ ସାରିଛି। ଯାହାକି ସାରା ରାଜ୍ୟରେ ସ୍ୱାଭାବିକ ବର୍ଷା ୫୫୦.୭ ମିମି ତୁଳନାରେ ୧୧ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ମୌସୁମୀ ବିରତି ଯୋଗୁଁ ଦୁଇ ସପ୍ତାହ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ସାରା ରାଜ୍ୟରେ ଅଗଷ୍ଟରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଅଗଷ୍ଟ ମାସ ପାଇଁ ମୌସୁମୀ ବର୍ଷାଜନିତ ଆକଳନ କରି ଆଇଏମ୍‌ଡି କହିଛି, ରାଜ୍ୟର କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅବଶିଷ୍ଟ ସଅଞ୍ଚଳରେ ଅଗଷ୍ଟ ମାସରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ କମ୍ ରହିବ। ଦୁଇ ତଳେ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକାରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିଲା। ଏହା ପ୍ରଭାବରେ ଗୁରୁବାର ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଶୁକ୍ରବାର ମଧ୍ୟ କେବଳ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମାତ୍ର ଶନିବାରଠାରୁ ବର୍ଷାର ପରିମାଣ ମାତ୍ରାଧିକ ହ୍ରାସ ପାଇବା ସହ ସାରା ଓଡ଼ିଶାରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି।


**AFFIDAVIT**

By the virtue of an affidavit sworn before the Notary Public, Daringibadi, Dated 31.07.2025. I, Radhika Deshmajhi, W/o-Binod Deshmajhi, Address Kalikia, Po: Kasabasa, Ps: Bamunigam, Dist: Kandhamal, State: Odisha-762021 declare that I have changed my minor daughter's name from ANJITA DESHMAJHI to MEGHA DESHMAJHI. Henceforth, She shall be known as **MEGHA DESHMAJHI** for all purposes.

**AFFIDAVIT**

I, Swornabala Jena W/o Samaresh Jena, Resident of Plot No-62, Lal Bahadur Colony, Old Station Square, PO - Budheswari, PS-Laxmisagar, Bhubaneswar, Dist-Khordha, Pin-751006, Odisha declare by this affidavit No.106 dated 30.07.2025 that now onwards I shall be known as **SWORNABALA PRADHAN** for all future purposes.

**AFFIDAVIT**

By virtue of an affidavit No.2094, dtd.28.07.2025 in the court of the Executive Magistrate, Sukinda, Jajpur, I, Jogesh Kumar Majhi, Vill-Kantira, Po- Atta, Ps- Sukinda, Jajpur-755018 have changed my minor son's name from Asian Majhi to **Ashish Kumar Majhi** for all purposes.

**Sd/- Jogesh Kumar Majhi**

**AFFIDAVIT**

By virtue of an affidavit No.2465, dtd.24.06.2025 in the court of the Executive Magistrate, Pipili, Puri, I, Rojalin Rath, Vill-Mahasingpatna, Po-Dandamukundapur, Ps- Pipili, Dist- Puri, Odisha have changed my name from Rosalin Dash (Dob-12.06.1987) to Rojalin Rath (correct Dob-12.06.1988) for all purposes.

**Sd/- Rojalin Rath**

**AFFIDAVIT**

I, Subhashree Das W/o Satyabrata Prusty, Resident of Plot No - 219/9379 , Chakeisihani, PO - Rasulgarh, PS-Mancheswar, Bhubaneswar, Dist - Khordha, Odisha - 751010, declare by this affidavit No.026 dated 06.01.2020 that now onwards I shall be known as **SUBHASHREE PRUSTY** for all future purposes.

**Notice(For Minor)**

By virtue of an affidavit sworn before The Executive Magistrate, Kaptipada, Udala, Mayurbhanj , dated 30-07-2025. I, Malati Tudu, Address At- Debala, Po- Gadigaon, Dist- Mayurbhanj, Pin- 757087 declare that I have changed the name of my Son from Suray Tudu to Mangal Tudu . Henceforth, he shall be known as Mangal Tudu for all purposes.

**Malati Tudu**

**NOTICE**

By virtue of an affidavit sworn before the Notary Public, Cuttack, dated 23.07.2025 I, Maguni Prasad Singh Samanta, resident of At- Kendubilwa, PO-Prataprudrapur, PS- Balianta, Dist- Khordha-752102, Odisha have changed my name from Maguni Pradhan to Maguni Prasad Singh Samanta. Henceforth, I shall be known as **Maguni Prasad Singh Samanta** for all purposes.

**Maguni Prasad Singh Samanta**

**AFFIDAVIT**

I, Swapna Das W/o Saroj Kumar Tarasia, Resident of Plot No 361(P) , Saneigadia, PO-Rasulgarh, PS-Mancheswar, Bhubaneswar, Dist-Khordha, Odisha-751010, declare by this affidavit No.1465 dated 31.07.2025 that now onwards I shall be known as **SWAPNA TARASIA** forall future purposes.

**AFFIDAVIT**

I ALAYANA DURGAMBA, W/o A THIRUPATI, resident of Bharat Nagar Colony 1st lane, Bell Road, Po- P.R.Peta, PS-JEYPORE, Dist- Koraput, Odisha -764003, Odisha declare by this Affidavit No.678, Dated - 31/07/2025, that now onwards I shall be known as A DURGAMBA for all future purpose.

**AFFIDAVIT**

By virtue of an affidavit No.356, dtd.10.07.2025 in the court of Executive Magistrate, Chatrapur, Ganjam, I, Tukuna Nahak have changed my son namely Aswini Kumar Nahak, Date of Birth from 14.09.2007 to 29.10.2008 vide his Birth certificate Regd. No. 236/2012 and Aadhar card no. 349739778541. Henceforth my son's actual and correct date of Birth is 29.10.2008 for all purposes.

**Sd/- Tukuna Nahak**

**AFFIDAVIT**

By virtue of an affidavit sworn before Notary Public Titilagarh, dated 30.07.2025 I, Kuma Bag , Address At-Dhatuk, Po- Barbahal, Ps-Patnagarh, Dist- Balangir, Odisha, Pin- 767027 declare that I have changed my name from Kumbha Bag to Kuma Bag. Henceforth, I shall be known as **Kuma Bag** for all purposes.

**Kuma Bag**

**AFFIDAVIT**

By virtue of an affidavit Sl. No. 558, dtd. 10.07.2025 before the Notary, Bhubaneswar, I Payoja Priyadarsini Resident of At-Sanabankihati, Po-Bilasuni, Ps-Niali, Dist-Cuttack, Pin-754004, Odisha I have changed my name from Payaja Priyadarsini to Payoja Priyadarsini for all purposes.

**Sd/- Payoja Priyadarsini**

**CHANGE OF NAME**

By virtue of an affidavit sworn before Executive Magistrate, Nabarangpur dtd. 30th July 2025, I, N Vijay Nagendra (New Name), permanent resident of Gadabaguda, Nabarangpur, in the district of Nabarangpur, Odisha, Pin-764059, declare that I have changed my name from **Roshit Kumar** (Old Name) to **N Vijay Nagendra** (New Name). Henceforth, I shall be known as **N Vijay Nagendra** (New Name) for all purposes.

**N Vijay Nagendra**

**AFFIDAVIT**

I, Olivia Parida, W/o-Manas Kumar Parida, resident of vill - Baligohiri, PO - Raj Nilgiri, Dist - Balasore, Pin -756040, Odisha, declare by this affidavit No -7354, dated-30/07/2025, that now onwards I shall be known as **OLIVIA MAITY** for all future purposes.

**AFFIDAVIT**

By virtue of an affidavit Sl. No.-2099, dtd.31.07.2025 in the court of the Executive Magistrate, Phulbani, Dist.-Kandhamal, I, Subhalata Kanhar, have changed my name from Subhalaxmi Kanhar to Subhalata Kanhar. Henceforth I shall be known as **Subhalata Kanhar** for all purposes.

**Sd/- Subhalata Kanhar**

**AFFIDAVIT**

I ALAYANA THIRUPATI, S/o ALAYANA ESWAR, resident of Bharat Nagar colony 1st lane, Bell Road, Po- P.R.Peta, PS-JEYPORE, Dt-Koraput, Odisha - 764 003 declare by this Affidavit No.677, Dated - 31/07/2025,that now onwards I shall be known as A THIRUPATI for all future purpose.

**AFFIDAVIT**

By virtue of an affidavit before the Notary Public, dtd-28/07/2025. I **Gumani Sahoo,** aged about 85 years, W/o- Late Rushinath Sahoo, At- Dadhapatna, PO/PS-Barang, Dist- Cuttack, Pin-754005, Odisha have changed my name from **Guna Lata Sahoo** to **Gumani Sahoo.** Henceforth, both the names **Guna Lata Sahoo** and **Gumani Sahoo** is one and same person and I shall be known as **Gumani Sahoo** for all purposes.

**CHANGE OF NAME**

By virtue of an affidavit sworn before The Notary Public, Sunabeda dated 31/07/2025 I, Smt. Jashoda Majhi, W/o Keshaba Majhi, Village - Parata, PO. - Thuba, PS. - Nandapur, District - Koraput declare that I have changed my name from **Yasoda Majhi** to **Jashoda Majhi**. Henceforth, I shall be known as **Jashoda Majhi** for all purposes.

**Jashoda Majhi**

**AFFIDAVIT**

By virtue of an affidavit Sl. No. 547, dtd. 17.03.2025 before the Notary, Bhubaneswar,I Srabana Kumar Naik Resident of At-Ganikumpa, Po-Podasahi, Ps-Banigochha, Dist-Nayagarh, Pin-752089,Odisha I have changed my name from Muna Sahu to Srabana Kumar Naik for all purposes.

**Sd/- Srabana Kumar Naik**

**AFFIDAVIT**

I, Mamata Rani Das, W/o-Snehasis Pattanaik, resident of Flat No. 204/A, Trident Galaxy, kalinga Nagar, Ghatikia, Ps-Chandaka, Bhubaneswar, Pin-751030, Dist-Khordha, Odisha declare by this affidavit No. 499, date- 30/07/2025, that now onwards I shall be known as **MAMATA DAS** for all future purposes.

O-517 Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-03 OF 2025-26 Dates:28.07.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work :Building works in the district of Kalahandi as mentioned in DTCN
2. Total No of Works : 02No.
3.Estimated Cost: :Rs.12.60 lakhs to Rs.13.83 lakhs
4.Period of Completion: : 02 Calendar Month
5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 01.08.2025 At 10.00 AM | 14.08.2025 Up to 5.00 PM | 12.08.2025 Up to 5.00 PM | 16.08.2025 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0025/2526

**LOST**

**I, Sandip Kumar Beura,** S/o.: Sulekha Chandra Beura, Village: Raghunathpur, PO.: RK Patna, P.S.: Patkura, Dist.: Kendrapara, state that the Original Regd. Sale Deed No.: 10931204085 dt.10.1.2025 executed by Balaram Parida in favour of Dhaneswar Behera & original ROR Khata No.: 3537/7925 of Mouza: Samagudia favouring Dhaneswar Behera have been lost/misplaced from my custody and my all attempt to trace/find the same fruitless despite of my best efforts. A Station Diary vide GD No.: 19 dt.2.7.2025 has been made at Kendrapara town police station in this respect on my report. No mortgage/charge/security has been created with any banks/Financial institutions by depositing the said Regd. sale deed & ROR in original for any advance till date. If no objection is received from any concerned within a period of **15 days** from the date of publication of this notice. it will be presumed that the property in question is free from all encumbrances by others.

**(Sri Sandip Kumar Beura)**
**Mob. No.7873759098**

# ବସଷ୍ଟାଣ୍ଡ କାର୍ଯ୍ୟରେ ବିଳମ୍ବ ନେଇ ଅସନ୍ତୋଷ




ସେମିଳିଗୁଡା, ୩୧।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଅତି ପୁରାତନ ପ୍ରାଇଭେଟ୍ ବସଷ୍ଟାଣ୍ଡରେ ଉନ୍ନତି ଦିଗରେ କାମ ଚାଲୁଥିବା ବେଳେ କାମ ଆଗକୁ ବଢ଼ିବାରେ ବିଳମ୍ବ ହେବା ଯୋଗୁଁ ବ୍ୟବସାୟମାନେ ତୀବ୍ର ଅସନ୍ତୁଷ୍ଟ କରିଛନ୍ତି। ପ୍ରକାଶ ଥାଉ କି ବହୁତ୍ ଦିନରୁ ପ୍ରାଇଭେଟ୍ ବସଷ୍ଟାଣ୍ଡ ରାସ୍ତା କଦର୍ଯ ହୋଇ ରହିଥିଲା। ବର୍ଷା ହେଲେ ପାଣି ଜମି ଯାଇ ଯାତାୟତ ପାଇଁ ଅନେକ ସମସ୍ୟା ଦେଖାଯାଉଥିଲା। ଉକ୍ତ ବସ୍ଷ୍ଟାଣ୍ଡ ଉନ୍ନତି ପାଇଁ ଅନେକ ଲୋକ ଦାବି କରିଥିଲେ। ଲୋକଙ୍କ ଦାବି ଅନୁଯାୟୀ ସୁନାବେଢ଼ା ପୌର ପରିଷଦ ପ୍ରାଇଭେଟ୍ ବସଷ୍ଟାଣ୍ଡ ଉନ୍ନତି କରିବା ଡ୍ରେନ ସହ ରାସ୍ତା ଉନ୍ନତିକରଣ ପାଇଁ ୪୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଜୁନ ମାସରେ କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବସଷ୍ଟାଣ୍ଡରେ ପ୍ରଶସ୍ତ ସିମେଣ୍ଟ କଂକ୍ରିଟ୍ ( ଆରସିସି ) ରୋଡ ନିର୍ମାଣ କରାଯିବ ପାଇଁ ଯୋଜନା କରାଯାଇଛି। କାମ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ କାମ ଠିକ୍ ସମୟରେ ହେଉନି। ଦୁଇ ମାସ ହେଲା ପରେ ବି କାମ ଅଳ୍ପ ଦୂରରେ ରହି ଯାଇଛି। ଆଉ ଆଗେଇ ଚାଲିନଥିବା ଦେଖିବାକୁ ମିଳିଛି। ଯାହା ଫଳରେ ବସଷ୍ଟାଣ୍ଡରେ ବିଭିନ୍ନ ବ୍ୟବସାୟୀମାନେ ହତାଶ ହେଉଛନ୍ତି। କାମ ଯୋଗୁଁ ବସଷ୍ଟାଣ୍ଡକୁ ଯାନବାହାନଗୁଡ଼ିକୁ ଆଉ ପ୍ରବେଶ କରିବାକୁ ଅନୁମତି ନାହିଁ। କି ରାସ୍ତା ବି ନାହିଁ। ଫଳସ୍ୱରୂପ ଲୋକେ ସେମାନଙ୍କର ଯାନବାହାନ ବାହାରେ ପାର୍କିଂ କରିପାରୁ ନାହାନ୍ତି କି ଦୋକାନଗୁଡିକୁ ଆସି ପାରୁନାହାନ୍ତି। ମାସ ମାସ ଧରି କାମ ଆଗେଇ ପାରୁ ନଥିବାରୁ ବ୍ୟବସାୟୀମାନେ କ୍ଷତର ସମ୍ମୁଖୀନ ହେଉଛନ୍ତି। କାମ ବିଳମ୍ବ ନେଇ ଶିବ ଶକ୍ତି ବାଣିଜ୍ୟ ସଂଘ କାର୍ଯକାରୀ ସଭାପତି ଏମ.ରମେଶ ନେତୃତ୍ୱରେ ବ୍ୟବସାୟୀମାନେ ଗୁରୁବାର ସକାଳେ ନିଜ ଦୋକାନ ବନ୍ଦ କରି ପ୍ରତିବାଦରେ କରିଥିଲେ। ବସଷ୍ଟାଣ୍ଡ କାମରେ ବିଳମ୍ବ ନକରି କାମ ଶୀଘ୍ର ସାରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ବର୍ଷା ଯୋଗୁଁ କାମ ଆଗେଇ ପାରୁନାହିଁ ବୋଲି ଠିକାଦାର କହିଛନ୍ତି। ପୌର ପରିଷଦ ଏହି ଦିଗରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

**ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଗଲା**

# ୩ ଦିନ ହେଲା ଅନ୍ଧାରରେ ୧୨ ଖଣ୍ଡ ଗାଁ



ପୋଡ଼ାଗଡ଼, ୩୧।୭ (ସମିସ): ଟାଟା ପାୱାର କମ୍ପାନୀ ବିଦ୍ୟୁତ୍ ପ୍ରକଳ୍ପ ନେଲା ଦିନରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ତିନି ଦିନ ହେଲା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି। ୧୨ଖଣ୍ଡ ଗ୍ରାମକୁ ବିଦ୍ୟୁତ୍ ବିତରଣ ବନ୍ଦ ରହିଛି। ଏପରି ଅନ୍ଧାରରେ ଗ୍ରାମବାସୀ ରହିଛନ୍ତି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆର ଶୁଣି ପଞ୍ଚାୟତର ପାଖାପାଖି ୧୨ ଖଣ୍ଡ ଗ୍ରାମବାସୀ ଆଜକୁ ତିନି ଦିନ ହେଲା ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପବନ ସହ ବର୍ଷା ଲାଗି ରହିଛି। ଫଳରେ ଗତ ତିନି ହେଲାଣି ମାଣ୍ଡ୍ରା ଗାଁ ନିକଟ ରାସ୍ତା ପାଶ୍ୱର୍ରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡି ରହିଛି। ବିଦ୍ୟୁତ୍ ଖୁଣ୍ଟ ମରାମତି କରିବା ସହିତ ବିଦ୍ୟୁତ୍ ଆଲୁଅ ଯୋଗାଇ ଦେବାକୁ ଗ୍ରାମବାସୀ ଫୋନ୍ କରି ଟାଟା ପାୱାର କର୍ମଚାରୀ ମାନଙ୍କୁ ଜଣାଇ ଥିଲେ। ହେଲେ ମଧ୍ୟ ଆଜି ଯାଏଁ ବିଭାଗୀୟ କରି ହେଉ ନାହିଁ। ସବୁ ଫୋନ୍ ସୁଇଚ୍ ଅଫ୍ ହୋଇ ଯାଉଛି। କେବଳ ସେତିକି ନୁହେଁ, ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ଏଭଳି ବିଦ୍ୟୁତ୍ ନ ଥିବାରୁ ବହୁତ

## ଟାଟା ପାୱାର କର୍ମଚାରୀଙ୍କ ଦେଖାମିଳୁନି

କର୍ମଚାରୀ ମାନଙ୍କ ଦେଖା ନାହିଁ ବୋଲି ଗାଁର ଡଙ୍ଗରୁ ବିଶୋଇ, ଚନ୍ଦ୍ର ଗଉଡ, କେଦାର ବିଶୋଇ, ସିକେନ୍ଦ୍ର ଗୋଉଡ, ହରିବନ୍ଧୁ ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ଷା ଦିନେ ବିଦ୍ୟୁତ୍ ଆଲୁଅ ଜରୁରୀ ଆବଶ୍ୟକ ରହିଛି। ପଞ୍ଚାୟତରେ ଆଉ ପିଡିଏସ୍ କିରୋସିନି ମିଳୁନାହିଁ। ବର୍ଷା ଯୋଗୁଁ ନିଆଁ ଜାଳିବାରେ ବି ସମସ୍ୟା ହେଉଛି। ଅନ୍ୟ ପଟେ ଅନେକ ଲୋକଙ୍କୁ ଜ୍ୱର, ଝାଡ଼ା ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ରହିଛି। ରାତି ଅଧରେ କାହାକୁ ଡାକ୍ତରଖାନାରେ ନେବାକୁ ହେଲେ ଫୋନ୍ ସମସ୍ୟା ଭୋଗିବାକୁ ପଡୁଛି ବୋଲି ଚିଟିକା ସିଲ୍, ବେନ୍ଦଲା, ମୁଣ୍ଡି ଗୁଡା, ହିରୁ ଗୁଡା, ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟାଟା ପାୱାର କର୍ମଚାରୀମାନଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରିଥିଲୁ। ତାଙ୍କ ଫୋନ୍ ନମ୍ବର ନ ଥିବାରୁ ଯୋଗାଯୋଗ ହୋଇପାରି ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିଦ୍ୟୁତ୍ ଆଲୁଅ ଯୋଗାଇ ଦେବାକୁ ଦାବି ହେଉଛି। ନ ହେଲେ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ 'ଆଶା କିରଣ' ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ




ନବରଙ୍ଗପୁର,୩୧।୭ (ସମିସ): ନବରଙ୍ଗପୁର "ଆଶା କିରଣ' ସ୍ୱତନ୍ତ୍ର ବିଦ୍ୟାଳୟକୁ ନବରଙ୍ଗପୁର ଜିଲ୍ଲାପାଳ ପରିଦର୍ଶନ କରିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରି ପିଲାଙ୍କ ସହିତ ସେମାନଙ୍କ ପାଠ ,ସେମାନଙ୍କ ପୁନଃ ଥଇଥାନ ବିଷୟ ଭଳି ବିଭିନ୍ନ ବିଷୟରେ ପଚାରି ବୁଝି ଥିଲେ । ଏଥି ସହିତ କର୍ମଚାରୀଙ୍କ ରହିଥିବା ସମସ୍ତ ସମସ୍ୟା ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗଙ୍କ ଦୃଷ୍ଟି ଗୋଚରକୁ ନେଇ କମ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଥିଲେ। ଏହି ସମୟରେ ପିଲାଙ୍କ ହଷ୍ଟେଲ , ଶ୍ରେଣୀ ଗୃହ, ବୈଷୟିକ କକ୍ଷ ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ କଥା ବୁଝିଥିଲେ। ପିଲାଙ୍କ ଦ୍ୱାରା ତିଆରି ହୋଇଥିବା ମହମ ବତୀ, ଫିନାଇଲ ଏବଂ କାଗଜ ତିଆରି ଫୁଲ ତୋଡା ଦେଖି ବହୁ ଖୁସି ବ୍ୟକ୍ତ କରିଥିଲେ। ପିଲାଙ୍କ ଦ୍ୱାରା ତିଆରି କାଗଜ ଫୁଲତୋଡ଼ାକୁ ଜିଲ୍ଲାରେ ହେବାକୁ ଥିବ ଅଫିସିଆଲ୍ ପ୍ରୋଗ୍ରାମ ଗୁଡିକରେ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ପିଲାଙ୍କୁ କଦଳୀ, ବିସ୍କୁଟ ଏବଂ ମିଠା ସାଙ୍ଗକୁ ଓଡ଼ିଶା ସରକାର ଙ୍କ ସାମାଜିକ ସୁରକ୍ଷା ବିଭାଗର ଟଙ୍କାରେ ତିଆରି ହୋଇଥିବା ସ୍କୁଲ ଡ୍ରେସ୍ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗରୋଡା ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏ ଧନଞ୍ଜୟ ରାଓଙ୍କ ସମେତ ଆଶା କିରଣର କର୍ମଚାରୀ ସନ୍ଧ୍ୟାରାଣି ବେହେରା, ଶାନ୍ତି ପଣ୍ଡା, ରୀଙ୍କୁରାଜ୍ ବେହେରା, ରଶ୍ମିତା ପ୍ରଧାନ, ପାର୍ବତୀ ଜାନୀ, ଈଶ୍ୱର ବାଞ୍ଚରା ଏବଂ ରଶ୍ମିତ୍ ଧାନଫୁଲ ଉପସ୍ଥିତ ରହିଥିବା ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ସୂଚନା ଦେଇଛନ୍ତି।

# ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ

ମାଲକାନଗିରି, ୩୧।୭ (ସମିସ): ମାଲକାନଗିରି ଜିଲ୍ଲାରେ ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଶକ୍ତି ଅନୁଷ୍ଠାନ ମାଲକାନଗିରି ପକ୍ଷରୁ ଆୟୋଜିତ କରାଯାଇଥିବା ବେଳେ ଏଥିରେ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଦର ମହକୁମାର ବସଷ୍ଟାଣ୍ଡ ପରିସରରେ ଏନେଇ ଲୋକଙ୍କୁ ସଚେତନ କରାଇବା ସହ ଶିଶୁ ଚାଲାଣ ଉପରେ ରୋକ ଲଗାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ କରଯାଇଥିଲା। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଏଏଲଓ ତନ୍ମୟ ମଣ୍ଡଳ, ସିପିଓ ସତ୍ୟ ପଣ୍ଡା, ଡିସିଆରଏ ରୂପେଶ ସାହା, ପିରମାଲ ଫାଉଣ୍ଡେସନର ବିଷ୍ଣୁ ପ୍ରସାଦ ସାହୁ, ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ, ଜିଲ୍ଲା ହବ ମହିଳା ହେଲ୍ପଲାଇନ, ୱାନ୍ଷ୍ଟପ କେନ୍ଦ୍ରର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

# ଆନ୍ଧ୍ର-ଓଡ଼ିଶା ପୁଲିସ ଓ ଅବକାରୀ ଚଢ଼ଉ



ନନ୍ଦପୁର,୩୧।୭ (ସମିସ): ଓଡ଼ିଶା ଆନ୍ଧ୍ର ସୀମାନ୍ତ ନନ୍ଦପୁର ବ୍ଲକ ପାନ୍ଥଲୁଙ୍ଗ ଗ୍ରାମ ପଞ୍ଚାୟତରେ ଓଡ଼ିଶା-ଆନ୍ଧ୍ର ଅବକାରୀ ବିଭାଗ ଓ ପୁଲିସର ମିଳିତ ଅପେରେସନରେ ବିପୁଳ ମାତ୍ରାରେ ଦେଶ ମଦ ଓ ପୋଚ ନଷ୍ଟ କରାଯାଇଥିବା ଜଣାପଡିଛି । ଦୀର୍ଘ ଦିନରୁ ସୀମାନ୍ତ ଅଞ୍ଚଳରେ ଦେଶୀ ରନ୍ଧା ମଦ କାରବାରନେଇଅବକାରୀ ପୁଲିସଧରପକଡ ଆରମ୍ଭ କରିଥିଲେ ସୁଦ୍ଧା ନାକେଦମ୍ କରିଥିଲେ ମଦ ବ୍ୟବସାୟୀ। ତେବେ ବହୁ ଦି ର ବ୍ୟବଧାନ ପରେ ଯୋଜନାବଦ୍ଧ ଭାବେ ଉଭୟ ରାଜ୍ୟ ଅବକାରୀ ବିଭାଗ ଓ ପୁଲିସର ମିଳିତ ଅପରେସନରେ ଗୁରୁବାର ପାନ୍ଥ ଲୁଙ୍ଗ ଗ୍ରାମ ପଞ୍ଚାୟତ ଅଣ୍ଡରଗଡ ଜଙ୍ଗଲରେ ଚାଲିଥିବା ଦେଶୀ ମଦ ଭାଟିକୁ ଭାଙ୍ଗିବା ସହ ୬୪୦୦ ଲିଟର ପୋଚ ଓ ୪୦୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହି ମିଳିତ ଅପରେସନରେ ପଡୋଶୀ ଆନ୍ଧ୍ର ପ୍ରଦେଶ ପାଡେରେ ଅବକାରୀ ବିଭାଗର ଏସ ଏନ ଆଚାରି, ଅନ୍କାପେଲି ଏନ୍ଫୋର୍ସମେଣ୍ଟ ସିଆଇ କେ ରାଜୁ, ପାଡୁଆ ଥାନା ଏଏସ ଆଇ ଶ୍ରୀ ମାଝୀଙ୍କ ସହ ଆଇଆର୍ବି ପୁଲିସ , ନନ୍ଦପୁର ଅବକାରୀ ବିଭାଗର ଓ ଆଇସି ଅଭୟ କୁମାର ନାୟକ, କନେଷ୍ଟବଳ ଦେବେନ୍ଦ୍ର ଖରା, ଗୀତାଞ୍ଜଳି ଦଳପତି, ତ୍ରିଲୋଚନ ସିଂ, ଗଙ୍ଗା ଶଙ୍କର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଘନ ଘନ ବିଦ୍ୟୁତ୍ କାଟ୍, ଗ୍ରାହକ ଅସନ୍ତୋଷ

ସେମିଳିଗୁଡ଼ା,୩୧।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଗତ କିଛି ଦିନ ହେଲା ବିଦ୍ୟୁତ କାଟ୍ ନେଇ ଗ୍ରାହକ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଅସୁବିଧା ଭୋଗୁଥିବା ଗ୍ରାହକ ଅଭିଯୋଗ କରିଛନ୍ତି। ଅଧିକାଂଶ ସମୟରେ କେଉଁ କାରଣରୁ ବିଦ୍ୟୁତ୍ କାଟ୍ ହେଉଛି ତାହା ଜଣାପଡୁନି। ବିନା ସୂଚନାରେ ବିଦ୍ୟୁତ୍ କାଟ୍ କରିବା ଅଭ୍ୟାସ ପାଲଟିଛି। ପ୍ରାୟ ଦୁଇ ତିନି ଘଣ୍ଟା ବିଦ୍ୟୁତ କାଟ୍ ହେଉଛି। ଘଣ୍ଟା ଘଣ୍ଟା ଧରି ଲୋକ ଅନ୍ଧାରରେ ରହୁଥିବାରୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ମଧ୍ୟ ହଇରାଣ ହେଉଛନ୍ତି। ବିଶେଷକରି ସେମିଳିଗୁଡା ମାଇନ୍ ରୋଡରେ ବିଦ୍ୟୁତ୍ କାଟ୍ ଯୋଗୁଁ ଲୋକ ଅଧିକାଂଶ ସମୟରେ ଅନ୍ଧାରରେ ରହୁଛନ୍ତି। ଦିନ ରାତି ବିଦ୍ୟୁତ୍ କାଟ୍ ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ କେବେ ଏପରି ପରିସ୍ଥିତି ନଥିବା ବେଳେ ଟାଟା ପାୱାର୍ ନେବା ପରେ ବିଦ୍ୟୁତ କାଟ୍ ବାରମ୍ବାର ହେଉଛି। ଲୋକେ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ କର୍ମଚାରୀ ତଥା ଅଧିକାରୀଙ୍କୁ ଲୋକେ ପଚାରିଲେ ସେମାନେ ଚିରାଚରିତ ଢଙ୍ଗରେ ସଜଡା ଚାଲିଛି କାମ ସରିଲେ ଲାଇନ୍ ଦିଆଯିବ କହୁଛନ୍ତି। ଅନେକ ସମୟରେ ଫୋନ୍ ସୁଇଚ୍ ଅଫ୍ କରି ଦେଉଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିଭାଗର ଏପରି ମନମୁଖୀ କାର୍ଯ୍ୟକଳାପ ପାଇଁ ଜନ ଅସନ୍ତୋଷ ବଢୁଛି। ଏନେଇ ସୁନାବେଡା ବିଦ୍ୟୁତ ବିଭାଗର ଏସ୍ଡିଓଙ୍କ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**• ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରୟାସ**

# ମୁକୁଳିଲେ ଆଜୀବନ ବନ୍ଦୀ

ନବରଙ୍ଗପୁର,୩୧।୭ (ସମିସ): ଆଜୀବନ ବନ୍ଦୀ ଦୁଲୁ ହରିଜନ (୭୪) ନବରଙ୍ଗପୁର ଉପ କାରାଗାରରେ ଦୀର୍ଘ ୧୮ ବର୍ଷ କାଳ ବନ୍ଦୀ ଭାବରେ ରହିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରୟାସ ଯୋଗୁଁ ସେ ଜେଲ୍ରୁ ମୁକୁଳିଥିବା ଜଣାପଡ଼ିଛି। ନବରଙ୍ଗପୁର ଉପ କାରାଗାର ପରିଦର୍ଶନ ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ନଜରକୁ ଦୁଲୁଙ୍କ ବନ୍ଦୀ ଜୀବନ ଘଟଣା ଆସିଥିଲା। ଏ ସମ୍ପର୍କରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ସହ ଆଲୋଚନା ପରେ ଅଧକ୍ଷ ନିର୍ଦ୍ଦେଶ କ୍ରମେ ଉକ୍ତ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ, ଉପ କାରାଗାର ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ବୈଠକରେ ଦୁଲୁ ହରିଜନଙ୍କୁ ମୁକୁଳାଇବା ପାଇଁ ପତ୍ରାଳାପ କରଯାଇଥିଲା। ଛୟାଳିଶି ତମ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡରେ ଗତ ମେ ୧୭ ତାରିଖ ବୈଠକରେ ବନ୍ଦୀଙ୍କ ସମୟ ପୂର୍ବରୁ ମୁକ୍ତି ନିମନ୍ତେ ଆଲୋଚନା କରଯାଇ ସର୍ବସମତି କ୍ରମେ ଶ୍ରୀ ହରିଜନକୁ ମୁକ୍ତି କରିବା ପାଇଁ ଆଦେଶ ମଞ୍ଜୁର ହୋଇଥିଲା। ଚଳିତ ମାସ ୧୮ ତାରିଖ ଦିନ ସରକାରଙ୍କ ଉପ-ସଚିବ, ଆଇନ ବିଭାଗ, ଓଡିଶା ବନ୍ଦୀ ଭାବେ ଜୀବନ କାଟୁଥିବା ଦୁଲୁ ହରିଜନକୁ ମୁକ୍ତ ନିମନ୍ତେ ଆଦେଶ ପ୍ରଦାନ କରିଥିଲେ। ତଦନୁଯାୟୀ, ଦୁଲୁ ହରିଜନକୁ ତାଙ୍କ ଘରେ ନେଇ ଛଡା ଯାଇଥିଲା । କିନ୍ତୁ ତାଙ୍କ ସମ୍ପର୍କୀୟ ମନା କରିବାରୁ ନିର୍ମଳ ଆକାଶ ବୃଦ୍ଧାଶ୍ରମରେ, ତେନ୍ତୁଳିଖୁଣ୍ଟିରେ ଅସ୍ଥାୟୀ ରୂପେ ଥଇଥାନ କରଯାଇଥିଲା। ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପାରା ଲିଗାଲ ସ୍ୱେଚ୍ଛାସେବୀ ହରେଶ ହରିଜନକୁ ଘର ଲୋକଙ୍କ ସହ ବୁଝାସୁଝା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଲୁ ହରିଜନକୁ ସମ୍ପର୍କୀୟ ପରିବାର ବର୍ଗଙ୍କ ଦାୟିତ୍ୱରେ ଛଡ଼ାଯାଇଥିଲା।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ରାୟଗଡ଼ା,୩୧।୭ (ସମିସ): ରାୟଗଡ଼ା ସହର ଉପକଣ୍ଠ ପିତାମହଲ ସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ ମାନସିକ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ ଚାପ ପରିଚାଳନା ଏବଂ କିଶୋର ମାନସିକ ସ୍ୱାସ୍ଥ୍ୟ ଚାପ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିଶେଷଜ୍ଞ ଡକ୍ଟର ରାକେଶ ରଞ୍ଜନ ପାଢ଼ୀ କିଶୋର ଅବସ୍ଥାରେ ଘଟୁଥିବା ବିଭିନ୍ନ ମାନସିକ ଅବସାଦ, ଅସ୍ଥିରତା, ଚାପ ତଥା ବିଭିନ୍ନ ଅପରାଧ ପ୍ରବଣତା ଉପରେ ବିସ୍ତୃତ ଭାବରେ ମାର୍ଗଦର୍ଶନ ଦେବା ସହ ଏହାର ନିରାକରଣ ପାଇଁ ପରିବାର, ପିତାମାତାଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ଜାତୀୟ ଟୋଲ୍-ଫ୍ରି ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ୍ ନଂ (୧୪୪୧୬) ଟେଲି-ମାନାସ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ସହାୟତା ସେବାର ଉପଲବ୍ଧତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନର୍ସିଂ ବିଭାଗର ଶିକ୍ଷକ ପି.ରବି ତେଜା, ସିନାଲିକା କର, ପ୍ରଣତି ଦାସ ହିମାଂଶୁ ବେହେରା ଏବଂ ଜିଲ୍ଲା ମାନସିକ ପରିଚାଳନା ବିଭାଗ ସଦସ୍ୟ ତଥା ମନୋଚିକିତ୍ସା ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର କଦମ୍ବଳା, ସମ୍ପ୍ରଦାୟ ପର୍ଯ୍ୟବେକ୍ଷକ ସମରଜିତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

# ବର୍ଷାରେ ଧୋଇଗଲା ତିନି ମାସର ରାସ୍ତା



ବେହେଡା, ୩୧।୭ (ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକର ବେହେଡା ପଞ୍ଚାୟତରେ ତିନି ମାସ ପୂର୍ବେ ନିର୍ମାଣ ହୋଇଥିବା ରାସ୍ତା ବର୍ଷାରେ ଧୋଇଯାଇଛି। ରାସ୍ତାର ପିଚୁ ଅଂଶ ଦବିଯାଇ, ଅନେକ ସ୍ଥାନରେ ଫାଟ ହୋଇ ଭାଙ୍ଗିବାକୁ ବସିଛି। ଏହି ଦୃଶ୍ୟ ଦେଖିବାକୁ ପଡ଼ିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ବେହେଡ଼ା ପଞ୍ଚାୟତ ଅନ୍ତର୍ଗତ ସିରାଗୁଡା ଗ୍ରାମରୁ ଡାଇବେଢ଼ା ଗ୍ରାମକୁ ସଂଯୋଗ କରୁଥିବା ପ୍ରାୟ ୩ କିଲୋମିଟର ରାସ୍ତାରେ। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଆରମ୍ଭରୁ ଲାଗି ମାନକ ଓ ଗୁଣବତ୍ତାକୁ ଅଣଦେଖା କରାଯାଇଥିଲା। ଠିକାଦାର ଓ ଜେଇଙ୍କ ମଧ୍ୟରେ ହୋଇଥିବା ଅସାଧୁ ମେଣ୍ଟ ଫଳରେ ରାସ୍ତାଟି ଶୀଘ୍ର ନଷ୍ଟ ହୋଇଯାଇଛି। ମାଟି ଚପିବା ଓ ଫାଉଣ୍ଡେସନ କାମ ସଠିକ୍ ଭାବରେ ହୋଇନଥିବାକୁ ନେଇ ଗ୍ରାମବାସୀ ଆରମ୍ଭରୁ ଅଭିଯୋଗ କରୁଥିଲେ। କିନ୍ତୁ ଠିକାଦାର କର୍ଣ୍ଣପାତ କରିନଥିଲେ। ଏବେ ବର୍ଷା ଋତୁ ଆସିଥିବାରୁ ଗ୍ରାମବାସୀ ମଧ୍ୟରେ ରାସ୍ତାଟି ଆଗାମୀ କିଛି ଦିନରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଏହା ଅଞ୍ଚଳର ଅସୁସ୍ଥ ଲୋକଙ୍କ ଚିକିତ୍ସା, ଛାତ୍ରଛାତ୍ରୀଙ୍କ ଯାତ୍ରା ଓ ଦୈନିକ କାର୍ଯ୍ୟକୁ ପ୍ରଭାବିତ କରିବା ସହ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ପୋଲ ପାଖରେ ନଷ୍ଟ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

# ଚାକିରିରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ନବରଙ୍ଗପୁର ୩୧।୭ (ସମିସ) : ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଓ କର୍ମଚାରୀମାନଙ୍କ ତରଫରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ସଂଗ୍ରାମ କେଶରୀ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ଚନ୍ଦ୍ର ବର୍ମନଙ୍କ ଉପସ୍ଥିତିରେ ହୋଇଥିବା ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଶ୍ରୀ ପ୍ରଧାନଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ପ୍ରୋଭିଜିନାଲ ପେନସନ ପ୍ରଦାନ କରାଯାଇଥିଲା । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି ଜିଲ୍ଲାପାଳ ସମୀର ପାତ୍ର, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ହେମନ୍ତ ସୌରା, ବିନାୟକ ଖାଡ଼ଙ୍ଗା, ଅଶ୍ୱିନ ମାଝୀ, ଶିବ ଶଙ୍କର ପାଢି, ଜିତେନ୍ଦ୍ର ଚୌଧୁରୀ, ବିଜୟ ସାହୁ, ସୁରେଶ ପଟ୍ଟନାୟକ, ଜିତେନ୍ଦ୍ର ଚୌଧୁରୀ, ସତ୍ୟନାରାୟଣ ସାହୁ, ରାମଚନ୍ଦ୍ର ରଘୁ ମଣ୍ଡଳ, ସଞ୍ଜୀବ ପଣ୍ଡା, ଦିବାକର ପଟନାୟକ, ସୁରଚି ବେହେରା, ସୀତାରାମ ବେହେରା, ପ୍ରଣତି ମାଝୀ, କବିତା ବ୍ରହ୍ମା, ଗଗନ ବିଶୋଇ, ହିମାଂଶୁ ଶେଖର ପଟନାୟକ, ହର୍ଷା ଜୈନ, ସଂଯୁକ୍ତା ସାହୁ, ରିନା ପାତ୍ର ପ୍ରମୁଖଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ମରଣଯନ୍ତା ପାଲଟିଛି ଇନ୍ଦ୍ରାବତୀ ରାସ୍ତା**

# ମୁଖ୍ୟ ରାସ୍ତାରେ ୨ଫୁଟ ଗାତ, ଭୁଶୁଡ଼ିଛି ଡ୍ରେନେଜ ବ୍ୟବସ୍ଥା

ତେନ୍ତୁଳିଖୁଣ୍ଟି ୩୧।୭ (ସମିସ ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପୋଡାଗଡ଼ ଛକ ନିକଟରେ ରାସ୍ତା ମଝିରେ ୨ଫୁଟ ଉଚ୍ଚର ଗର୍ତ୍ତ ସୃଷ୍ଟି ହେଲାଣି। ଏହି ରାସ୍ତା ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଲାଣି। ଟେଣ୍ଡର ମାଧ୍ୟମରେ ରାସ୍ତା କାର୍ଯ୍ୟ ଜାରି ରହିଥିଲେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ଧିମେଇ ଚାଲିଛି। ଏହି ମୁଖ୍ୟ ରାସ୍ତା ଦେଇ ବିଭାଗୀୟ ଅଧିକାରୀ ଯାତାୟାତ କରୁଥିଲେ ସୁଦ୍ଧା କାହାର ନଜର ଏଥିପ୍ରତି ପଡୁନଥିବା ଅଭିଯୋଗ ହେଉଛି। ସାମାନ୍ୟ ଅନ୍ୟ ମନସ୍କରେ ଗାଡି ଚାଳନା କଲେ ଏଠାରେ ଦୁର୍ଘଟଣା ହେବା ନେଇ ଆଶଙ୍କା ପ୍ରକାଶ ପାଉଛି। ତେନ୍ତୁଳିଖୁଣ୍ଟି ବ୍ଲକର ମୁଖ୍ୟ ବ୍ୟବସାୟିକ ଦପ୍ତର ହୋଇଥିବା ବେଳେ ଇନ୍ଦ୍ରାବତୀ ମୁଖ୍ୟରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ରାସ୍ତାରେ ଶତାଧିକ କୃତ୍ରିମ ପୋଖରୀ ସଦୃଶ ହେଲାଣି। ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା କାରଣରୁ ବର୍ଷା ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ରାସ୍ତା ଅତ୍ୟଧିକ ନଷ୍ଟ ହେଉଥିବା ନଜର ଆସୁଛି। ରାସ୍ତାରେ ଯାତାୟାତରେ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।



# ଆମ ପୋଲିସ ସମିତି ବୈଠକ

ପଡିଆ, ୩୧।୭ (ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗଠନପଲ୍ଲୀ ଗ୍ରାମରେ ପଡିଆ ପୋଲିସ ପକ୍ଷରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଠନପଲ୍ଲୀ ଗ୍ରାମସ୍ଥିତ ମା ଗୁମ୍ମାମ ଦେବୀଙ୍କ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ କରାଯାଇ ପୋଲିସର ଆଇନ ପରିଚାଳନାରେ ଭୂମିକା, ପୁଲିସ ଓ ଲୋକ ସମ୍ପର୍କ ବାବଦରେ ଆଲୋଚନା କରାଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଡିଏସପି ରାମେଶ୍ୱର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାପନପଲ୍ଲୀ ପଞ୍ଚାୟତର ସମିତି ସଭ୍ୟନନ୍ଦା ମାଡକାମି, ଉଣ୍ଡୁରୁକୋଣ୍ଡା ପଞ୍ଚାୟତର ସମିତି ସଭ୍ୟ ଗାୟତ୍ରୀ ମାଡକାମି ଏସଆଇ ନିରୋଦ କୁମାର ବାଘ, ଏସ୍ଏସଆଇ କେଶବ ଭତ୍ରା ଓ ବରିଷ୍ଠ ଶିକ୍ଷକ ଗଙ୍ଗାଧର ମାଡକାମି ପ୍ରମୂଖ ଉପସ୍ଥିତ ଥିଲେ। ଏହି ବୈଠକରେ ଗଠନପଲ୍ଲୀ, ଡେମଗୁଡା, ରୋଡଗୁଡା ଓ ଇତାଗୁଡା ଗ୍ରାମର ଶହେରୁ ଅଧିକ ଲୋକ ଉପସ୍ଥିତ ଥିଲେ।

# ବାଇକ୍‌କୁ ଧକ୍କା ଦେଲା ବସ୍, ଜଣେ ମୃତ




କୋଷାଗୁମୁଡା,୩୧।୭(ସମିସ): କୋଷାଗୁମୁଡା ଥାନା ଅନ୍ତର୍ଗତ ଉକିଆପାଲି ପଞ୍ଚାୟତର ପନରାଗୁଡା ଓ ବରଗାଁ ମୁଖ୍ୟ ରାସ୍ତା ଶିବ ମନ୍ଦିର ବାଙ୍କରେ ଆଜି ଅପରାହ୍ଣରେ ଛତିଶଗଡ଼ର ଏକ ଘରୋଇ ବସ୍ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି । ପୁଲିସ ବସ୍‌କୁ ଥାନାରେ ଅଟକ ରଖି ତଦନ୍ତ କରୁଛି । ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି । ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୪ଟା ବେଳେ ଛତିଶଗଡ଼ର ଗୁପ୍ତା ବସ ସହ ଏକ ବାଇକ୍ ମୁହାଁମୁହିଁ ହୋଇଥିଲା । ବାଇକ୍ ଚାଳକର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଛତିଶଗଡ଼ ରାଜ୍ୟର ଜଗଦଲପୁର ସ୍ଥିତ ଡିମରିପାଲ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବାଇକ ଚାଳକଙ୍କ ମୃତ ହୋଇଥିବା ଜଣାପଡିଛି । ଏହି ଘଟଣାକୁନେଇ କୋଷାଗୁମୁଡା ଥାନାରେ ଏକ ମାମଲା ୧୪୬/୨୫, ଧାରା ୨୮୧,୧୦୬(୧) ବିଏନ୍‌ଏସରେ ରୁଜୁ କରାଯାଇଥିବା ଥାନା ଏସଆଇ ଲଳିତ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏପଟେ ମୃତ ଯୁବକ ବରଗାଁ ଗ୍ରାମରରାମ କୁମ୍ଭାରଙ୍କ ପୁଅ ସୁନାଧର କୁମ୍ଭାର(୨୦)ବୋଲି ଜଣାପଡିଛି । ମୃତ ଯୁବକର ଶବକୁ ଉକ୍ତ ମେଡିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଥିବା ଜଣାପଡିଛି । ବର୍ତ୍ତମାନ ଉକ୍ତ ଗୁପ୍ତା ବସ୍‌କୁ କୋଷାଗୁମୁଡା ଥାନାରେ ରଖାଯାଇଛି । ଏହି ଦୁର୍ଘଟଣା ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

# ସବୁଜ ଅଡିଟ୍ ଓ ଯୋଜନା କର୍ମଶାଳା

ଜୟପୁର,୩୧।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ନୂତନ କ୍ୟାମ୍ପସ୍‌ରେ ଭୌତିକ ଭିତ୍ତିଭୂମିର ସବୁଜ ଅଡିଟ୍ ଏବଂ ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନ ବିକାଶ ଯୋଜନା ସେଲ୍ ସହିତ ମିଳିତ ଭାବରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ ମିଳିତ ଭାବେ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାୟୀ କ୍ୟାମ୍ପସ ବିକାଶ ଏବଂ ଭିତ୍ତିଭୂମି ଦୂରଦୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପରିଚିତ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭଆ ଭାବେ ଉପ-ନିବନ୍ଧକ ଫ୍ରାନ୍ସିସ୍ ବାର୍ଲା ଯୋଗ ଦେଇଥିଲେ । ଏହି ଅବସରରେ ବୈଷୟିକ ଅଧିବେଶନ ଗୁଡ଼ିକରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା କରାଯାଇଥିଲା । ଆଇଡିପି ସେଲ୍ ସଦସ୍ୟ ଡ. ସାଗରିକା ମିଶ୍ର ପ୍ରଧାନମନ୍ତ୍ରୀ-ଉଷା ପ୍ରକଳ୍ପର ସମୀକ୍ଷା କରିଥିଲେ । ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ସୁଜିତ କୁମାର ଦେହୁରୀ, ନିର କ୍ୟାମ୍ପସ ପାଇଁ ଭୌତିକ ଭିତ୍ତିଭୂମି ଯୋଜନା ଉପରେ ଆଲୋକପାତ କରିଥିଲେ । ରସାୟନ ବିଜ୍ଞାନର ସହକାରୀ ପ୍ରଫେସର ଡ. ବ୍ରଜବନ୍ଧୁ ନନ୍ଦ ପରିବେଶ ସଚେତନ ଯୋଜନା ଏବଂ ପରିବେଶଗତ ପରିଚାଳନା ଉପରେ ଗୁରୁତ୍ୱାରୋପ କରି ସବୁଜ ଅଡିଟ୍ ଉପରେ ବୁଝାଇଥିଲେ । ରସାୟନ ବିଜ୍ଞାନର ଅଧ୍ୟାପିକା ଏମ୍. ମନୀଷା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ, ରସାୟନ ବିଜ୍ଞାନର ସହକାରୀ ପ୍ରଫେସର ଡ. ସ୍ମିତସାଗର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଜାରରେ ଦେଶୀ କାଙ୍କଡ଼ର ଚାହିଦା

ଉମରକୋଟ, ୩୧।୭ (ସମିସ): ମୌସୁମୀ ବର୍ଷା ପରେ ନବରଙ୍ଗପୁର ବଜାରରେ ଦେଖିବାକୁ ମିଳିଥାଏ ଛୋଟ କାଙ୍କଡ ପସରା । ବଜାରରେ ଦୁଇ ପ୍ରକାର କାଙ୍କଡ଼ ମିଳିଥାଏ । ଗୋଟିଏ ହାଇବ୍ରିଡ୍ ଓ ଅନ୍ୟଟି ଦେଶୀ କାଙ୍କଡ଼ । ତେବେ ହାଇବ୍ରିଡ୍ କାଙ୍କଡ ପ୍ରାୟ ସବୁ ସ୍ଥାନରେ ମିଳୁଥିବା ବେଳେ ଦେଶୀ କାଙ୍କଡ



ଉମରକୋଟ ବଜାରରେ ବହୁଳ ପରିମାଣରେ ହିଁ ମିଳିଥାଏ । ହାଇବ୍ରିଡ କାଙ୍କଡ ଅପେକ୍ଷା ଉମରକୋଟ ବଜାରରେ ମିଳୁଥିବା ଦେଶୀ କାଙ୍କଡର ସ୍ୱାଦ ବେଶ ନିଆରା । ଏହାର ଚାହିଦା ମଧ ଅଧିକ ରହିଛି । ହାଇବ୍ରିଡ୍ କାଙ୍କଡ଼ ଅପେକ୍ଷା ଦେଶୀ କାଙ୍କଡର ଦାମ ଅଧିକ । ହାଇବ୍ରିଡ୍ କାଙ୍କଡ କିଲୋ ପ୍ରତି ୬୦ ଟଙ୍କା ଥିବା ବେଳେ ଦେଶୀ କାଙ୍କଡର ମୂଲ୍ୟ ୨୦୦ ଟଙ୍କାରୁ ଅଧିକ । ଦାମ ଅଧିକ ରହୁଥିଲେ ମଧ ଗ୍ରାହକଙ୍କ ପ୍ରଥମ ପସନ୍ଦ ଏହି ଦେଶୀ କାଙ୍କଡ । ଜଙ୍ଗଲ ସହିତ ଅନେକ ଲୋକଙ୍କ ବାଡି ବଗିଚାରେ ଏହି କାଙ୍କଡ ଦେଖିବାକୁ ମିଳିଥାଏ । ପ୍ରତିଦିନ ସ୍ଥାନୀୟ ବଜାର ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏହି କାଙ୍କଡ ରପ୍ତାନୀ ହେଉଛି । ପଡୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ରପ୍ରଦେଶକୁ ମଧ ଏହି କାଙ୍କଡ଼ ବିକ୍ରି ପାଇଁ ପଠାଯାଉଛି । ବର୍ଷା ଦିନରେ ବହୁଳ ଉତ୍ପାଦନ ହେଉଥିବାରୁ ଏହାକୁ ବିକ୍ରି କରି ବେଶ ରଜଗାରକ୍ଷମ ହେଉଛନ୍ତି ଆଦିବାସୀ ବ୍ୟବସାୟୀ । ବର୍ଷକୁ ମାତ୍ର ଦୁଇ ମାସ ମିଳିଥାଏ ଏହି କାଙ୍କଡ଼ । ଏଥିରୁ ପ୍ରଚୁର ପରିମାଣ ଭିଟାମିନ୍ ମିଳିଥାଏ ଓ ଖାଇବାକୁ ସ୍ୱାଦିଷ୍ଟ ହୋଇଥିବାରୁ ଲୋକମାନେ ଏହାକୁ ଆଗ୍ରହର ସହ କିଣିନିଅନ୍ତି ।

## ବୃଦ୍ଧା ଖୋଜୁଛନ୍ତି ଆଶ୍ରୟସ୍ଥଳୀ

ଲକ୍ଷ୍ମୀପୁର,୩୧।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ଅନେକ ବୃଦ୍ଧା ଖୋଜୁଛନ୍ତି ଆଶ୍ରୟ ସ୍ଥଳି । ଅସହାୟ ଅବସ୍ଥାରେ ରହିଛନ୍ତି ଏହି ବୃଦ୍ଧା ମାନେ । ନିଜ ପେଟ ପାଇଁ ମୁଠାଏ ଦାନା ପାଇବାକୁ କରୁଛନ୍ତି ସଂଘର୍ଷ । ସ୍ୱାମୀ ବିନା ସ୍ତ୍ରୀ ଏବଂ ସ୍ତ୍ରୀ ବିନା ସ୍ୱାମୀ କିମ୍ବା ଆଉ କେହି ସନ୍ତାନର ଅଣଦେଖାରେ ବଞ୍ଚିବା ପାଇଁ ଗଣ୍ଡାଏ ଆହାର ଖୋଜୁଛନ୍ତି । ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଅନେକ ବୃଦ୍ଧା ନଜରକୁ ଆସୁଛନ୍ତି ଯେଉଁମାନେ



କି ଅସହାୟ ଅବସ୍ଥାରେ ପଡି ରହୁଛନ୍ତି । ବଞ୍ଚିବାକୁ ଦେହରେ ଶକ୍ତି ନ ଥିଲେ ମଧ ଅନ୍ୟ ଘରେ କାମ କରିବା କିମ୍ବା ହୋଟେଲରେ କାମ କରି ପେଟ ପୋଷୁଛନ୍ତି । ଏଭଳି ବୟସରେ କଷ୍ଟ କରି ଚଳିବା ଅସମ୍ଭବ । ନିଜ ପାଇଁ ଅନ୍ୟର ସାହାଯ୍ୟ ଆବଶ୍ୟକ ହେଉ ଥିବା ବେଳେ ତାକୁ ଖାତିର ନ କରି ଭାତ ମୁଠାଏ ପାଇଁ ପରିଶ୍ରମ କରିବାକୁ ବାଧ ହେଉଛନ୍ତି । ଏହାକୁ ଏଡାଇବାକୁ ହେଲେ ଲକ୍ଷ୍ମୀପୁର ଠାରେ ବୃଦ୍ଧା ମାନଙ୍କ ପାଇଁ ଏକ ଆଶ୍ରୟ ସ୍ଥଳି ନିହାତି ଆବଶ୍ୟକ ରହିଛି । ଆଶ୍ରୟ ସ୍ଥଳି ଯଦି ହୁଏ, ବୃଦ୍ଧବୃଦ୍ଧାମାନେ ଶାନ୍ତିରେ ନିଜର ଅବଶିଷ୍ଟ ଜୀବନକୁ ବିତାଇ ପାରିବେ । ତେଣୁ ଏଥିପ୍ରତି ସରକାର ଦୃଢ଼ତାର ସହିତ ଚିନ୍ତା କରି ଲକ୍ଷ୍ମୀପୁର ଅଞ୍ଚଳରେ ବୃଦ୍ଧା ମାନଙ୍କ ପାଇଁ ଏକ ଆଶ୍ରୟସ୍ଥଳୀ ସ୍ଥାପନ କରିବାକୁ ଦାବି ହେଉଛି । ତୁରନ୍ତ ସରକାର ଏହା ଉପରେ ପଦକ୍ଷେପ ନେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ପୋଡ଼ାଗଡ ହାଟପଦାରେ ପୁଣି ଚୋରି

ପୋଡ଼ାଗଡ଼,୩୧।୭(ସମିସ): କୋରାପୁଟ-ରାୟଗଡ଼ା ଜାତୀୟ ରାଜପଥ ୩୨୬ ନମ୍ବର କଡ଼ର ଦଶମନ୍ତପୁର ବ୍ଲକର ପୋଡ଼ାଗଡ ପଞ୍ଚାୟତ ସଦର ମହକୁମା ସ୍ଥିତ ହାଟପଦା ଠାରେ ପୁଣି ଚୋରି ହୋଇଛି । ଗତ କିଛି ଦିନ ତଳେ ପୋଡ଼ାଗଡ ଲ୍ୟାମ୍ପସ ନିକଟରେ ଦୁର୍ବୃତ୍ତମାନେ ଚୋରିଁ ଉଦ୍ୟମ କରିଥିଲେ । ଜୁଲାଇ ୧୭ ତାରିଖରେ ଏକ କିରାନା ଦୋକାନରେ ଚୋରି ଉଦ୍ୟମ କରି ପୋଲିସ ହାତରେ ଧରା ପଡ଼ିଥିଲେ । କିନ୍ତୁ ସେମାନେ ପୋଡ଼ାଗଡର ଦୋକାନରେ ଚୋରି କରିବାରେ ଅସଫଳ ହୋଇଥିଲେ । ସେମାନେ ସୁନାବେଡ଼ା ଅଞ୍ଚଳରୁ ଜିନିଷ ଚୋରି କରି ଆଣି ପୋଡ଼ାଗଡ ଅଞ୍ଚଳରେ ବିକ୍ରି କରୁଥିଲେ । ଏହି ଅଭିଯୋଗ ନେଇ କୋରାପୁଟ ସଦର ପୋଲିସ ନିଜ ହେପାଜତକୁ ନେଇ ପଚରା ଉଚୁରା ପରେ ପ୍ରମାଣିତ ନହେବାରୁ ସୁନାବେଡ଼ା ଥାନାକୁ ଉକ୍ତ ଅଭିଯୋଗ ହସ୍ତାନ୍ତର କରିଥିଲେ । ସୁନାବେଡ଼ା ପୋଲିସ ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିନ୍ତୁ ଠିକ୍ ୧୫ ଦିନ ପରେ ପୁଣି ପୋଡ଼ାଗଡ ହାଟପଦା ଠାରେ ପୁନର୍ବାର ଗୋଟାଏ

> ➤ ଅପରାଧ ରୋକିପାରୁନି ପୁଲିସ
> ➤ ଥାନା ଘୋଷଣା ଦାବି

ଗ୍ରୋସରୀ ଦୋକାନ ଓ ଗୋଟିଏ ଫାଷ୍ଟଫୁଡ ଦୋକାନ ଚୋରି ହୋଇଥିଲା । ଗତ ବୁଧବାର ପୋଡ଼ାଗଡ ଠାରେ ହାଟ ହୋଇଥିଲା । ଉକ୍ତ ହାଟରେ ଦୋକାନ ବାଲା ଯାହା ବିକ୍ରି କରିଥିଲା, ସେହି ସବୁ ଟଙ୍କା ଦୋକାନରେ ଛାଡି ରାତିରେ ଦୋକାନ ବନ୍ଦ କରି ଘରକୁ ଚାଲି ଯାଇଥିଲା । କିନ୍ତୁ ସକାଳେ ଦୋକାନ ଖୋଲିବାକୁ ଆସିବା ବେଳକୁ ଦୋକାନର ତାଲା ଭାଙ୍ଗି ଥିବଦେଖି ପଡୋଶୀ ଦୋକାନ ମାଲିକଙ୍କ ଜଣାଇଥିଲା । ଦୋକାନ ମାଲିକ ଦେବେନ୍ଦ୍ର ଖୁରା ତୁରନ୍ତ କୋରାପୁଟ ସଦର ପୁଲିସକୁ ଫୋନ ଜରିଆରେ ଜଣାଇ ଥିଲେ । ଖବର ପାଇ ସଦର ପୋଲିସ ଆସି ତଦନ୍ତ କରିଛି । ସେହିପରି ଅନ୍ୟ ଫାଷ୍ଟ ଫୁଡ୍ ଦୋକାନରେ ମଧ ଚୋରି ହୋଇଥିବା ଦେଖାଦେଇଛି । ଦୁଇ ଦୋକାନରୁ ପାଖାପାଖି ନଗଦ ୨୦.୦୦୦ହଜାର ଟଙ୍କା ସହ ଗ୍ରୋସରୀ ଜିନିଷ ଚୋରି ହୋଇଥିବା ଉଭୟ ଦୋକାନୀ କହିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ପ୍ରାୟ ପୋଡ଼ାଗଡ ଅଞ୍ଚଳରେ ଚୋରି ବଢୁଥିବାରୁ ଏହି ଅଞ୍ଚଳରେ ଏକ ଆଉଟ୍ ପୋଲିସ ପୋଷ୍ଟ କରାଗଲେ ଅପରାଧ ରୋକାଯାଇ ପାରିବ । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି ।

# ୬ ମାଓବାଦୀ ଗିରଫ



ମାଲକାନଗିରି, ୩୧।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ୬ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି ଯବାନ । ସୂଚନା ଅନୁଯାୟୀ ଛତିଶଗଡର ବିଜାପୁର ଜିଲ୍ଲାର ବାସାଗୁଡ଼ା ଥାନା ଅଞ୍ଚଳର ମାଲେପାଲି ଜଙ୍ଗଲରେ ଡିଆରଜି ଏବଂ କୋବ୍ରା-୨୧୦ର ଯବାନ ମିଳିତ ତଲାସି ଅଭିଯାନ ବେଳେ ଦୁଇ ମହିଳା ନକ୍ସଲ ସମେତ ଛଅ ଜଣ ସକ୍ରିୟ ମାଓବାଦୀଙ୍କୁ ଗିରଫ କରିଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ମୁଣ୍ଡରେ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା ଥିଲା । ଗିରଫ ମାଓବାଦୀଙ୍କ ନିକଟରୁ ଟିଫିନ୍ ବୋମା, ଡେଟୋନେଟର, କର୍ଡେକ୍ସ ତାର, ବିଦ୍ୟୁତ୍ ଫ୍ୟୁଜ୍ ତାର, ମାଟି ଖୋଳିବା ଉପକରଣ ଏବଂ ମାଓ ସହିଦ ସପ୍ତାହ ସହିତ ଜଡିତ ପ୍ରଚାର ସାମଗ୍ରୀ ମଧ ଜବତ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ବାସାଗୁଡ଼ା ଥାନାରେ ବିସ୍ଫୋରକ ଆଇନର ବିଭିନ୍ନ ଧାରା ଅନୁଯାୟୀ ଏକ ଅପରାଧିକ ମାମଲା ରୁଜୁ କରାଯାଇଛି । ସମସ୍ତଙ୍କୁ ବିଚାର ବିଭାଗୀୟ ରିମାଣ୍ଡରେ ବିଜାପୁର କୋର୍ଟରେ ହାଜର କରାଯାଇଛି ।

# ମିଟ୍‌ସ ରାୟଗଡ଼ାର ହୀରକ ଜୟନ୍ତୀ



ରାୟଗଡ଼ା,୩୧।୭(ସମିସ): ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ, ରାୟଗଡା ଆନୁକୂଲ୍ୟରେ ଆଜି ୩୧ ଜୁଲାଇ ୨୦୨୫ରେ "ମିଟ୍‌ସ ଷ୍ଟାର୍ ଡେ' (ଆଗାମୀ ଭବିଷ୍ୟତ ଚିହ୍ନଟ) ହୀରକ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ହୀରକ ଜୟନ୍ତୀ ଅବସରରେ ଯୁବପିଢିଙ୍କ ମଧ୍ୟରେ ଶ୍ରେଷ୍ଠ ଓ ଉଦୀୟମାନ ପ୍ରତିଭାକୁ ଆଗକୁ ଗଢି ତୋଳିବାର ଏକ ପ୍ରେରଣା ଯୋଗାଇଦେବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ରାୟଗଡ଼ ଜିଲ୍ଲାର ଦଶମ, ଏକାଦଶ, ଦ୍ୱାଦଶ ଶ୍ରେଣୀର ଶ୍ରେଷ୍ଠ କୃତି ଛାତ୍ରଛାତ୍ରୀ ଏବଂ ମିଟ୍‌ସ ଗ୍ରୁପ୍‌ର ଆଇଟିଆଇ, ଡିପ୍ଲୋମା, ୟୁଜି, ପିଜି, କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ବାଳକୃଷ୍ଣ ପଣ୍ଡା ନିଜ ଜୀବନର ଅନୁଭୂତି, ଅନୁଷ୍ଠାନର ପ୍ରତିଷ୍ଠା ଓ ଗୌରବମୟ ଇତିହାସ, ଏଥି ସହିତ ଅନୁଷ୍ଠାନର ଆଗାମୀ ଉତ୍ତରୋତ୍ତର ଉନ୍ନତି ବିଷୟରେ ଆଲୋକପାତ କରିଥିଲେ । ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଶ୍ରଦ୍ଧା, ବିଶ୍ୱାସ ଏବଂ ଧୈର୍ଯ୍ୟର ସହ ନିରନ୍ତର ଅଧ୍ୟୟନ ପାଇଁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ, ଇଂ. ଶ୍ରୀରାମ ପଣ୍ଡା (ମୂଖ୍ୟ କାର୍ଯ୍ୟନିବାହୀ ଅଧିକାରୀ), ବିଶ୍ୱଜିତ ପଣ୍ଡା (ଉପାଧ୍ୟକ୍ଷ), ଡଃ. ସି.ଭି. ଗୋପୀନାଥ (ନିର୍ଦ୍ଦେଶକ-ଏମ୍‌ଆଇଟିଏସ୍), ଡଃ.ଶାନ୍ତନୁ ମହାନ୍ତି (ଡିନ୍-ଏମ୍.ଆଇ.ପି.ଏସ୍.) ଏବଂ ପ୍ରଫେସର ରାମାନୁଜ ନାୟକ (ପ୍ରିନ୍ସିପାଲ୍) ପ୍ରମୁଖ ଉପସ୍ଥିତ "ରହି ସଭା ବର୍ଦ୍ଧନ କରିଥିଲେ । ମିଟ୍‌ସ କଲେଜର ଛାତ୍ରଛାତ୍ରୀଙ୍କର କଳା ଓ ନୃତ୍ୟ ପରିବେଷଣ ବେଶ ମନମୁଗ୍ଧକର ହୋଇଥିଲା । ଏହି ହୀରକ ଜୟନ୍ତୀକୁ ସୁଖଦପୂର୍ଣ୍ଣ ରୂପେ ଗଢି ତୋଳିବାରେ ପ୍ରଫେସର ସଜ୍ଞା ସ୍ୱାଇଁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କର ଯୋଗଦାନ ଅତୁଳନୀୟ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ- ଆଗାମୀ ପିଢି ପାଇଁ ମିଟ୍‌ସର ଅବଦାନ ନିରନ୍ତର ବଜାୟ ରହିବ ବୋଲି ଅଧ୍ୟକ୍ଷ ଶ୍ରୀ ପଣ୍ଡା କହିଛନ୍ତି ।

## ୟୁଏଏସ୍ ଲାଗୁ ପ୍ରତିବାଦରେ ଶିକ୍ଷକଙ୍କ ବିରୋଧ



ରାୟଗଡା,୩୧।୭(ସମିସ): ରାୟଗଡା ଜିଲ୍ଲା ମିଳିତ ଶିକ୍ଷକ ସଂଘ ତରଫରୁ ୟୁନିଫାଏଡ ଅଟୋମେସନ ସିଷ୍ଟମକୁ ବିରୋଧ କରି ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଗୁରବାର ଦାବିପତ୍ର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ, ଓଡିଶା, ମାନ୍ୟବର ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ଶଚିବଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଓ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ ଏହି ଦାବିପତ୍ର ଗ୍ରହଣ କରିଥିଲେ । ବିଦ୍ୟାଳୟର ମୌଳିକ ଆବଶ୍ୟକତା ଓ ଦାବି ପୂରଣ ନହେବା ଯାଏଁ ୟୁ ଏ ଏସ୍‌କୁ ପ୍ରତ୍ୟାଖ୍ୟାନ କରିଥିବା ଦାବିପତ୍ରରେ ଉଲ୍ଲେଖ ଅଛି । ଶ୍ରେଣୀ ୱାରୀ ଶ୍ରେଣୀଗୃହ ଓ ଶିକ୍ଷକ ନିଯୁକ୍ତି, ପ୍ରତି ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଣ, ଡାଟା ନେଟୱାର୍କ ନିମନ୍ତେ ଅନୁଦାନ, ଗଣପୋଷାକ ଭତ୍ତା, ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦରମାରେ ଥିବା ତାରତମ୍ୟ ଦୂରୀକରଣ, ପ୍ରତି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଆଦି ମୌଳିକ ଦାବି ଦିଗରେ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରାଯାଇଛି । ଏଥିରେ ଏୟୁପିଟିଏଫ, ନୂତନ ପେନସନ, ଏକ୍ସ କ୍ୟାଡର, କନିଷ୍ଠ ଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକ ଆଦି ସମସ୍ତ ବର୍ଗର ଶିକ୍ଷକ ସଂଘ ସାମିଲ ଥିଲେ । ମଙ୍ଗଳବାର ଦିନ ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ ସଂପୃକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ସରକାର ବିହିତ ପଦକ୍ଷେପ ନନେଲେ ଏହା ରାଜ୍ୟ ସ୍ତରରେ ବିରାଟ ଆନ୍ଦୋଳନର ରୂପ ନେବ ବୋଲି ସମସ୍ତ ଶିକ୍ଷକ ସଂଘ ନେତୃବୃନ୍ଦ ପ୍ରକାଶ କରିଛନ୍ତି ।

# ୟୁଏଏସ୍‌କୁ ସ୍ଥଗିତ ପାଇଁ ଶିକ୍ଷକ ସଂଘର ଦାବି



ବୈପାରୀଗୁଡ଼ା, ୩୧।୭(ସମିସ) ଶିକ୍ଷା ବିଭଗର ନୂଆ ନିୟମ ୟୁନିଫାଇଡ ଅଟୋମେସିନ ସିଷ୍ଟମ (ୟୁଏଏସ) କୁ ସ୍ଥଗିତ ରଖିବା ଉଦ୍ଦେଶ୍ୟରେ ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି । ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ସ୍ଥାନୀୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆସି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲେଖ ଅଛି ଯେ, ରାଜ୍ୟରେ ପ୍ରାୟ ସମସ୍ତ ବିଦ୍ୟାଳୟରେ ଭିତିଭୂମି, ଆବଶ୍ୟକ ଶିକ୍ଷକ, ଶ୍ରେଣୀଗୃହ, ପୁଣି ଚଳିତ ବର୍ଷ ବାଲବାଟିକା ଖୋଲିବା ଏବଂ ଉପାନ୍ତ ଅଞ୍ଚଳରେ ନେଟୱାର୍କ ଭଳି ଅନେକ ସମସ୍ୟା ରହିଛି । ଯେଉଁଦିନ ପର୍ଯ୍ୟନ୍ତ ଏହି ସମସ୍ୟା ସମାଧାନ ନହୁଏ , ସେ ପର୍ଯ୍ୟନ୍ତ ୟୁଏଏସକୁ ସ୍ଥଗିତ ରଖିବା ପାଇଁ ଦାବୀ କରାଯାଇଛି । ଏଥିରେ ସଙ୍ଘର ସମ୍ପାଦକ ଦେବୀ ପ୍ରସାଦ ମହାନ୍ତି, ପୂର୍ବତନ ସଭାପତି ଚିତାରାମ ବାରକ, ଉପଦେଷ୍ଟା ସୁରେଶ ଦାସ, ଏକ୍ସ କ୍ୟାଡର ସଭାପତି ବିରେନ ଧଳ, ଶିକ୍ଷୟତ୍ରୀ ରଶ୍ମି ରେଖା ଖିଲାଡୀ, ଶିକ୍ଷକ ସୁରେଶ ପାତ୍ରଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା କାଲି ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ରହିଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ



ନବରଙ୍ଗପୁର, ୩୧।୭ (ସମିସ): ଜିଲ୍ଲା ସଦର ମହକୁମା ନବରଙ୍ଗପୁରଠାରେ ଆସନ୍ତା ସ୍ୱାଧୀନତା ଦିବସ -୨୦୨୫ ପାଳନ ଉପଲକ୍ଷେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ୍ ବର୍ମନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ନବରଙ୍ଗପୁର ବିଧାୟକ ପ୍ରତିନିଧି ଏ ସୁରେଶଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ଶିକ୍ଷାନଷ୍ଠାନର କର୍ମକର୍ତ୍ତା, ଦିବସ ପାଳନ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ,ସହରର ବୁଦ୍ଧିଜୀବୀ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଦିବସ ପାଳନର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ । ସ୍ୱାଧୀନତା ଦିବସ ଦିନ ସକାଳ ୪.୩୦ ମି ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ୍ ପରିବେଷଣ, ସକାଳ ୭.୦୦ ମି ସମୟରେ ସହର ସ୍ଥିତ ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା, ସକାଳ ୭.୩୦ ମି. ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ଷ୍ଟାଡିୟମ ଠାରେ ସକାଳ ୦୯.୧୫ ମି. ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ଅଭିବାଦନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ବିଭିନ୍ନ ସ୍କୁଲ୍ କଲେଜ୍‌ରୁ ୨୭ ଟି ପ୍ଲାଟୁନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ୟାରେଡ୍ ଅଭ୍ୟାସ ପାଇଁ ପ୍ରତ୍ୟେକ ପ୍ଲାଟୁନ୍ ନବରଙ୍ଗପୁର ଷ୍ଟାଡିୟମରେ ଉପସ୍ଥିତ ରହି ପ୍ୟାରେଡ ଅଭ୍ୟାସ କରିବେ । ଏଥିସହ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ ଅନୁଷ୍ଠାନ ନିଜ ନିଜର ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ କହିବା ସହ ସ୍ୱାଧୀନତା ଦିବସକୁ ଶାନ୍ତି ଶୃଙ୍ଖଳା ସହ ମହା ସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶେଷରେ ଡିଆଇପିଆର୍‌ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଶିଷକୁଡ଼ ଗ୍ରାମବାସୀଙ୍କ ଦୁଃଖ ଅନ୍ଧାରୀ ନଦୀ

# ଛାତ୍ରଛାତ୍ରୀଙ୍କୁ କାନ୍ଧରେ ବୋହି ନଦୀ ପାର୍ କରୁଛନ୍ତି ଅଭିଭାବକ



ପୋଡ଼ାଗଡ଼,୩୧।୭(ସମିସ): ପାଦେ ପାଦେ ବିପଦ । ବର୍ଷା ଆସିଲେ ବାଜିରେ ଲାଗୁଛି ଜୀବନ । ଲଗାଣ ବର୍ଷାରେ ସ୍ଥିତି ବେହାଲ । ଜଳବନ୍ଦୀ ଜୀବନ ବିତାଉଛନ୍ତି ଗ୍ରାମବାସୀ । କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ଅଧିନସ୍ଥ ଶିଷକୁଡି ଗ୍ରାମବାସୀଙ୍କ ପାଇଁ ବାଧକ ସାଜିଛି ଅନ୍ଧାରୀ ନଦୀ । ସ୍ଥାୟୀ ପୋଲ ନ ଥିବାରୁ ଜୀବନକୁ ବାଜି ଲଗାଇ ଯିବା ଆସିବା କରୁଛନ୍ତି ଗାଁ ଲୋକେ । ଲଗାଣ ବର୍ଷାରେ ଗାଁ ଦାଣ୍ଡରେ ଅନ୍ଧାରୀ ନଦୀରେ ବଢ଼ିଛି ଜଳସ୍ତର । ବର୍ଷା ଆସିଲେ ଦୀର୍ଘ ଦିନ ଜଳବନ୍ଦୀ ଜୀବନ ବିତାଉଛନ୍ତି ଗ୍ରାମବାସୀ । ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଯିବାକୁ ହେଲେ ଅଭିଭାବକ ମାନେ କାନ୍ଧରେ ବୋହି ଭରା ନଦୀ ପାର କରୁଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଗ୍ରାମବାସୀ ଜୀବନଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ଯୋଗୁଁ ଆଜି ଭରା ନଦୀ ପାର ହୋଇ ଜୀବନକୁ ବିପଦରେ ପକାଇ ଜାଳେଣି ସଂଗ୍ରହ ପାଇଁ ଯାଉଥିବା କହିଛନ୍ତି । ଗ୍ରାମର ୪୫ ପରିବାର ଜନସଂଖ୍ୟା ୨୮୦ରୁ ଅଧିକ । ଅନ୍ଧାରୀ ନଦୀ ଉପରେ ସ୍ଥାୟୀ ପୋଲ ନଥିବାରୁ ପ୍ରତିବର୍ଷ ଏଭଳି ସ୍ଥିତି ଦେଇ ଗତି କରୁଥିବା ଗ୍ରାମବାସୀ କହିଛନ୍ତି । ପ୍ରତିବର୍ଷ ଗ୍ରାମବାସୀ ବର୍ଷା ଦିନରେ ଜଳବନ୍ଦୀ ହୋଇ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଥିବା କହିଛନ୍ତି । ଗ୍ରାମବାସୀ କହିବା ଅନୁସାରେ ସ୍ୱାଧୀନତାର ସାତ ଦଶନ୍ଧି ହେଲାଣି ଏହି ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ କରିବା ଲାଗି ଦାବି କରି ଆସୁଛନ୍ତି । ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରାଯାଇଛି । କିନ୍ତୁ କୌଣସି ସୁଫଳ ମିଳୁନାହିଁ । ଗୁହାରି କରି କରି ହତାଶ ହୋଇ ଗଲେଣି । ପ୍ରଶାସନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସରକାର ପରେ ସରକାର ବଦଳୁଛି । ହେଲେ ଗାଁର ଛୋଟିଆ ପୋଲ ଟିଏ ନିର୍ମାଣ ହୋଇ ପାରୁନାହିଁ । ଯାହା ଫଳରେ କୌଣସି ବିକଳ୍ପ ନ ପାଇ ବାଧ ହୋଇ ଜୀବନକୁ ବାଜି ଲଗାଇ ବର୍ଷା ଦିନେ ଯାତାୟାତ କରିବାକୁ ପଡୁଛି ବୋଲି ଗ୍ରାମର ସେବତୀ ପାଇକ, ମଇନା ନାୟକ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଗାଁରେ ଯଦି କାହାର ଦେହ ଅସୁସ୍ଥ ହୁଏ, ତାହେଲେ ନଦୀ ପାର କରିବା କଷ୍ଟସାଧ । ତେଣୁ ନିଜ ଜୀବନ ବାଜିରେ ଲଗାଇ ଭରା ନଦୀ ପାର ହୋଇ ଔଷଧ ପାଇଁ ଆଶା ଦିଦି ଯାଆନ୍ତି ବୋଲି ଗ୍ରାମବାସୀ କହି ଛନ୍ତି ।

# ତନ୍ତ୍ର ସାଧନାରୁ ଗୋଷ୍ଠୀ ସଂଘର୍ଷ; ୬ ଆହତ

**ଡେଲାଙ୍ଗ/ସାକ୍ଷୀଗୋପାଳ, ୩୧।୭ (ସମିସ):** ଡେଲାଙ୍ଗ ବ୍ଲକ୍ ଅଧୀନ ଧାନକେରା ପଞ୍ଚାୟତର ନଳୀବସନ୍ତ ଗ୍ରାମରେ ତନ୍ତ୍ର ସାଧନାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ପରସ୍ପର ମଧ୍ୟରେ ମାରପିଟ୍ ଓ ଖଣ୍ଡାରେ ଆକ୍ରମଣ ଯୋଗୁଁ ଏଥିରେ ଉଭୟ ପକ୍ଷରୁ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ରଜନୀ ସ୍ୱାଇଁ (୫୨), ଜୀବନ ସ୍ୱାଇଁ (୨୮), ବିଷ୍ଣୁପ୍ରିୟା ସ୍ୱାଇଁ (୩୦), ଟୁନି ସ୍ୱାଇଁ(୫୨), ଚନ୍ଦନ ସ୍ୱାଇଁ (୨୮) ଓ ବାସନ୍ତୀ ସ୍ୱାଇଁ (୩୦)। ଆହତମାନଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ରଜନୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁରୀ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏନେଇ ଉଭୟ ପକ୍ଷରୁ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ଜୀବନଙ୍କ କହିବା ମୁତାବକ, ଟୁନୀଙ୍କ ପରିବାରରେ ଗତ କିଛି ଦିନ ହେବ ଆଶ୍ରୟ ନେଇ ରହୁଥିବା ଜନୈକ ବ୍ୟକ୍ତି ନାରୀରୂପ ଧାରଣ କରି ଘରେ ତନ୍ତ୍ରସାଧନା କରୁଥିଲେ। ବିଳମ୍ବିତ ରାତିରେ ପୂଜାର୍ଚ୍ଚନା କରିବା ଓ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଲୋକେ ତାଙ୍କ ଘରକୁ ଯା'ଆସା କରିବା ଘଟଣାକୁ ରଜନୀଙ୍କ ପରିବାରଲୋକେ ବିରୋଧ କରିଆସୁଥିଲେ। ତେବେ ବିଭିନ୍ନ ରୋଗବ୍ୟାଧି ଭଲ କରାଇଦେବା, ସନ୍ତାନପ୍ରାପ୍ତି କରାଇଦେବା, ବାହାଘର କରାଇଦେବା, ଚାକିରି କରାଇଦେବା ଆଦି ବିଭିନ୍ନ ଆଳ ଦେଖାଉଥିବାରୁ ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ଜନୈକ ବ୍ୟକ୍ତିଙ୍କ ଖ୍ୟାତି ବଢ଼ିବା ସହିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଘଟଣାକୁ ବାରମ୍ବାର ବିରୋଧ କରୁଥିବାରୁ ଟୁନୀଙ୍କ ପରିବାର ଓ ରଜନୀଙ୍କ ପରିବାର ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହୁଥିବା ବେଳେ ଗତ ବୁଧବାର ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଜନୈକ ବ୍ୟକ୍ତି ତନ୍ତ୍ରସାଧିକା ଜଣକ ବୋଉ ଓ ବିବାହିତା ଭଉଣୀକୁ ଆକ୍ରମଣ କରିଥିବା ଓ ବିରୋଧ କରିବାରୁ ଜୀବନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସେ ଭିଡିଓ ମାଧ୍ୟମରେ କହିଛନ୍ତି। ଏହି ଭିଡିଓ ଜରିଆରେ ନ୍ୟାୟଭିକ୍ଷା କରି ପୁଲିସକୁ ସଠିକ୍ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

**ବଲଙ୍ଗା ନାବାଳିକା ପୋଡ଼ି ଘଟଣା**

# ପରିବାର ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ବଲଙ୍ଗା, ୩୧।୭ (ସମିସ):** ବଲଙ୍ଗା ନାବାଳିକା ପୋଡ଼ି ଘଟଣାରେ ପୀଡ଼ିତାଙ୍କ ସୁସ୍ଥ ମାନସିକତା ଓ ସମ୍ପୂର୍ଣ୍ଣ ସହମତିରେ ବୟାନ ରେକର୍ଡ କରିଛି ପୁଲିସ। ବଲଙ୍ଗା ନାବାଳିକା ପୋଡ଼ି ଘଟଣାରେ ପୁଣି ଗୁରୁବାର ଦିଲ୍ଲୀ ଏମ୍ସରେ ବଲଙ୍ଗା ଥାନା ଅଧିକାରୀ, ପୁରୀ ହେଡ୍ କ୍ୱାର୍ଟର ମହିଳା ଡିଏସ୍‌ପି ଓ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାଙ୍କର ୪ର୍ଥ ଥର ବୟାନ ରେକର୍ଡ କରାଯାଇଛି। ବୟାନ ରେକର୍ଡ ସମୟରେ ପୀଡ଼ିତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଶେଷଥର ବୟାନ ରେକର୍ଡ ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇଛନ୍ତି ପୀଡ଼ିତା। ବୟାନ ରେକର୍ଡ ପରେ ଏମ୍ସ ନିକଟରେ ଥିବା କୋର୍ଟକୁ ଗଲେ ବୟାନ ରେକର୍ଡ କରୁଥିବା ଅଧିକାରୀ। ପୀଡ଼ିତାଙ୍କ ବୟାନ ରେକର୍ଡ କରି ସନ୍ଧ୍ୟା ସୁଦ୍ଧା ଫେରିବେ ଦିଲ୍ଲୀ ଏମ୍ସରୁ ବଲଙ୍ଗା ପୁଲିସ।

# ମାଓ ଅପରେସନ୍‌ରେ ବର୍ଷା ବାଧକ

**ଭୁବନେଶ୍ୱର,୩୧।୭(ସମିସ):** ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓ କାର୍ଯ୍ୟାକଳାପ ବିଲୋପ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ହେଲେ ଏବେ ଓଡ଼ିଶାରେ ମାଓ ଅପରେସନ୍‌ରେ ବାଧକ ସାଜିଛି ବର୍ଷା ଋତୁ। କାରଣ ବର୍ଷା ପାଇଁ ସୁରକ୍ଷାବାହିନୀ ଘଞ୍ଚ ଜଙ୍ଗଲ ଭିତରକୁ ଯାଇ ଅପରେସନ୍ କରିପାରୁ ନାହାନ୍ତି। ବର୍ଷା ହେବାଦ୍ୱାରା ସେମାନେ ଓଦା ହୋଇ ଦୀର୍ଘ ସମୟ ଜଙ୍ଗଲ ଭିତରେ ଅପରେସନ୍ କରିବା ସମ୍ଭବ ହେଉନାହିଁ। ପୂର୍ବରୁ ଯବାନମାନେ ଅପରେସନ୍ ପାଇଁ ଜଙ୍ଗଲ ଭିତରକୁ ଗଲେ ୬ରୁ ୭ ଦିନ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ୍ କରି ଫେରୁଥିଲେ। ହେଲେ ଏବେ ବର୍ଷା ଋତୁରେ ଜଙ୍ଗଲ ଭିତରେ ୨ଦିନ ସର୍ଚ୍ଚ ଅପରେସନ୍ କରି ଫେରି ଆସୁଛନ୍ତି। କାରଣ ଓଦା ପୋଷାକରେ କାନ୍ଧରେ ବ୍ୟାଗ୍ ପକାଇ ଯିବାରେ ସମସ୍ୟା ହେଉଛି। ଆହୁରି ମଧ୍ୟ ନିମୋନିଆ ହେବାର ଆଶଙ୍କା ରହିଥିବାରୁ ସୁରକ୍ଷାବାହିନୀ ୨ଦିନ ଜଙ୍ଗଲ ଭିତରେ ରହି ପଳାଇ ଆସୁଛନ୍ତି। ବର୍ଷା ପାଇଁ ଭରା ନଦୀରେ ପଶି ଯିବାରେ ସମସ୍ୟା ହେଉଛି। ସବୁ ସ୍ଥାନକୁ ଯିବା ପାଇଁ ବୋଟ୍‌ର ବ୍ୟବସ୍ଥା ନ ଥିବାରୁ ଯାଇ ହେଉନାହିଁ। ଆହୁରି ମଧ୍ୟ ଜଙ୍ଗଲ ଭିତରେ ଗଛ ବଢ଼ି ଯାଇଥିବାରୁ ଭିତରକୁ ପ୍ରବେଶ କରିବାରେ ମଧ୍ୟ ସମସ୍ୟା ହେଉଛି। ବଡ଼ କଥା ହେଲା, ବର୍ଷା ଦିନରେ ଜଙ୍ଗଲ ଭିତରେ ତମ୍ବୁ କରି ରହିବାରେ ମଧ୍ୟ ସମସ୍ୟା ହେଉଛି। କାରଣ ବର୍ଷାରେ ଅନେକ ସରୀସୃପ ତମ୍ବୁ ଭିତରକୁ ପଶି ଯାଉଥିବାରୁ ଜୀବନ ପ୍ରତି ବିପଦ ରହିଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଯେଉଁ ଇଲାକାରେ ମାଓବାଦୀ ସକ୍ରିୟ ନେଇ ସୂଚନା ଆସୁଛି, ସେଠାକୁ ସୁରକ୍ଷାକର୍ମୀ ଯାଇ ଅପରେସନ୍ କରୁଛନ୍ତି, ନ ହେଲେ ଏବେ ଜଙ୍ଗଲ ଭିତରେ ସବୁଜାଗାରେ ସର୍ଚ୍ଚ ଅପରେସନ୍ କରିବା କଷ୍ଟକର ହୋଇ ପଡୁଥିବା ଅଧିକାରୀ ସୂଚନା କହିଛନ୍ତି।

ଅନ୍ୟପଟରେ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି ମାଓବାଦୀମାନଙ୍କ ଦ୍ୱାରା ନୂଆ ଟେକ୍ନୋଲୋଜି ବ୍ୟବହାର। କାରଣ ଏବେ ମାଓବାଦୀମାନେ ପୁଲିସ ଭଳି ଡ୍ରୋନ୍ ବ୍ୟବହାର କରୁଛନ୍ତି। ଏକାଧିକ ଜଙ୍ଗଲରେ ସୁରକ୍ଷାବାହିନୀ ଉପରେ ନଜର ରଖିବା ପାଇଁ ମାଓବାଦୀମାନେ ଡ୍ରୋନ୍ ଉଡ଼ାଉଥିବା ଦେଖିବାକୁ ମିଳିଛି। ତେଣୁ ପୁଲିସ ଏହି ଡ୍ରୋନ୍ ଉପରେ କିଭଳି ଲଗାମ ଲଗାଇବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଶସ୍ତାରେ ଡ୍ରୋନ୍ ମିଳିଯାଉଥିବାରୁ ସେମାନେ କିଣି ଏହାକୁ ବ୍ୟବହାର କରୁଛନ୍ତି। ଯାହାଫଳରେ ଏହାଦ୍ୱାରା ସେମାନେ ସୁରକ୍ଷାକର୍ମୀଙ୍କ ଗତିବିଧି ଜାଣି ନିଜର କ୍ୟାମ୍ପ ବଦଳାଇ ଦେଉଛନ୍ତି। ଯାହାଫଳରେ ପୁଲିସ ସେମାନଙ୍କୁ ଧରିବା କଷ୍ଟକର ହେଉଛି।

ଏନେଇ ମାଓ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ ବର୍ଷା ଦିନରେ ସର୍ଚ୍ଚ ଅପରେସନ୍‌ରେ ଟିକେ ସମସ୍ୟା ହେଉଛି। ବର୍ଷା ଋତୁ ଗଲାପରେ ଅପରେସନକୁ ଜୋର୍‌ଦାର୍ କରାଯିବ।

- ଜଙ୍ଗଲ ଭିତରେ ଭିଜି ଯାତାୟାତ କରିବାରେ ହେଉଛି ସମସ୍ୟା
- ୬ ଦିନ ବଦଳରେ ୨ ଦିନରେ ପଳାଇ ଆସୁଛନ୍ତି ସୁରକ୍ଷାକର୍ମୀ
- ଋତୁ ବଦଳିଲେ ପୁଣି ଜୋରଦାର୍ ହେବ ଅପରେସନ୍: ଏଡିଜି

# ସଂଖ୍ୟାଲଘୁ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ: ବିଜେଡି

**ଭୁବନେଶ୍ୱର,୩୧।୭ (ସମିସ):** ରାଜ୍ୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ଓ ଅପରାଧ ଉପରମୁହାଁ ସ୍ଥିତିରେ ରହିଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ଏପରିସ୍ଥିତିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅସଦାଚରଣ ଘଟଣାରେ ପୁଲିସ ଏତଲା ଗ୍ରହଣ ନ କରିବା ଉଦ୍‌ବେଗଜନକ ବୋଲି ବିଜୁ ଜନତା ଦଳର ୩ ମହିଳା ନେତ୍ରୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି ଯେ ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି।

ସେହିପରି ଦଳର ମୁଖପାତ୍ର ଇପ୍ସିତା ସାହୁ କହିଥିଲେ ଯେ ବିଜେପି ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତ୍ୟେକ ଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନାରୀ ନିର୍ଯାତନାର ଖବର ସାମ୍ନାକୁ ଆସିଛି। ବିଜେପି ସଂଖ୍ୟାଲଘୁ ସେଲର ସଭାପତିଙ୍କ ପତ୍ନୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୁଲିସ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୁଲିସ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀ ଯେ ଅସହାୟ ହୋଇପଡ଼ିଛନ୍ତି, ଏଥିରୁ ପ୍ରତୀୟମାନ ହେଉଛି।

ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଥିଲେ ଯେ ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ଏଠି ଅପରାଧୀ ଉପରମୁହାଁ ହୋଇଥିବା ବେଳେ ସରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି ବୋଲି ସେ ସମାଲୋଚନା ଛଳରେ କହିଛନ୍ତି।

- ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତିଙ୍କ ପତ୍ନୀ ବିଧାୟକଙ୍କ ଦ୍ୱାରା ନିର୍ଯାତିତ
- ପୀଡ଼ିତା ମହିଳା ଲିଖିତ ଅଭିଯୋଗ କରିଥିଲେ ହେଁ ଏତଲା ରଖୁନି ପୁଲିସ
- ଯାଜପୁର ଜିଲ୍ଲାରେ କର୍ତ୍ତବ୍ୟରତ ମହିଳା ପୁଲିସ କର୍ମଚାରୀ ମଧ୍ୟ ଅସୁରକ୍ଷିତ



# ରାଜ୍ୟରେ 'ଭାବା'ର ସୀମିତ ଉପସ୍ଥିତିକୁ ନେଇ ସାଂସଦ ମାନସଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୩୧।୭ (ସମିସ):** ରାଜ୍ୟରେ ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର(ବିଏଆର୍‌ସି) ଭଳି ପ୍ରତିଷ୍ଠିତ ଗବେଷଣା ଭିତ୍ତିକ ପ୍ରତିଷ୍ଠାନର ଉପସ୍ଥିତି ସୀମିତ ରହିଛି। ଏହା ସହ ବହୁ ରାଜ୍ୟ ପାଇଁ ବହୁ କମ୍ ପରିମାଣରେ ଅର୍ଥ ମଞ୍ଜୁର କରାଯାଇଛି। ରାଜ୍ୟର ମାତ୍ର ୮ଟି ଅନୁଷ୍ଠାନ ଏବଂ ୧୧ଟି ଗବେଷଣା ଭିତ୍ତିକ ପ୍ରୋଜେକ୍ଟରେ 'ଭାବା' ସହ ସହଭାଗିତା ରହିଛି। ବିଗତ ୫ ବର୍ଷରେ ଓଡ଼ିଶାକୁ ଏଥିପାଇଁ ୩.୭୨ କୋଟି ମଞ୍ଜୁର କରାଯାଇଛି। ଯାହାର ପ୍ରଭାବ ସିଧାସଳଖ ଛାତ୍ର ଏବଂ ଯୁବ ଗବେଷକଙ୍କ ଉପରେ ପଡୁଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ସହ ଭାବା ସହଭାଗିତାକୁ କ'ଣ ପାଇଁ ଅଧିକ ବ୍ୟାପକ କରାଯାଉ ନାହିଁ, ସେନେଇ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଚିନ୍ତା ପ୍ରକଟ କରିଛନ୍ତି। ଭାବା ସହ ରାଜ୍ୟର କେଉଁସବୁ କ୍ଷେତ୍ରରେ କେତୋଟି ଅନୁଷ୍ଠାନ ଯୋଡ଼ି ହୋଇଛନ୍ତି, ଏଥିପାଇଁ କେତେ ପରିମାଣର ପାଣ୍ଠି ଯୋଗାଇ ଦିଆଯାଇଛି, ଭାବା ସହ ଯୋଡ଼ି ହେବାର କ'ଣ ଭବିଷ୍ୟତ ଯୋଜନା ରହିଛି ବୋଲି ଗୁରୁବାର ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି।

ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ ଡଃ. ଜିତେନ୍ଦ୍ର ସିଂ କହିଛନ୍ତି ବିଏଆର୍‌ସି ଦ୍ୱାରା ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି(ଡିଏଇ) ନାମକ ଏହା ସଂସ୍ଥା ଗଠନ କରାଯାଇଛି। ଡିଏଇର ବୋର୍ଡ ଅଫ୍ ରିସର୍ଚ୍ଚ ଇନ୍ ନ୍ୟୁକ୍ଲିୟର ସାଇନ୍ସ (ବିଆର୍‌ଏନ୍‌ଏସ୍) ଜରିଆରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଏକାଧିକ ଗବେଷଣାଭିତ୍ତିକ ପ୍ରୋଜେକ୍ଟରେ ସହଭାଗିତା ରହିଛି। ଗତ ୫ ବର୍ଷ ମଧ୍ୟରେ ଭାବା ପକ୍ଷରୁ ରାଜ୍ୟରେ ୧୧ ଗବେଷଣା ଭିତ୍ତିକ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିପାଇଁ ମାତ୍ର ୩.୭୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଗବେଷଣା କ୍ଷେତ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏନ୍‌ଆଇଟି, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଆଇସିଏଆର୍, ଫକୀର ମୋହାନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ନାଇଜର ଭଳି ପ୍ରତିଷ୍ଠିତ ୮ଟି ଶିକ୍ଷାନୁଷ୍ଠାନ ସହ ଭାବା ଜଡ଼ିତ। ଏହା ସହ ଡିଏଇର ଗ୍ରାମାଞ୍ଚଳ ଟେକ୍ନୋଲୋଜିର ଉପସ୍ଥାପନା ଓ ପ୍ରସାର ପାଇଁ ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ 'ଆକୃତି'ର ପ୍ରତିଷ୍ଠା କରାଯାଇଛି। ଏଥିରେ ସ୍ୱାସ୍ଥ୍ୟସେବା, କୃଷି ଓ ପରିବେଶ କ୍ଷେତ୍ରରେ ଗବେଷଣା କରାଯାଉଛି। ଲୁଣି ଏବଂ ମରୁଡି ପ୍ରତିରୋଧକ ଧାନ ଫସଲ ଗବେଷଣା ଏବଂ ଟ୍ରାଏଲ୍, ଭୂତଳ ଜଳରେ ଫ୍ଲୋରାଇଡ୍ ପ୍ରବେଶ, ବ୍ୟାଟେରି ଏବଂ ଉର୍ଜା ସଂରକ୍ଷଣର ନୂଆ ଟେକ୍ନୋଲୋଜି, ମ୍ୟାଲେରିଆ ରୋଗ ଚିହ୍ନଟ ଉପକରଣ ପ୍ରଭୃତି ଏହି ଗବେଷଣା ମଧ୍ୟରେ ରହିଛି। ଏହି ଗବେଷଣାଭିତ୍ତିକ ପ୍ରକଳ୍ପଗୁଡ଼ିକରୁ ଛାତ୍ର ଏବଂ ଯୁବ ଗବେଷକମାନେ ବହୁ କିଛି ଶିଖିବା ପାଇଁ ଲ୍ୟାବ୍‌ରେ ଗବେଷଣାର ଏକ ସୁଯୋଗ ସୃଷ୍ଟି କରୁଛି। ଏହାଦ୍ୱାରା ସେମାନେ ଭିନ୍ନ ଏକ ମାଇକ୍ରୋସ୍କୋପ୍‌ରେ କାମ କରିବା, ବିଭିନ୍ନ କେମିକାଲ୍‌କୁ ନେଇ ତର୍ଜମା କରିବା ଭଳି ଅନୁଭବ ହାସଲ କରି ପାରୁଛନ୍ତି। ଭବିଷ୍ୟତରେ ରାଜ୍ୟର କେଉଁ ଅନୁଷ୍ଠାନ ସହ 'ଭାବା'ର ଗବେଷଣାର ସହଯୋଗ ସ୍ଥାପନ ହେବ, ତାହା ଉଭୟଙ୍କ ମିଳିତ ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ଆଗକୁ ନ୍ୟୁକ୍ଲିୟର ଏଗ୍ରିକଲ୍‌ଚର୍, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସଂରକ୍ଷଣ ଭଳି କ୍ଷେତ୍ରରେ ସହଭାଗିତା ହେବ ବୋଲି ଡଃ. ସିଂ ଉତ୍ତର ରଖିଛନ୍ତି।

**ମାତ୍ର ୮ଟି ଅନୁଷ୍ଠାନ ଏବଂ ୧୧ ଗବେଷଣା ଭିତ୍ତିକ ପ୍ରକଳ୍ପରେ ସହଭାଗିତା**

**୫ ବର୍ଷରେ 'ଭାବା' ରାଜ୍ୟକୁ ମଞ୍ଜୁର କରିଛି ମାତ୍ର ୩.୭୨ କୋଟି ଟଙ୍କା**

**ବ୍ରାହ୍ମଣୀରେ ବନ୍ୟା**

# ରାସ୍ତା ଉପରେ କୁମ୍ଭୀର

**ଆଳି, ୩୧।୭ (ସମିସ):** ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ କୋଳିଡିହ ପଞ୍ଚାୟତର ବିଜୟନଗର, ତଅଁଳାଡିଆ, ଦିନିଆରୀ, ଇଛାପୁର, ଜାମୁଦଣ୍ଡା ଗ୍ରାମର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏପରି ଅବସ୍ଥାରେ ସେମାନଙ୍କୁ କୁମ୍ଭୀର ଭୟ ଘାରିବାରେ ଲାଗିଛି। ଆଜି ସଂଧ୍ୟାରେ କିଛି ଲୋକ ଇଛାପୁର ରାସ୍ତାର ମଙ୍ଗଳା ମନ୍ଦିର ନିକଟରେ ଏକ ବଉଳା କୁମ୍ଭୀର ଭାସୁଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି। ଫଳରେ ଗ୍ରାମବାସୀ ଭୟରେ ପଦାକୁ ବାହାରୁ ନାହାନ୍ତି।

ସୂଚନାନୁଯାୟୀ, ଗ୍ରାମର ମୁଖ୍ୟ ରାସ୍ତା ଉପରେ ୫ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଥିବା ବେଳେ ଗ୍ରାମବାସୀ ଇଛାପୁର ରାସ୍ତା ଦେଇ ଯାତାୟାତ କରୁଥିଲେ। ଜଳସ୍ତର ବୃଦ୍ଧି ପାଇବା ହେତୁ ଉକ୍ତ ରାସ୍ତାର କିଛି ସ୍ଥାନ ବୁଡ଼ିଯାଇ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ବୁଡ଼ିଯାଇଥିବା ସେହି ସ୍ଥାନ ମଧ୍ୟରୁ ମଙ୍ଗଳା ମନ୍ଦିର ନିକଟରେ ଆଜି ସନ୍ଧ୍ୟାରେ ଏକ ବଉଳା କୁମ୍ଭୀର ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ସାଧାରଣତଃ ବନ୍ୟାଜଳ ସହ କୁମ୍ଭୀର ଜନବସତି ଆଡ଼କୁ ଚାଲିଆସିବାର ପୂର୍ବରୁ ବହୁ ନଜିର ରହିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ତଅଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦) ଖରସ୍ରୋତା ନଦୀ ସଂଲଗ୍ନ ତଅଁଳାଡିହା ପାନିଆଯୋରକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଆକ୍ରମଣ କରିଥିଲା ଏବଂ ସେଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



**ଏକ୍ ପେଡ୍ ମା'କେ ନାମ୍-୨.୦**

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଲାଗିବ ୭୫ ଲକ୍ଷ ଗଛ

**ଭୁବନେଶ୍ୱର, ୩୧।୭ (ସମିସ):** ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ରାଜ୍ୟ ସରକାର ୭୫ ଲକ୍ଷ ଗଛ ଲଗାଇବେ। 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଅଧୀନରେ ଏହି ରେକର୍ଡ ସଂଖ୍ୟକ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଗୁରବାର ଲୋକସେବା ଭବନରେ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ଏବର୍ଷ କେବଳ ଗୋଟିଏ ଦିନ (ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ)ରେ ୭୫ ଲକ୍ଷ ଗଛ ଲାଗିବ, ଯାହା ଏକ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କେବଳ ଗଛ ଲଗାଇଦେଲେ ହେବ ନାହିଁ; ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୃକ୍ଷରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ। ବିଶେଷକରି ଜିଲ୍ଲାମାନଙ୍କରେ ଜଳବାୟୁ ଉପଯୋଗୀ ବୃକ୍ଷରୋପଣ ଜରୁରୀ ଅଟେ। କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଉତ୍ତମ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



**ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ବୃକ୍ଷରୋପଣ ଲକ୍ଷ୍ୟ**

**ଜଳବାୟୁ ଉପଯୋଗୀ ବୃକ୍ଷ ରୋପଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# ଡକାୟତି ଯୋଜନା ପଣ୍ଡ; ୫ କୁଖ୍ୟାତ ଅପରାଧୀ ଗିରଫ

**ରାଉରକେଲା,୩୧।୭ (ସମିସ):** ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପ ସମେତ କିଛି ଦୋକାନ ଓ ବାସଗୃହରୁ ଡକାୟତି କରିବାକୁ ଯୋଜନା ପାଇଁ ବିଳମ୍ବିତ ରାତିରେ ଏକତ୍ର ହୋଇଥିବା ଏକ ବଡ଼ଧରଣର ଡକାୟତ ଗ୍ୟାଙ୍ଗକୁ ଆଜି ରାଉରକେଲା ପ୍ଲାଣ୍ଟସାଇଟ୍ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଭୁଜାଲି, ଛୁରି ଏବଂ ଲୁହାଛଡ଼ ପରି ମାରଣାସ୍ତ୍ର ଜବତ କରାଯାଇଛି। ସମସ୍ତ ଅପରାଧୀ ଅନେକ ଗୁରୁତର ମାମଲାରେ ଜଡ଼ିତ ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅପରାଧୀମାନେ ହେଉଛନ୍ତି, ଗୋପବନ୍ଧୁପାଲି ୱାର୍ଡ ନମ୍ବର ୩ର ଶେଖ ସଲମାନ୍ (୨୪), ରେଳବାଇ କଲୋନୀ ଇନ୍ଦିରାନଗରର ପବନ ସାହୁ (୧୯), ଲାଲ ବିଲ୍ଡିଂ ଲେନର ଆୟୁଷ ବାଡ଼ା (୧୯), ଲାଲ ବିଲ୍ଡିଂ ଲେନର ରୋହିତ ପ୍ରସାଦ ଓରଫ କାଲୁ(୨୦) ଏବଂ ମାଲଗୋଦାମ କାଳୀମନ୍ଦିର ଲେନର ମହମ୍ମଦ କୈଫ (୧୯)। ଅଭିଯୁକ୍ତଙ୍କଠାରୁ ତିନୋଟି ଲୁହା ରଡ୍, ଗୋଟିଏ ଭୁଜାଲି ଏବଂ ଗୋଟିଏ ଛୁରି ଜବତ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ରେଲୱେ କଲୋନୀର ବଡ଼ ପାର୍କ ପରିସରରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବା ନେଇ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବୀଭସ୍ପ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍ଥାନରେ ଚଢ଼ଉ କରିଥିଲା। ସେଠାରୁ ୫ଜଣ ଦୁର୍ବୃତ୍ତଙ୍କୁ କାବୁ କରିବା ପରେ ମାରଣାସ୍ତ୍ର ଜବତ କରିଥିଲା। ସେମାନେ ନିକଟବର୍ତ୍ତୀ ଘର, ଦୋକାନ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ଏକ ବଡ଼ଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି। ଗିରଫ ପାଞ୍ଚ ଅଭିଯୁକ୍ତ ବହୁ ଗୁରୁତର ଅପରାଧିକ ମାମଲାରେ ୱାଣ୍ଟେଡ୍ ଅଛନ୍ତି ବୋଲି ଜୋନାଲ ଡିଏସ୍‌ପି ଅମରେନ୍ଦ୍ରନାଥ ଷଣ୍ଢ ସୂଚନା ଦେଇଛନ୍ତି।



**ପୁଣି ଭତ୍ତା ଯନ୍ତ୍ରଣା**

# ବୃଦ୍ଧାଙ୍କୁ ଚୌକିରେ ଟେକିଟେକି ବୋହିଲେ ସମ୍ପର୍କୀୟ



**ପାଟଣାଗଡ଼, ୩୧।୭ (ସମିସ):** ପାଟଣାଗଡ଼ ବ୍ଲକ୍ ପାଣ୍ଡେସରା ଗାଁର ଜଣେ ବୃଦ୍ଧା ଗୁରୁଣ୍ଡିଗୁରୁଣ୍ଡି ବ୍ୟାଙ୍କକୁ ଭତ୍ତା ପାଇଁ ଯିବା ଘଟଣା ଲୋକଙ୍କ ମନରୁ ନ ଯାଉଣୁ, ବୁଧବାର ପୁଣି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୭୦ ବର୍ଷୀୟ ଜଣେ ବୃଦ୍ଧାଙ୍କୁ ସଂପର୍କୀୟମାନେ ଚୌକିରେ ବୋହିବୋହି ପାଟଣାଗଡ଼ ଷ୍ଟେଟ୍‌ବ୍ୟାଙ୍କକୁ ନେଇଛନ୍ତି।

ବାଙ୍କିବାହାଲ ଗାଁର ଗଣେନ ବରିହା (୭୦) ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ପାଉଛନ୍ତି। କିନ୍ତୁ ତାଙ୍କ ଆକାଉଣ୍ଟର କେୱାଇସି ଅପଡେଟ୍ ହୋଇନଥିବାରୁ ସେ ଗତ କିଛି ମାସ ହେବ ଟଙ୍କା ଉଠାଇ ପାରୁନାହାନ୍ତି। ବୟସାଧିକ ଯୋଗୁଁ ସେ ଠିକ୍ ଭାବେ ଚାଲିବୁଲି ପାରୁନଥିବାରୁ ବ୍ୟାଙ୍କକୁ ମଧ୍ୟ ଯାଇ ପାରୁନାହାନ୍ତି। ତେବେ, ଗୁରୁବାର ଦୁଇଜଣ ସମ୍ପର୍କୀୟ ତାଙ୍କୁ ଏକ ଚୌକିରେ ବସାଇ ପାଟଣାଗଡ଼ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଟେକିଟେକି ନେଇଥିଲେ। ସେଠାରେ ବୃଦ୍ଧାଙ୍କ କେୱାଇସି ହେବା ପରେ ସଂପର୍କୀୟମାନେ ପୁଣି ବୃଦ୍ଧାଙ୍କୁ ଟେକିଟେକି ନେଇ କିଓସ୍କ ସେଣ୍ଟର୍‌କୁ ଯାଇଥିଲେ। ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଉକ୍ତ ଭିଡିଓରେ ବୃଦ୍ଧାଜଣଙ୍କ ତାଙ୍କୁ ହାତାହାତି ଭତ୍ତା ଟଙ୍କା ଦେବାକୁ ସରକାରଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି। ଏ ସଂପର୍କରେ ବିଡିଓ ସୁମନ ମିଞ୍ଜଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ କରାଯିବ। କିଭଳି ବୃଦ୍ଧଙ୍କୁ ତାଙ୍କ ଘରେ ଭତ୍ତା ଦିଆଯିବ, ସେନେଇ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ମିଳୁନି ଜଏନିଂ ଅର୍ଡର୍; ଆତ୍ମହତ୍ୟା ଧମକ ଦେଲେ ବିଇଓ



**ବଲାଙ୍ଗିର, ୩୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲାକୁ ବ୍ଲକ୍ ଶିକ୍ଷାଧିକାରୀ ଭାବେ ବଦଳି ହୋଇ ଆସିଥିବା ଜଣେ ଅଧିକାରୀଙ୍କୁ ଜଏନିଂ ଅର୍ଡର୍ ଦିଆଯାଉନଥିବାରୁ ସେ ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା ଧମକ ଚେତାବନୀ ଦେଇଛନ୍ତି। ସେ ହେଲେ, ରଞ୍ଜିତ ଭୋଇ।

ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। କିଛି ଦିନ ତଳେ ତାଙ୍କର ବଲାଙ୍ଗିର ଜିଲ୍ଲାକୁ ବଦଳି ହୋଇଛି। ତାଙ୍କୁ ଜିଲ୍ଲାର ବେଲପଡା ବ୍ଲକ୍‌କୁ ବଦଳି କରାଯାଇଛି। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଜଏନିଂ ଅର୍ଡର ଦିଆଯାଉନାହିଁ। ସେ ତାଙ୍କ ପଦବୀରେ ଯୋଗଦାନ କରିନଥିବାରୁ ତିନି ମାସ ହେଲା ଦରମା ମଧ୍ୟ ପାଇ ନାହାନ୍ତି। ବାରମ୍ବାର ଅଭିଯୋଗ ପରେ ବି ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ କଥା ଶୁଣୁନାହାନ୍ତି। ତେବେ ଶୀଘ୍ର ତାଙ୍କୁ ଅର୍ଡର୍ ପ୍ରଦାନ କରାନଗଲେ, ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ। ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହେବ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୮୮୩- ଗ୍ରେଟ୍ ବ୍ରିଟେନ୍‌ରେ ଅନ୍ତର୍ଦେଶୀୟ ଡାକ ସେବା ଆରମ୍ଭ ହେଲା।
- ୧୯୨୦- ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ।
- ୧୯୩୩- ହିନ୍ଦୀ ଫିଲ୍ମ ଅଭିନେତ୍ରୀ ମୀନା କୁମାରୀଙ୍କ ଜନ୍ମ।
- ୧୯୫୭- ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି)ର ସ୍ଥାପନା।
- ୧୯୬୦- କରାଚୀ ପରିବର୍ତ୍ତେ ଇସ୍‌ଲାମାବାଦ ହେଲା ପାକିସ୍ତାନର ରାଜଧାନୀ।
- ୧୯୯୫- ହବଲ ଟେଲିସ୍କୋପ ଶନିର ଅନ୍ୟ ଏକ ଉପଗ୍ରହକୁ ଠାବ କଲା।


## 'ବର୍ଡର ୨'

## ବରୁଣଙ୍କ ନାୟିକା ହେବେ ମେଧା

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ଏବେ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ମେଧା ରାଣା ନଜର ଆସିବେ। ନିକଟରେ ଫିଲ୍ମ ନିର୍ମାତା ଏସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ମେଧା 'ବର୍ଡର ୨' ପୂର୍ବରୁ 'ଇସ୍କ ଇନ୍ ଦ ଏୟାର୍', 'ଫ୍ରାଇଡେ ନାଇଟ୍ ପ୍ଲାନ୍', 'ଲଣ୍ଡନ ଫାଇଲ୍‌ସ' ଆଦି ଫିଲ୍ମରେ ଦେଖାଯାଇଥିଲେ। 'ବର୍ଡର ୨'ରେ ମେଧାଙ୍କ ସହ ସୋନମ୍ ବାଜୱା, ମୌନି ରୟ, ଭିନାଲି ଭଟ୍ଟନାଗରଙ୍କୁ ମଧ୍ୟ ସ୍ଥାନ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। 'ବର୍ଡର ୨' ଜାନୁଆରୀ ୨୩, ୨୦୨୬ରେ ରିଲିଜ୍ ହେବ। ଏଥିରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟି ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା ଅଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଏଥିରେ ଦେଶପ୍ରେମ, ଆକ୍ସନ, ଭାବପ୍ରବଣତାର ଏକ ନିଆରା ମିଶ୍ରଣ ଦେଖିବାକୁ ମିଳିବ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଫିଲ୍ମ 'ବର୍ଡର'ର ସିକ୍ୱେଲ।



## ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ



ଶରୀରର ଯେକୌଣସି ଅଙ୍ଗରେ କର୍କଟ ବିପଦପୂର୍ଣ୍ଣ ଏବଂ ସାଂଘାତିକ। ମାରାତ୍ମକ ଫୁସ୍‌ଫୁସ୍ କର୍କଟ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧ ତାରିଖକୁ ଫୁସ୍‌ଫୁସ୍ କର୍କଟ ଦିବସ ଭାବେ ପାଳନ କରାଯାଏ। ବିଶ୍ୱବ୍ୟାପୀ ପୁରୁଷ ଏବଂ ମହିଳାମାନଙ୍କଠାରେ ଦ୍ୱିତୀୟ ସାଧାରଣ ପ୍ରକାରର କର୍କଟ ଭାବରେ ଫୁସ୍‌ଫୁସ୍ କ୍ୟାନ୍ସର, ଏକ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହି କାରଣରୁ ଅଧିକାଂଶ ପୁରୁଷ ଏବଂ ମହିଳାଙ୍କର ଜୀବନ ମଧ୍ୟ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ, ୨୦୨୦ ମସିହାରେ ଫୁସ୍‌ଫୁସ୍ କର୍କଟ ହେତୁ ସାରା ବିଶ୍ୱରେ ୧୮ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୨ ମସିହାରେ ପ୍ରଥମ ଥର ଏହି କାର୍ଯ୍ୟକ୍ରମକୁ 'ଫୋରମ୍ ଅଫ୍ ଇଣ୍ଟରନ୍ୟାସନାଲ୍ ରେସପେରେଟୋରୀ ସୋସାଇଟିଜ୍' ଦ୍ୱାରା 'ଇଣ୍ଟରନ୍ୟାସନାଲ୍ ଆସୋସିଏସନ୍ ଫର ଲଙ୍ଗ କ୍ୟାନ୍ସର ଆଣ୍ଡ ଆମେରିକାନ୍ କଲେଜ ଅଫ୍ ଚେଷ୍ଟ ଫିଜିସିଆନ' ଙ୍କ ସହାୟତାରେ ଆୟୋଜିତ କରାଯାଇଥିଲା। ତମାଖୁ ସେବନ ଫୁସ୍‌ଫୁସ୍ କର୍କଟର ମୁଖ୍ୟ କାରଣ ହୋଇଥାଏ। ତାଛଡ଼ା ପ୍ରଦୂଷଣ କାରଣରୁ ଫୁସ୍‌ଫୁସ୍ କର୍କଟ ହୋଇଥାଏ। ପ୍ରଦୂଷଣ ଯୋଗୁଁ ବିଷାକ୍ତ ରାସାୟନିକ ଗ୍ୟାସ୍‌ଗୁଡ଼ିକ ଆମ ଫୁସ୍‌ଫୁସ୍‌ରେ ପ୍ରବେଶ କରି ଏହା କର୍କଟ ସୃଷ୍ଟି କରିଥାଏ। ଗୋବର ଘସି ଜାଳିବା ସହ ଯେଉଁମାନେ ଧୂଳି, ବାଲି, କୋଇଲାରେ ଅଧିକ ସମୟ କାମ କରୁଛନ୍ତି ସେମାନଙ୍କୁ ଏହି କର୍କଟ ହେବା ଆଶଙ୍କା ଅଧିକ ଥାଏ। ଫୁସ୍‌ଫୁସ୍ ଆମ ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, କାରଣ ଏହା ଶ୍ୱାସକ୍ରିୟା ଏବଂ ଶରୀରକୁ ଅମ୍ଳଜାନ ଯୋଗାଇବା ପାଇଁ କାମ କରେ। ତେଣୁ ଫୁସ୍‌ଫୁସ୍‌ର ଯତ୍ନ ନେବା ଅତ୍ୟନ୍ତ ଜରୁରି। କାରଣ ଖରାପ ଫୁସ୍‌ଫୁସ୍ କାରଣରୁ ଶ୍ୱାସକ୍ରିୟାରେ ବ୍ୟତିକ୍ରମ, ଆଜ୍‌ମା, କ୍ରନିକ ରୋଗ ଏବଂ ଫୁସ୍‌ଫୁସ୍ କର୍କଟ ମଧ୍ୟ ହୋଇପାରେ। ଫୁସ୍‌ଫୁସ୍‌ରେ କୌଣସି କୋଷ ଅନିୟନ୍ତ୍ରିତ ଭାବେ ବଢ଼ିଲେ ତାହା କର୍କଟର ରୂପ ନିଏ। ସେହି ଟ୍ୟୁମର୍ ପରବର୍ତ୍ତୀ ସମୟରେ କର୍କଟର କାରଣ ପାଲଟିଥାଏ। ଅଧିକ ଦିନ ଧରି କାଶ ଲାଗି ରହିବା, ଛାତି ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧିବା ଆଦି ଏହାର ଲକ୍ଷଣ ହୋଇଥାଏ। ତେବେ ପ୍ରଥମ ଷ୍ଟେଜ୍‌ରୁ ଏହା ଚିହ୍ନଟ ହୋଇପାରିଲେ ଏହାର ଚିକିତ୍ସା ଫଳପ୍ରଦ ହୋଇଥାଏ। ତେବେ ଫୁସ୍‌ଫୁସ୍ କର୍କଟରୁ ରକ୍ଷା ପାଇବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ଧୂମପାନରୁ ନିବୃତ୍ତ ରହିବା ଆବଶ୍ୟକ। ଏହାବାଦ୍ ବାରମ୍ବାର ସ୍କ୍ରିନିଂ ମାଧ୍ୟମରେ ବି ଫୁସ୍‌ଫୁସ୍ କର୍କଟ ପ୍ରାରମ୍ଭିକ ସ୍ତରରେ ଜଣାପଡ଼ିଯିବ। ଫଳରେ ବେଳ ଥାଉ ଥାଉ ଏହାର ଚିକିତ୍ସା କରାଯାଇ ପାରିବ।

## ଚାକିରି ପାଇଁ ଡିଜିଟାଲ ସ୍ନାନ

ଭଲ ଚାକିରିଟିଏ କିମ୍ବା ବଡ଼ କଲେଜରେ ପାଠ ପଢ଼ିବା ପାଇଁ ବିଦ୍ୟାର୍ଥୀମାନେ ପୂଜାପାଠ କରାଇଥାନ୍ତି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସ୍ନାନ ନାଁରେ ଏକ ନୂଆ ଟ୍ରେଣ୍ଡ ଭାଇରାଲ ହେଉଛି। ତେବେ ମହାକୁମ୍ଭରେ ଏହା ପ୍ରଥମେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ବିଶେଷକରି ବୁଡ଼ ପକାଇବାରୁ ବଞ୍ଚିତ ଥିବା ଲୋକଙ୍କ ଫଟୋକୁ ଗଙ୍ଗା ନଦୀରେ ବୁଡ଼ ପକାଯାଉଥିଲା। ଏହା ଥିଲା ପରମ୍ପରା ସହ ଯୋଡ଼ି ହେବାର ଆଧୁନିକ ଉପାୟ। ହେଲେ ଏବେ ପୁଣି ଥରେ ଏହି ଧାରା ଫେରିଥିବା ବେଳେ ଏଥର କିନ୍ତୁ ଚାକିରି ପାଇବା ଲାଗି ଏହା ଆରମ୍ଭ କରାଯାଇଥିବା ଦେଖାଯାଇଛି। ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାକୁ ଦୀପକ ଗୋୟଲ ନାମକ ଜଣେ ବ୍ୟକ୍ତି ସେୟାର୍ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି, ଗୋଟିଏ ସାଦା କାଗଜରେ ହାଇଦ୍ରାବାଦର ଇଣ୍ଡିଆ ସ୍କୁଲ ଅଫ୍ ବିଜନେସ୍‌ର କିଛି ବିଦ୍ୟାର୍ଥୀଙ୍କ ଫଟୋ ରହିଛି। ଏହାପରେ ଦୀପକ କହୁଛନ୍ତି, ଏହି ପିଲାମାନଙ୍କୁ ଯେପରି ଭଲ ଚାକିରି ମିଳିପାରିବ, ସେଥିପାଇଁ ମୁଁ ସେମାନଙ୍କର ଫଟୋକୁ ପବିତ୍ର ଗଙ୍ଗା ନଦୀରେ ବୁଡ଼ାଉଛି। ଯେଉଁମାନେ ଏଭଳି ଗଙ୍ଗାରେ ବୁଡ଼ ପକାଇବାକୁ ଚାହୁଁଛନ୍ତି ସେମାନେ ହ୍ୱାଟସ୍‌ଆପ୍ ଦ୍ୱାରା ତାଙ୍କୁ ଫଟୋ ପଠାଇପାରିବେ। ଅବଶ୍ୟ ଏଥିପାଇଁ ତାଙ୍କୁ ୧୧୦୦ ଟଙ୍କା ଦେବାକୁ ପଡ଼ିବ। ଏହାପୂର୍ବରୁ ମଧ୍ୟ ଦୀପକ କୁମ୍ଭମେଳା ସମୟରେ ଏଭଳି ଡିଜିଟାଲ ସ୍ନାନ କରାଇ ଚର୍ଚ୍ଚାକୁ ଆସିଥିଲେ। ଏଥର ଡିଜିଟାଲ ସ୍ନାନ ବିଶ୍ୱାସର ଏକ ନୂଆ ପରମ୍ପରା ସୃଷ୍ଟି କରିଥିବା କୁହାଯାଉଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ସଞ୍ଜୀବନୀ




## ମାନସିକ ଶାନ୍ତି ପାଇଁ କଲର ୱାକିଂ



ଅଧୁନା ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଶରୀର ଫିଟ୍ ଓ ନୀରୋଗ ରହିଥାଏ। ଏହାକୁ ଧ୍ୟାନ ଦେଲେ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଚାଲିବା ଟ୍ରେଣ୍ଡରେ ରହିଥିବାବେଳେ ଏବେ 'କଲର ୱାକିଂ'କୁ ନେଇ ଅନେକ ଚର୍ଚ୍ଚା।

ଏହି ନୂତନ ଚାଲିବା କୌଶଳରେ ଜଣେ ବ୍ୟକ୍ତିଙ୍କୁ ଚାଲିବା ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ ରଙ୍ଗ ବାଛିବାକୁ ପଡ଼ିଥାଏ। ଚାଲିବା ସମୟରେ ଉକ୍ତ ରଙ୍ଗର ବସ୍ତୁକୁ ଦେଖି ତାହାକୁ ଗଣିଥାନ୍ତି। ତେବେ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହି ବ୍ୟାୟାମ ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା, କୌଶଳ ଏବଂ ସମସ୍ୟାର ସମାଧାନ କରିବାର ଦକ୍ଷତାକୁ ବୃଦ୍ଧି କରାଏ।

ତେଣୁ କଲର ୱାକିଂ କେବଳ ମାନସିକ ସୁସ୍ଥତା ପାଇଁ ଭଲ ତାହା ନୁହେଁ, ଏହା ଦ୍ୱାରା ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତାରୁ ମୁକ୍ତି ମିଳେ। ସାଧାରଣତଃ ରଙ୍ଗ ଭାବନାକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରୁଥିବାରୁ ଏହି କୌଶଳରେ ଚାଲିବା ଦ୍ୱାରା ନୂତନ ଚିନ୍ତାଧାରା ସୃଷ୍ଟି ହେବା ସହିତ ଏକାଗ୍ରତା, ଆତ୍ମବିଶ୍ୱାସ, ସୃଜନଶୀଳତା ବୃଦ୍ଧି ପାଏ। ମାଂସପେଶୀ ଶକ୍ତ ହୁଏ। ବିଶେଷ କଥା ହେଉଛି, ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧି ପାଏ। ମନ ହାଲୁକା ହୋଇଯାଏ। ଖୁସି ରଖେ।

## 'ସକାଳ'ର ସ୍ୱାସ୍ଥ୍ୟ

## ଟିନିଟସ୍

**କିଛି ଲୋକଙ୍କ କାନରେ ସିଟି ବାଜିବା ପରି ଅନୁଭବ ହୁଏ। ଏହି ସମସ୍ୟାକୁ ଚିକିତ୍ସା ଭାଷାରେ ଟିନିଟସ୍ କୁହାଯାଏ। ଟିନିଟସ୍ ହେଉଛି ଶ୍ରବଣଶକ୍ତି ସମ୍ପର୍କିତ ଏକ ଲକ୍ଷଣ। ଏଥିରେ କାରଣ ନଥାଇ କାନରେ ଘଣ୍ଟି ବାଜିବା ପରି ଅନୁଭୂତ ହୋଇଥାଏ। ଦୀର୍ଘଦିନ ଟିନିଟସ୍ ମାମଲା କେତେକଙ୍କ କ୍ଷେତ୍ରରେ ମାନସିକ ରୋଗରେ ପରିଣତ ହୋଇଥାଏ। ଧୀରେ ଧୀରେ ଏହା ଶ୍ରବଣଶକ୍ତିକୁ ହ୍ରାସ କରିଦିଏ। ଯେକୌଣସି ବୟସରେ ଏହା ହୋଇପାରେ। ତେବେ ଏହାର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା...**



ଟିନିଟସ୍‌ର ପ୍ରକୃତ କାରଣ ଏଯାବତ୍ ଅସ୍ପଷ୍ଟ ରହିଛି। ହେଲେ ଲଗାତାର ଉଚ୍ଚଶକ୍ତି ସମ୍ପନ୍ନ ଶବ୍ଦ ଶୁଣିବା, କାନରେ ମଇଳା ଜମିଯିବା, କାନ ତଳ ସ୍ନାୟୁରେ କିଛି ସଂକ୍ରମଣ, କାନର ପର୍ଦ୍ଦା ସଂକ୍ରମଣ, ମସ୍ତିଷ୍କରେ ଆଘାତ ଲାଗିବା, ଉଚ୍ଚ ରକ୍ତଚାପ ଏବଂ ଥାଇରଏଡ ଆଦି ସମସ୍ୟା ଥିଲେ ଟିନିଟସ୍‌ର ଆଶଙ୍କା ବୃଦ୍ଧି ପାଇଥାଏ। ଟିନିଟସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କ କାନକୁ ଜୋର ଶବ୍ଦ ଶୁଣାଯିବା ସହିତ ମୁଣ୍ଡା ବିନ୍ଧା ଲକ୍ଷଣ ଦେଖାଯାଏ। ଏହାସହିତ କାନକୁ ଜୋର କିମ୍ବା ବହୁତ ଧୀର ଶୁଣାଯିବା, କାନରେ ପବନ ପରି ଶବ୍ଦ ଆସିବା ଆଦି ଲକ୍ଷଣ ଦେଖାଯାଏ। ଗମ୍ଭୀର ସ୍ଥିତିରେ ଶାରୀରିକ ବ୍ୟବହାରରେ ପରିବର୍ତ୍ତନ ହୁଏ।

ତେଣୁ ଏପରି ସମସ୍ୟାରୁ ଆରୋଗ୍ୟ ଲାଭ ପାଇଁ ଇ.ଏନ୍.ଟି ତଥା ଗଳା, ନାସା ଓ କର୍ଣ୍ଣରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟପରୀକ୍ଷା ଦ୍ୱାରା ଏହି ରୋଗର କାରଣ ଜଣାପଡ଼ିବା ସହ ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଏଥିପାଇଁ ରକ୍ତପରୀକ୍ଷା, ସିଟିସ୍କାନ ଓ ଏମ୍‌ଆର୍‌ଆଇ ମଧ୍ୟ ଆବଶ୍ୟକ ହୋଇଥାଏ। ଏଥିପାଇଁ ଶବଣ ଯନ୍ତ୍ର ଲଗାଇବାକୁ ହୁଏ। କିଛି ଗୁରୁତ୍ୱପୂର୍ଣ୍ଣ ଥେରାପି କରିବାକୁ ଡାକ୍ତର ମଧ୍ୟ ପରାମର୍ଶ ଦିଅନ୍ତି। ଏହାବ୍ୟତୀତ ସ୍ଥିତିରେ ସୁଧାର ନ ଆସିଲେ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସବୁବେଳେ ଇୟରଫୋନ୍ ବ୍ୟବହାର କରିବା ଅନୁଚିତ।

## ଅଙ୍କୁରିତ ମେଥି

ମେଥିରେ ଭିଟାମିନ୍ ଏ, ବି ଓ ସି, ଲୌହସାର, ମ୍ୟାଗ୍ନେସିୟମ, କ୍ୟାଲସିୟମ, ପଟାସିୟମ, କାର୍ବୋହାଇଡ୍ରେଟ ଆଦି ପୋଷକତତ୍ତ୍ୱ ରହିଥାଏ। ଔଷଧୀୟ ଗୁଣରେ ଭରପୁର ମେଥିକୁ ସେବନ କଲେ ଶରୀରର ବିଭିନ୍ନ ରୋଗ ଦୂର ହୋଇଥାଏ। ତେବେ ବର୍ତ୍ତମାନ ସମୟରେ ଅଙ୍କୁରିତ ମେଥି ଖାଇବାର ଟ୍ରେଣ୍ଡ ବୃଦ୍ଧି ପାଇଛି। ଅଙ୍କୁରିତ ମେଥି ଖାଇବା ଦ୍ୱାରା କ'ଣ ଲାଭ ମିଳେ ଜାଣିବା ସେ ବିଷୟରେ...

- ନିୟମିତ ଉପଯୁକ୍ତ ମାତ୍ରା ଏବଂ ସମୟରେ ଅଙ୍କୁରିତ ମେଥି ସେବନ କଲେ, ପ୍ରମେହ ଏବଂ ସ୍ତ୍ରୀ ରୋଗ ଆଦିରେ ହିତକର ହୋଇଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ଅଙ୍କୁରିତ ମେଥିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଥିବା ଫାଇବର ବଦହଜମୀ ଦୂର କରେ।
- ଅଙ୍କୁରିତ ମେଥି ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ଗ୍ରହଣି ଦୂର ହୋଇଥାଏ। କୋଲେଷ୍ଟ୍ରଲ ମଧ୍ୟ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଙ୍କୁରିତ ମେଥି ଖାଇପାରିବେ। ତାସହିତ ଅଙ୍କୁରିତ ମେଥି ସର୍ଦ୍ଦି, କାଶ, ଥଣ୍ଡା ଓ ଜ୍ୱର ଦୂର କରିଥାଏ। ମେଥିରେ ଥିବା ଭିଟାମିନ୍ ସି ଓ ଆଣ୍ଟି ଅକ୍ସିଡାଣ୍ଟ ଯୋଗୁଁ ହୃଦ୍‌ରୋଗ ହେବାର ଆଶଙ୍କା ହ୍ରାସ ପାଇଥାଏ। ଅଙ୍କୁରିତ ମେଥି ଖାଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି।



## ରକ୍ତପରୀକ୍ଷାର ନୂଆ ବିକଳ୍ପ

ରୋଗ ଚିହ୍ନଟର ପ୍ରଥମ ମାର୍ଗ ହେଉଛି ରକ୍ତ ପରୀକ୍ଷା। ହେଲେ ଏମିତି ଅନେକ ଅଛନ୍ତି, ରକ୍ତ ପରୀକ୍ଷା ପାଇଁ ବ୍ୟବହୃତ ଛୁଞ୍ଚିକୁ ନେଇ ଭୟ କରନ୍ତି। ଫଳରେ ରକ୍ତ ପରୀକ୍ଷାରୁ ବଞ୍ଚିତ ରୁହନ୍ତି। ହେଲେ ଏବେ କୃତ୍ରିମ ବୁଦ୍ଧିମତା ଜରିଆରେ ବିନା ଛୁଞ୍ଚି ପ୍ରୟୋଗରେ ବି ରକ୍ତ ପରୀକ୍ଷା ସମ୍ଭବ ହେବ। କେବଳ ଫେସ୍ ସ୍କାନ୍ କରିବା ଦ୍ୱାରା ରକ୍ତ ପରୀକ୍ଷା ହୋଇପାରିବ। କ୍ୱିକ ଵାଇଟଲ ନାମକ ଏଆଇ ଆଧାରିତ ଆପ୍ ଜରିଆରେ ଫେସ୍ ସ୍କାନ ଦ୍ୱାରା ରକ୍ତ ପରୀକ୍ଷା ସହଜ ହୋଇପାରିବ। ଏହି ପରୀକ୍ଷାରେ ମାତ୍ର ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସ୍ଥିତି ବିଷୟରେ ଜଣାପଡ଼ିବ। ସର୍ବପ୍ରଥମେ ହାଇଦ୍ରାବାଦ୍ ସରକାରୀ ହସ୍‌ପିଟାଲ 'ନିଲୋଫର'ରେ ଗର୍ଭବତୀ ମହିଳାଙ୍କ ଶରୀରରେ ଆନେମିଆ ପରୀକ୍ଷା ପାଇଁ ଏହି କୌଶଳ ପ୍ରୟୋଗ କରାଯାଇଥିଲା। ଏଥିରୁ ଭଲ ଫଳ ମଧ୍ୟ ମିଳିଥିଲା। ଏହି ଟୁଲ୍‌ର କୌଶଳର ନାଁ ହେଉଛି ଫଟୋପ୍ଲେଥିସ୍ମୋଗ୍ରାଫି (ପିପିଜି)। ଯେତେବେଳେ ଉଜ୍ଜ୍ୱଳ ଆଲୋକରେ ଚେହେରା ସ୍କାନ୍ କରାଯାଏ, ଫୋନ୍‌ର କ୍ୟାମେରାରେ ପ୍ରତିଫଳିତ ଆଲୋକକୁ ଏହି ଆପ୍ ଧରିନିଏ। ଏଲଗୋରିଦମ ସାହାଯ୍ୟରେ ହୃଦ୍‌ସ୍ପନ୍ଦନ, ନିଶ୍ୱାସ ଓ ରକ୍ତ ପ୍ରବାହ ସହିତ ଜଡ଼ିତ ସଙ୍କେତକୁ ପଢ଼ି ସ୍ୱାସ୍ଥ୍ୟ ରିପୋର୍ଟ ପ୍ରସ୍ତୁତ କରେ। ଏପରିକି ୨୦ ସେକେଣ୍ଡରେ ସ୍ୱାସ୍ଥ୍ୟସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ସେୟାର କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଆପ୍ ରକ୍ତଚାପ, ହେମୋଗ୍ଲୋବିନ୍ ସ୍ତର, ହୃଦ୍‌ସ୍ପନ୍ଦନ, ଅକ୍ସିଜେନ୍ ସାଚୁରେଶନ (ଏସ୍‌ପିଓ୨), ଚିନ୍ତାସ୍ତର, କୋଲେଷ୍ଟ୍ରଲ, ଶ୍ୱାସକ୍ରିୟା, ଏଚ୍‌ଆର୍‌ଭି ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ପ୍ରଦାନ କରିପାରିବ। ସେହିପରି ଖୁବ୍‌ଶୀଘ୍ର ୫ ବର୍ଷରୁ କମ୍ ବୟସର ହଜାର ପିଲାଙ୍କ ଉପରେ ଏହାର କ୍ଲିନିକାଲ ପରୀକ୍ଷଣ କରାଯିବା ସହିତ ଏହାର ଫଳାଫଳକୁ ପାରମ୍ପରିକ ରକ୍ତ ପରୀକ୍ଷା ସହିତ ତୁଳନା କରାଯିବ। ଫଳାଫଳ ସନ୍ତୋଷଜନକ ହେଲେ, ଏହି କୌଶଳ ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ।



## ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ

# ବର୍ଷାରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ

ଓଭାଲ,୩୧ା୭ (ଏଜେନ୍ସି):

ବର୍ଷା ଓ ଓଭାଲ ପିଚ୍‌ର ସୁଇଠ ଓ ବାଉନ୍ସର ମୁକାବିଲା କରି ନ ପାରି ଏଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଶେଷ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୁରୁବାର ପ୍ରଥମ ଦିନ ରିପୋର୍ଟ ଲେଖା ହେଲାବେଳକୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୨୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ କରୁନ ନାୟାର ୧୨ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲ ୧ ରନ୍ କରି ଭାରତର ବିପର୍ଯ୍ୟୟକୁ ଅଟକାଇବା ଲାଗି ସଂଘର୍ଷ କରୁଛନ୍ତି। ଏହି ଇନିଂସରେ ଭାରତ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୩୮, ସୁନୀଲ ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଥିବା ଅଧିନାୟକ ଶୁବମନ ଗିଲ୍ ୨୧, ଲୋକେଶ ରାହୁଲ ୧୪ ରନ୍‌ରେ ଆଉଟ ହୋଇଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ୨ ଓ ଚତୁର୍ଥ ଟେଷ୍ଟ ହିରୋ ରବୀନ୍ଦ୍ର ଜାଡେଜା ୯ ରନ୍‌ର ଯୋଗଦାନ ଦେଇପାରିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ସର୍ବାଧିକ ୨ଟି, ଗସ୍ ଆଟକିନସନ ଓ କ୍ରିସ୍ ଓକ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



ଏହି ମ୍ୟାଚ୍‌ରେ ଉଭୟ ଦଳ ୪ଜଣ ଲେଖାଏଁ ଖେଳାଳିଙ୍କୁ ପରିବର୍ତ୍ତନ କରି ଖେଳିଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଆହତ ହୋଇଥିବାରୁ ଓଲି ପୋପ୍ ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିଲେ। କିନ୍ତୁ ବର୍ଷା ଯୋଗୁ ୩ଥର ଖେଳକୁ ବନ୍ଦ ରଖାଯାଇଥିଲା। ଲଞ୍ଚ୍ ବେଳକୁ ୨୩ ଓଭର ଖେଳ ହୋଇଥିଲାବେଳେ ଭାରତ ୨ ୱିକେଟରେ ୭୨ ରନ୍ କରିଥିଲା। ଲଞ୍ଚ୍ ପରେ ଖେଳ ଆରମ୍ଭ ପୂର୍ବରୁ ହଠାତ୍ ବର୍ଷା ହେବାରୁ ଖେଳକୁ ପୁଣି ବନ୍ଦ ରଖାଯାଇଥିଲା। ଏହି ବର୍ଷାରେ ପିଚ୍ ଓଦା ହୋଇଯିବାରୁ ଅଧିକ ସମୟ ଖେଳ ବନ୍ଦ ହୋଇଥିଲା। ଅମ୍ପାୟାର ଖେଳ ଆରମ୍ଭ କରିବାର ନିଷ୍ପତ୍ତି ନେବା ପରେ ୬ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଭଲ ଖେଳୁଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଷ୍ଟ୍ରାଇକ୍‌ରେ ଥାଇ ଏକ ଅନାବଶ୍ୟକ ରନ୍ ନେବାକୁ ଯାଇ ରନ୍ ଆଉଟ ହୋଇଥିଲେ। ଭାରତ ୩ ୱିକେଟରେ ୮୫ ରନ୍ କରିଥିଲାବେଳେ ଅମ୍ପାୟାର ଚା'ପାନ ବିରତି କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୦.୮ ମିଲିମିଟର ଘାସ ଥିବା ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଖେଳୁ ନ ଥିବାରୁ ତାଙ୍କ ବଦଳରେ ଖେଳୁଥିବା ଗସ ଆଟକିନସନ ଓ ଜେମି ଓଭରଟନ ପ୍ରଭାବ ବିସ୍ତାର କରି ଖେଳିଥିଲେ। ଆଟକିସନ ପ୍ରତିପକ୍ଷ ଯୁବ ଓପନର ଜୟସ୍ୱାଲଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ଘରୋଇ ଦଳକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରେ ସୁଦର୍ଶନ ଓ ରାହୁଲ ଏଭଳି କଷ୍ଟସାଦ୍ଧ ପିଚ୍‌ରେ ଇଂଲଣ୍ଡ ବୋଲରଙ୍କୁ ସହଜରେ ମୁକାବିଲା କରିଥିଲେ। କିନ୍ତୁ ୬ ଓଭରରେ ୭ ରନ୍ ହେବା ପରେ ରାହୁଲ ଚାପରେ ଆସି ଓକ୍ସଙ୍କ ଏକ ସଟ୍ ପିଚ୍ ବଲ୍‌କୁ ସଟ୍ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ମିସ୍ ହୋଇଯିବାରୁ ସେ ବୋଲ୍ଡ ଆଉଟ ହୋଇଯାଇଥିଲେ। ଚଳିତ ସିରିଜ୍‌ରେ ରାହୁଲ ଏତେ ଭଲ ଖେଳିଥିଲେ ମଧ୍ୟ ଏଭଳି ତ୍ରୁଟି କରିଥିଲେ। ଦୁଇ ଓପନର ୩୮ ରନ୍ ମଧ୍ୟରେ ପାଭିଲିୟନ ଫେରିଯିବା ପରେ ସୁଦର୍ଶନଙ୍କ ସହ ଗିଲ ଯୋଗ ଦେଇ ଭାରତୀୟ ଇନିଂସକୁ ଆଗକୁ ବଢ଼ାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୧୨୫/୫,୪୨ ଓଭର (ସାଇ ସୁଦର୍ଶନ-୩୮, ଶୁବମନ ଗିଲ୍-୨୧, ଲୋକେଶ ରାହୁଲ-୧୪, ଯଶସ୍ୱୀ ଜୟସ୍ୱାଲ-୨, ଜୋଶ୍ ଟଙ୍ଗ୍-୨/୩୪, ଗସ ଆଟକିନସନ-୧/୧୫, କ୍ରିସ୍ ଓକ୍ସ-୧/୩୧)।**

### ଗାଭାସ୍କରଙ୍କ ୪୭ ବର୍ଷର ରେକର୍ଡ ଭାଙ୍ଗିଲେ ଗିଲ୍

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଯେତେବେଳେ ଭାରତ ବିପଦରେ ପଡ଼ିଛି ସେହି ସମୟରେ ଦଳର ଅଧିନାୟକ ଶୁବମନ ଗିଲ ପାହାଡ ପରି ଛିଡ଼ା ହୋଇଛନ୍ତି। ଏହି କ୍ରମରେ ସେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଜଣେ ଅଧିନାୟକ ଭାବେ ସୁନୀଲ ଗାଭାସ୍କରଙ୍କ ନାମରେ ଥିବା ୪୭ ବର୍ଷର ରେକର୍ଡକୁ ଭାଙ୍ଗିଦେଇଛନ୍ତି। ଗାଭାସ୍କର ୧୯୭୮ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୭୩୨ ରନ୍ କରିଥିଲେ। କିନ୍ତୁ ଗିଲ ଏହି ରେକର୍ଡକୁ ଅତିକ୍ରମ କରିଯାଇଥିଲେ। ଜଣେ ଅଧିନାୟକ ଭାବେ ୧୯୩୬ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୮୧୦ ଓ ୧୯୯୦ରେ ଇଂଲଣ୍ଡ ଅଧିନାୟକ ଗ୍ରାହମ ଗୁଚ୍ ୭୫୨ ରନ୍ କରିଥିଲେ। ଶୁବମନ ଏହି ଟେଷ୍ଟରେ ୨୧ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ସେ ୫ମ ଟେଷ୍ଟ ଖେଳି ୭୪୩ ରନ୍ କରିଛନ୍ତି। ଏହା ମଧ୍ୟରେ ୪ଟି ଶତକ ରହିଛି।

### ସିରିଜ୍‌ର ସମସ୍ତ ଟସ୍ ହାରିବାରେ ଗିଲ୍ ଚତୁର୍ଥ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଦଳର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ଏଠାରେ ଖେଳାଯାଇଥିବା ୫ଟି ଯାକ ଟେଷ୍ଟରେ ଟସ୍ ହାରିଛନ୍ତି। ଏହାକୁ ମିଶାଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ କ୍ରମାଗତ ୧୫ଥର ଟସ୍ ହାରିସାରିଲାଣି। କିନ୍ତୁ କାମଚଳା ଅଧିନାୟକ ଓଲି ପୋପ୍ ପୂର୍ବରୁ ୧୪ଥର ଟସ୍ ହାରିଥିଲେ ମଧ୍ୟ ଏଠାରେ ଟସ୍ ଜିତିଛନ୍ତି। ବିଶ୍ୱରେ ୧୪ଥର ଜଣେ ଅଧିନାୟକ ସମସ୍ତ ୫ଟି ଯାକ ଟସ୍ ହାରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସମସ୍ତ ୫ଟି ଯାକ ଟସ୍ ହାରିଥିବା ଅନ୍ୟ ଭାରତୀୟ ଅଧିନାୟକମାନେ ହେଲେ ୧୯୪୮-୪୯ରେ ଲାଲା ଅମରନାଥ ଓ ୧୯୮୨-୮୩ରେ କପିଳ ଦେବ ବନାମ ୱେଷ୍ଟଇଣ୍ଡିଜ୍, ୨୦୧୮ରେ ବିରାଟ କୋହଲି ବନାମ ଇଂଲଣ୍ଡ।

## ୮ ଖେଳାଳି ପରିବର୍ତ୍ତନ

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଆଜି ଆରମ୍ଭ ହୋଇଥିବା ୫ମ ଟେଷ୍ଟରେ ଚତୁର୍ଥ ଟେଷ୍ଟ ଖେଳିଥିବା ୮ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଉଭୟ ଦଳରେ ୪ଜଣ ଲେଖାଏଁ ବଦଳିଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ ଦଳରୁ ୩ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା, ଶାର୍ଦ୍ଦୁଳ ଠାକୁର ଓ ଡେବ୍ୟୁଟାଣ୍ଟ ଅଂଶୁଲ କାମ୍ବୋଜ୍‌ଙ୍କ ସହ ଆହତ ୱିକେଟ ରକ୍ଷକ ଋଷଭ ପନ୍ତଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଥିଲା। ସେମାନଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା, ବ୍ୟାଟର କରୁନ ନାୟାର ଓ ୱିକେଟକିପର ଧ୍ରୁବ ଜୁରେଲଙ୍କୁ ସ୍ଥାନ ଦେଇଛି। ସେହିପରି ଇଂଲଣ୍ଡ ଦଳରୁ ଆହତ ଅଧିନାୟକ ବେନ୍ ଷ୍ଟୋକ୍ସ, ଫାଷ୍ଟ ବୋଲର ଜୋଫ୍ରା ଆର୍ଚର, ସ୍ପିନର ଲିଆମ ଡାଓସନ ଓ ବ୍ରାଇଡନ କାର୍ସଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ ୩ ଫାଷ୍ଟ ବୋଲର ଗସ ଆଟକିନସନ, ଜୋଶ ଟଙ୍ଗ୍ ଓ ଜେମି ଓଭରଟନ, ଅଲରାଉଣ୍ଡର ଜ୍ୟାକବ ବେଥେଲଙ୍କୁ ସାମିଲ କରିଛି। ଷ୍ଟୋକ୍ସଙ୍କ ସ୍ଥାନରେ ଓଲି ପୋପ୍ ଦଳର ନେତୃତ୍ୱ ନେଉଛନ୍ତି।

### ପଦାର୍ପଣ ଲାଗି ୯୬୧ ଦିନର ଅପେକ୍ଷା



ଏହି ସିରିଜ୍‌ରେ ଯେଉଁ ୩ ଭାରତୀୟ ଖେଳିବାକୁ ସୁଯୋଗ ପାଇ ନାହାନ୍ତି ତାଙ୍କ ମଧ୍ୟରେ ବେଙ୍ଗଲ ରଣଜୀ ଦଳର ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଅନ୍ୟତମ। ଭାରତୀୟ ଟେଷ୍ଟ ଦଳରେ ୯୬୧ ଦିନ ହେଲା ସାମିଲ ହୋଇଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ଡେବ୍ୟୁ କରିବାକୁ ସୁଯୋଗ ମିଳିପାରିଲାନି। ସେ ସାମିଲ ହେବା ପରଠାରୁ ୧୫ଜଣ ଖେଳାଳି ଭାରତ ପକ୍ଷରୁ ଡେବ୍ୟୁ କରିସାରିଲେଣି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ କେବଳ ରିଜର୍ଭ ଖେଳାଳି ଭାବେ ରହିଯାଇଛନ୍ତି। ୧୦୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଈଶ୍ୱରନଙ୍କ ଭାଗ୍ୟ କେବେ ପରିବର୍ତ୍ତନ ହେବ ତାହା କିଏ କହିବ?

### ପ୍ରତିଟେଷ୍ଟରେ ଖେଳାଳି ବଦଳାଇଛି ଭାରତ, ୩ ସୁଯୋଗ ପାଇଲେନି

ଇଂଲଣ୍ଡ ସହ ଏଠାରେ ଦଳ ଖେଳିଥିବା ୫ଟି ଯାକ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭିନ୍ନ ଭିନ୍ନ ଖେଳାଳିଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଛି। କିନ୍ତୁ ଏହି ସିରିଜ୍ ଲାଗି ଆରମ୍ଭରୁ ଦଳରେ ସ୍ଥାନ ପାଇଥିବା ୩ଜଣ ଖେଳାଳିଙ୍କୁ ଆଦୌ ସୁଯୋଗ ମିଳିଲା ନାହିଁ। ଏମାନଙ୍କ ମଧ୍ୟରେ ଅଭିଜ୍ଞ ସ୍ପିନର କୁଲଦୀପ ଯାଦବଙ୍କୁ ଟିମ୍ ମ୍ୟାନେଜ୍‌ମେଣ୍ଟ ଚାହିଁଥିଲେ ମଧ୍ୟ ସମୀକରଣ ଯୋଗୁ ଖେଳାଇ ପାରି ନ ଥିଲା। କିନ୍ତୁ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଦୁଇଥର ଡେବ୍ୟୁ କରିବା ନିଶ୍ଚିତ ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ସୁଯୋଗ ପାଇଲେନି।

## ଏସିଆନ୍ ପେନଚାକ୍ ସିଲାଟ୍‌ରେ ପ୍ଲିଜାଲିନଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୩୧।୭ (ସମିସ): ଏସିଆନ୍ ପେନଚାକ୍ ସିଲାଟ୍‌ର ୯ମ ସଂସ୍କରଣ ଭିଏତ୍‌ନାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଝିଅ ପ୍ଲିଜାଲିନ ତରାଇ ରୌପ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୁଲାଇ ୨୪ରୁ ଆରମ୍ଭ ହୋଇଥିବା ଏହି ଇଣ୍ଡୋନେସିଆଭିତ୍ତିକ ମାର୍ଶାଲଆର୍ଟ କ୍ରୀଡ଼ାରେ ପ୍ଲିଜାଲିନ ୭୦-୭୫ କିଗ୍ରା ବିଭାଗରେ ଭାଗନେଇଥିଲେ। ଏଥିରେ ସେ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ପଦକ ସଫଳତା ପାଇଥିଲେ। ସେହିଭଳି ଅନ୍ୟତମ ଓଡ଼ିଆ ଖେଳାଳି ରଞ୍ଜିତ ନାୟକ ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ପ୍ଲିଜାଲିନଙ୍କ ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଯେଦୁଲା ବିଜୟ, ଆଡିସନାଲ ସେକ୍ରେଟାରୀ ଅଶୋକ ପଣ୍ଡା, ସୋନାଲି ଚାନ୍ଦଙ୍କ ସମେତ ରାଜ୍ୟ ପେନଚାକ୍ ସଂଘର ସଭାପତି ତାପସ କୁମାର ରାୟ, ସମ୍ପାଦକ ସମ୍ପାଦକ ପ୍ରେମ ସିଂ



ଥାପ୍ପା, ଉପସଭାପତି ମନୋରଞ୍ଜନ ଭଞ୍ଜ, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅଗଷ୍ଟ ୨୯ରୁ ପ୍ରୋ-କବାଡ଼ି ଲିଗ୍-୧୨

### ଟାଇଟନ୍ସ-ଥଲାଇଭାସ୍ ଉଦ୍‌ଘାଟନୀ ଲଢ଼େଇ

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ଲୋକପ୍ରିୟ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସଂସ୍କରଣ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଯାଉଛି। ତେଲ୍‌ଗୁ ଟାଇଟନ୍ସ ଓ ତାମିଲ ଥଲାଇଭାସ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଭାଇଜାଗ୍‌ର ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଦ୍ୱିତୀୟ ମୁକାବିଲାରେ ବେଙ୍ଗାଲୁରୁ ବୁଲ୍ସ ଓ ପୁନେରୀ ପଲ୍‌ଟନ୍ସ ପରସ୍ପରକୁ ଭେଟିବେ। ପିକେଏଲ୍-୧୨ ଲାଗି ଗୁରୁବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀରୁ ଏହା ସ୍ପଷ୍ଟ ହୋଇଛି। ଚଳିତ ସଂସ୍କରଣରେ ୧୨ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା ଷ୍ଟିଲର୍ସ ଅଗଷ୍ଟ ୩୧ରେ ବେଙ୍ଗଲ୍ ୱାରିୟର୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

ଏଥର ଦେଶର ୪ଟି ପ୍ରମୁଖ ସହର ଭାଇଜାଗ, ଜୟପୁର, ଚେନ୍ନାଇ ଓ ଦିଲ୍ଲୀରେ ପର୍ଯ୍ୟାୟକ୍ରମେ ମ୍ୟାଚ୍ ଖେଳାଯିବ। ଦୀର୍ଘ ୭ ବର୍ଷ ପରେ ବନ୍ଦର ସହର ଭାଇଜାଗ୍‌କୁ ପ୍ରୋ କବାଡ଼ି ଲିଗ୍ ଫେରିଛି। ଏଠାରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ୨୮ଟି




ମ୍ୟାଚ୍ ଆୟୋଜିତ ହେବ। ଏହାପରେ ସେପ୍ଟେମ୍ବର ୧୨ରୁ ଜୟପୁରର ଏସ୍‌ଏମ୍‌ଏସ୍ ଷ୍ଟାଡିୟମରେ ଦ୍ୱିତୀୟ ଲେଗ୍, ସେପ୍ଟେମ୍ବର ୨୯ରୁ ଚେନ୍ନାଇରେ ୩ୟ ଲେଗ୍ ଓ ଫାଇନାଲ ତଥା ୪ର୍ଥ ଲେଗ୍ ଅକ୍ଟୋବର ୧୩ରୁ ଦିଲ୍ଲୀରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ।

## ପିତାଙ୍କୁ ପୁଣିଥରେ ପ୍ରଶିକ୍ଷକ ରଖିଲେ ସିତ୍‌ସିପାସ୍

ଏଥେନ୍ସ, ୩୧।୭ (ଏଜେନ୍ସି): ଗ୍ରୀକ୍ ଟେନିସ ତାରକା ଷ୍ଟିଫାନୋସ୍ ସିତ୍‌ସିପାସ୍ ପୁଣିଥରେ ତାଙ୍କ ପିତା ଆପୋଷ୍ଟୋଲୋସଙ୍କୁ ପ୍ରଶିକ୍ଷକ ଭାବେ କରିଛନ୍ତି। ଗତ ସପ୍ତାହରେ ପୂର୍ବତନ ପ୍ରଶିକ୍ଷକ ଗୋରାନ ଇଭାନିସେଭିସ୍‌ଙ୍କଠାରୁ ଅଲଗା ହେବାପରେ ୨୬ ବର୍ଷୀୟ ସିତ୍‌ସିପାସ୍ ପିତାଙ୍କୁ ନିଜର ଗୁରୁଭାବେ ପୁଣିଥରେ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପୂର୍ବରୁ ୨୦୨୪ ଅଗଷ୍ଟରେ ସିତ୍‌ସିପାସ୍ ତାଙ୍କ ପିତାଙ୍କୁ ପ୍ରଶିକ୍ଷକ ପଦରୁ ହଟାଇଦେଇଥିଲେ। ସେହି ସମୟରେ ସିତ୍‌ସିପାସ ଖରାପ ପ୍ରଦର୍ଶନ କରି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୩୦ତମ ସ୍ଥାନକୁ ଖସିଯାଇଥିଲେ। ତେଣୁ ସେ ପିତାଙ୍କୁ ହଟାଇ ଗୋରାନଙ୍କୁ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଥିଲେ। ନିକଟରେ କିନ୍ତୁ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସିତ୍‌ସିପାସ୍ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ। ଏଥିରେ ହତୋତ୍ସାହିତ ହୋଇ ତାଙ୍କ ପ୍ରଶିକ୍ଷକ ଗୋରାନ କହିଥିଲେ ଯେ, ସେ ତାଙ୍କ ଜୀବନରେ ଏଭଳି ଅପ୍ରସ୍ତୁତ ଖେଳାଳି କେବେ ଦେଖିନାହାନ୍ତି।' ଏହି ଘଟଣା ପରେ ସିତ୍‌ସିପାସ୍ ଓ ଗୋରାନ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବତନ ୱିମ୍ବଲଡନ ଚାମ୍ପିଅନ ଗୋରାନ ପୂର୍ବରୁ ନୋଭାକ ଜୋକୋଭିଚ୍‌ଙ୍କ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଜୋକୋଭିଚ୍ ୯ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିଲେ।

## ପ୍ରଥମ ଟେଷ୍ଟ | ପାଳି ପରାଜୟ ଏଡ଼ାଇବାକୁ ଜିମ୍ବାୱେର ସଂଘର୍ଷ

ବୁଲାୱାୟୋ, ୩୧।୭ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଜିମ୍ବାୱେ ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ କରୁଛି। ୧୫୮ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଜିମ୍ବାୱେ ଗୁରୁବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୩ ଓଭରରେ ୨ ୱିକେଟ୍ ହରାଇ ୩୧ ରନ ସଂଗ୍ରହ କରିଛି। ପାଳି ପରାଜୟ ଏଡ଼ାଇବା ଲାଗି ଜିମ୍ବାୱେ ବଳକା ଥିବା ୮ ୱିକେଟ୍‌ରେ ଆଉ ୧୨୭ ରନ ଆବଶ୍ୟକ କରୁଛି। ପୂର୍ବରୁ ଡେଭନ କନୱେ ଓ ଡାରୀଲ ମିଚେଲ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୩୦୭ ରନ କରିପାରିଥିଲା। ଓପନିଂ ଆସିଥିବା କନୱେ ୮୮ ଓ ମିଚେଲ ୮୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ୟଙ୍ଗ୍ ୪୧, ହେନରୀ ନିକୋଲସ ୩୪, ଅଧିନାୟକ ମିଚେଲ ସାଣ୍ଟନର ୧୯ ଓ ନାଥନ ସ୍ମିଥ୍ ୨୨ ରନ କରିଥିଲେ। ବୋଲିଂରେ ଘରୋଇ ଜିମ୍ବାୱେ ଦଳର ବ୍ଲେସିଙ୍ଗ ମୁଜରବାନୀ ୩ ଓ ତନକା ଚିଭାଙ୍ଗା ୨ଟି ୱିକେଟ୍ ନେଇଛନ୍ତି। ଜିମ୍ବାୱେକୁ ପ୍ରଥମ ପାଳିରେ ୧୪୯ ରନରେ ସୀମିତ ରଖିଥିଲେ। ମ୍ୟାଟ୍ ହେନରୀଙ୍କୁ ୬ଟି ୱିକେଟ୍ ମିଳିଥିଲା।



ଡେଭନ କନୱେ

## କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ନୂଆଦିଲ୍ଲୀ, ୩୧।୭ (ଏଜେନ୍ସି): ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମ୍ୟାଚରେ ଲକ୍ଷ୍ୟ ୨୧-୧୪, ୧୪-୨୧, ୨୧-୧୭ ଗେମ୍‌ରେ ଇଣ୍ଡୋନେସିଆର ସିଏ ୱାଡୋୟୋଙ୍କୁ ପରାସ୍ତ କରିଥିଲେ।

## ୱାଶିଂଟନରେ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ | ଅପରାଜିତା ଏଫ୍‌ପିଓ



ଭୁବନେଶ୍ୱର,୩୧ା୭ (ସମିସ): ଭାରତ ଓ ଓଡ଼ିଶା ଲାଗି ଗୌରବର ବିଷୟ। ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଛିକାର ଆମେରିକାର ୱାଶିଂଟନଠାରେ ହେବାକୁ ଥିବା ୱାର୍ଲ୍ଡ ଟିମ୍ ଚେସ୍ ଲାଗି ଏଫ୍‌ପିଓ (ଫେୟାର ପ୍ଲେ ଅଫିସର) ନିଯୁକ୍ତ ହୋଇଛନ୍ତି। ପୁରୁଷ ବିଭାଗରେ ଜର୍ମାନୀର ଜୁର୍ଗେନ କୁଏନର୍ସ ନିଯୁକ୍ତ ହୋଇଛନ୍ତି। ଅଗଷ୍ଟ ୨ରୁ ୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୮ଟି ଦେଶରୁ ୫୫ଟି ଦଳ ଅଂଶଗ୍ରହଣ କରିବେ। ଭାରତରୁ ଗୋଟିଏ ଦଳ ଭାଗ ନେଉଛି।

## ଏଚ୍‌ସିଏ ସଭାପତି, ସମ୍ପାଦକ ନିଲମ୍ବିତ

ହାଇଦରାବାଦ, ୩୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଗୁରୁବାର ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ)ର ସଭାପତି ଏ. ଜଗନ ମୋହନ ରାଓଙ୍କ ସମେତ ସମ୍ପାଦକ ଆର୍. ଦେବରାଜ ଓ କୋଷାଧ୍ୟକ୍ଷ ସିଜେ ଶ୍ରୀନିବାସଙ୍କୁ ନିଲମ୍ବିତ କରାଯାଇଛି। ଏଚ୍‌ସିଏ ଆପେକ୍ସ କାଉନସିଲର ଜରୁରୀକାଳୀନ ବୈଠକରେ ନିଲମ୍ବନ ନେଇ ନିଷ୍ପତ୍ତି ହୋଇଥିଲା। ନିକଟରେ ଆଇପିଏଲ୍ ଫ୍ରାଞ୍ଚାଇଜ ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଏକ ଗୁରୁତର ଅଭିଯୋଗ କରାଯାଇଥିଲା। ଯେଉଁଥିରେ ସନରାଇଜର୍ସ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଥିଲା ଯେ, ଗତ ଆଇପିଏଲ୍‌ରେ କମ୍ପ୍ଲିମେଣ୍ଟାରୀ ଓ କର୍ପୋରେଟ୍ ବକ୍ସ ପାସ୍ ପାଇଁ ଏଚ୍‌ସିଏର କର୍ମକର୍ତ୍ତା ବ୍ଲାକମେଲ୍ କରି ବଳପୂର୍ବକ ପାସ୍ ନେଇଥିଲା। ହାଇଦରାବାଦ୍ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବା ପରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା।

### ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର୍

## କ୍ୱାର୍ଟରଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୩୧।୭ (ସମିସ):

ଏଠାରେ ଚାଲିଥିବା ଗ୍ରୀନ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ରାକେଶ ପ୍ରଧାନ-କୁନାଲ ଅଗରୱାଲ, ଆକାଶ ମହାପାତ୍ର-ଆଶୁତୋଷ ପାଢ଼ୀ, ସିଦ୍ଧାର୍ଥ ସେନ-ଅବିନାଶ ମହାପାତ୍ରଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିଭଳି ଚିରାଗ ଆରୋରା ଓ ସୁଦୀପ୍ତ ଦାସଙ୍କ ମଧ୍ୟରେ ଅନୁଷ୍ଠିତ ରାଉଣ୍ଡ-୧୬ ମ୍ୟାଚ୍‌ର ବିଜେତା କ୍ୱାର୍ଟରରେ ସୁବ୍ରତ ଦାସଙ୍କୁ ଭେଟିବେ। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚ୍‌ଗୁଡ଼ିକରେ ସିଦ୍ଧାର୍ଥ ୪-୦ ଫ୍ରେମରେ ଅଲ୍‌ତାଫ୍ ଅଲିଙ୍କୁ, ରାକେଶ ୪-୦ରେ ବରୁଣ ପୂରବଙ୍କୁ, କୁନାଲ ୪-୩ରେ ନିଶାନ୍ତ ବିଶ୍ୱାଳଙ୍କୁ, ଅବିନାଶ ୪-୦ରେ ଚେତନ ଆନନ୍ଦଙ୍କୁ, ଆକାଶ ୪-୦ରେ ଶରଦ ବେହେରାଙ୍କୁ, ସୁବ୍ରତ ୪-୨ରେ ଜ୍ଞାନ ଦାସଙ୍କୁ ଓ ଆଶୁତୋଷ ୪-୦ ଫ୍ରେମରେ ରଞ୍ଜିତ ପତିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।




### ଜାତୀୟ ସବ୍‌ଜୁନିଅର ନ୍ୟାସ୍‌ନାଲ ହକି

## ଆଜି ମହାରାଷ୍ଟ୍ର-ଓଡ଼ିଶା ଲଢ଼େଇ



ଭୁବନେଶ୍ୱର, ୩୧।୭ (ସମିସ): ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣ ଚେନ୍ନାଇରେ ଚାଲିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଶୁକ୍ରବାର ମହାରାଷ୍ଟ୍ର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହି ପୁଲ୍‌ରେ ୩ୟ ଦଳ ଭାବେ ଚଣ୍ଡିଗଡ଼ ସ୍ଥାନ ପାଇଛି। ଅଗଷ୍ଟ ୨ରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚରେ ଚଣ୍ଡିଗଡ଼କୁ ଭେଟିବ। ଚାରୋଟି ପୁଲ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଅଗଷ୍ଟ ୫ରେ କ୍ୱାର୍ଟର, ୬ରେ ସେମିଫାଇନାଲ ଓ ୮ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS